
‘ଫୋର୍ସ-୩’ରେ ମୀନାକ୍ଷୀ
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-100 ◆MONDAY ◆6 OCTOBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୦୦ ◆ସୋମବାର ◆୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# କଟକ ଅଶାନ୍ତ କର୍ଫ୍ୟୁ ଜାରି

## ପୁଲିସ-ଶୋଭାଯାତ୍ରାକାରୀ ଖଣ୍ଡଯୁଦ୍ଧ ■ ଲାଠିଚାର୍ଜ, ଟିୟର୍-ଗ୍ୟାସ୍ ମାଡ଼



### ଡିସିପିଙ୍କ ସମେତ ଜଣେ ଏଡିସିପି, ୩ ଏସିପି ଓ ୨ ଆଇଆଇସି ଗୁରୁତର

### ମଲ୍‌ରେ ଭଙ୍ଗାରୁଜା; ୧୦ କ୍ୟାବିନ୍, ଅଟୋ ଜାଳିଦେଲେ ବିକ୍ଷୋଭକାରୀ

### ୨୪ ଘଣ୍ଟା ଇଣ୍ଟର୍‌ନେଟ୍ ସେବା ବନ୍ଦ, ସୋସିଆଲ୍ ମିଡିଆ ଉପରେ କଟକଣା

■ କଟକ, ୫।୧୦ (ସମିସ): ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ ଆସନ୍ତାକାଲି କଟକ ବନ୍ଦ ଡକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର କର୍ମୀ ଓ ପୁଲିସ୍ ମଧ୍ୟରେ ଆଜି ଖଣ୍ଡଯୁଦ୍ଧ ଲାଗି କଟକ ସହର ଅଶାନ୍ତ ହୋଇପଡ଼ିଛି। ଆସନ୍ତାକାଲିର ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରି ଭିଏଚ୍‌ପିର ଏକ ଶୋଭାଯାତ୍ରାକାରୀ ଦଳ ସହର ପରିକ୍ରମା କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ପରେ ଏହି ସ୍ଥିତି ଉପୁଜିଛି। ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍ୟକ୍ତ ଶୋଭାଯାତ୍ରାକାରୀମାନେ ଦରଘାବଜାର ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିବା ସହ ଗୋଟିଏ ଅଟୋ ରିକ୍ସା ଏବଂ ୧୦ଟି ଉଠା କ୍ୟାବିନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ଭିନ୍ନ ଏକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରାକାରୀଙ୍କ ଉପରକୁ କାଚ ବୋତଲ ଓ ଢେଲାପଥର ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ସହ ସଂଘର୍ଷରେ ୪ ଜଣ ଅଧିକାରୀଙ୍କ ସମେତ ୨୫ରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସହରର ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୩୬ ଘଣ୍ଟା ପାଇଁ କଟକର କେତେକ ସମ୍ବେଦନଶୀଳ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିବା ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।


ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଶ୍ରୀ ସିଂ ସୂଚନା ଦେଇ କହିଛନ୍ତି, କଟକ ୟୁପିଡିର ୧୩ଟି ଥାନା ଅଞ୍ଚଳରେ ଏହି ସାନ୍ଧ୍ୟ ଆଇନ ଲାଗୁ ▶ପୃଷ୍ଠା-୭

## ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ



■ ଭୁବନେଶ୍ୱର, ୫।୧୦ (ସମିସ): କଟକ ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ହଜାରେ ବର୍ଷର କଟକ ସହରରେ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ଶାନ୍ତି ଭଙ୍ଗ ହୋଇଛି ଓ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖାଯାଇଛି। ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ



■ ଭୁବନେଶ୍ୱର, ୫।୧୦ (ସମିସ): ଭାଇଚାରାର ସହର କଟକରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି। ଓଡ଼ିଶାବାସୀ, କଟକବାସୀ ସର୍ବଦା ଶାନ୍ତି ଓ ସଦ୍‌ଭାବ ଚାହାନ୍ତି। ତେଣୁ କଟକସହରରେ ଶାନ୍ତି ବଜାୟ ରଖିବା ପାଇଁ ସେ ସମସ୍ତ ସହରବାସୀଙ୍କୁ ଅନୁରୋଧ କରିଛନ୍ତି।

# ପୁଲିସ ଚାକିରି ବେପାର ଜାଲିଆତି ଚେର ଗଭୀର

## ବାଲେଶ୍ୱରରୁ ଧରାପଡ଼ିଲେ ଆଉ ଜଣେ ଦଲାଲ

■ ଭୁବନେଶ୍ୱର, ୫।୧୦ (ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ଚେର ବହୁ ଗଭୀରକୁ ଲମ୍ବିଛି। ଏହା ପଛରେ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତି ପ୍ରମୁଖ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏମାନେ କେବଳ ଚେସ୍‌ବୋର୍ଡର ଗୋଟି ବୋଲି ସୂଚନା ମିଳିଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ବାଲେଶ୍ୱରରୁ ଚାକିରି ବେପାର ସିଣ୍ଡିକେଟ୍‌ର ଅନ୍ୟଜଣେ ସହଯୋଗୀ କୁହାଯାଉଥିବା ଅରବିନ୍ଦ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାପରେ ଗିରଫ ସଂଖ୍ୟା ୧୧୯କୁ ବୃଦ୍ଧି ପାଇଛି। ତାଙ୍କ ନିକଟରୁ ଅନେକ ଆପତ୍ତିଜନକ ନଥିପତ୍ର ଜବତ ହୋଇଥିବା କୁହାଯାଇଛି। ସେହିପରି ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଦ୍ୱାରା ଭୁବନେଶ୍ୱର ରଘୁନାଥପୁରରେ ଏକ ପରୀକ୍ଷାକେନ୍ଦ୍ରରେ ମଧ୍ୟ ଚଢ଼ଉ କରାଯାଇଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ କିଛି ବଡ଼ବଡ଼ିଆଙ୍କ ହାତ ଥିବା କ୍ରାଇମବ୍ରାଞ୍ଚ ହାତରେ ସୁରାକ ଲାଗିଛି। ସେହିପରି କ୍ରାଇମବ୍ରାଞ୍ଚର ଅନ୍ୟଏକ ଟିମ୍ ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ଗୁପ୍ତ ରଞ୍ଜନ ନାୟକଙ୍କୁ ପଚରା ଉଚରା କରାଯାଉଛି। ▶ପୃଷ୍ଠା-୭

### ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ୍‌ରେ ଚଢ଼ଉ

### କଳା ତାଲିକାଭୁକ୍ତ ସଂସ୍ଥାକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ

## ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ଲିଙ୍କ୍

■ ଭୁବନେଶ୍ୱର, ୫।୧୦ (ସମିସ): ଏସଆଇ ପରୀକ୍ଷା ମହା ଦୁର୍ନୀତିର ଅନ୍ୟତମ ମୁଖ୍ୟ କାର୍ପଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଛି ବୋଲି କୁହାଯାଉଛି। ମାତ୍ର ଦୁଇଦିନ ତଳେ ଶଙ୍କର ପୃଷ୍ଟି ଓଡ଼ି-୦୭-ଏୟୁ-୯୭୭୭ ଗାଡ଼ିରେ ରାଜଧାନୀରେ ବୁଲୁଥିବା ସୂଚନା ମିଳିଛି। ଶଙ୍କର ପୃଷ୍ଟିର ଘର ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିକଟସ୍ଥ ବ୍ରାହ୍ମଣସାହି ଗ୍ରାମରେ। ବ୍ରହ୍ମପୁରରେ ମଧ୍ୟ ଶଙ୍କର ପୃଷ୍ଟିର ଘର ରହିଛି; କିନ୍ତୁ ସେହି ଘରେ ▶ପୃଷ୍ଠା-୭

## ସଂଶୟରେ ଓସିଏସ୍ ଓ ଆର୍‌ଆଇ ପରୀକ୍ଷାର୍ଥୀ

■ ଭୁବନେଶ୍ୱର, ୫।୧୦ (ସମିସ): ରାଜ୍ୟରେ ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପରିଚାଳିତ ପରୀକ୍ଷାରେ ଯାବତୀୟ ଅନିୟମିତତା ଓ କେଲେଙ୍କାରୀ ପଦାକୁ ଆସିବା ପରେ ମେଧାବୀମାନେ ନିରାଶ ହୋଇଛନ୍ତି। ଏହି ସମୟରେ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପରୀକ୍ଷା ଏବଂ ଆସନ୍ତା ୧୨ ତାରିଖରେ ହେବାକୁଥିବା ଓପିଏସ୍‌ସି ପରିଚାଳିତ ଓସିଏସ୍ ପରୀକ୍ଷାର ପରୀକ୍ଷାର୍ଥୀମାନେ ସଂଶୟ ମଧ୍ୟରେ ଗତି କରୁଛନ୍ତି। ବିଧାନସଭାର ଗତ ଶୀତ ଅଧିବେଶନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓପିଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷା ସମ୍ପର୍କରେ ପ୍ରଦାନ କରିଥିବା ନକରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ନିଯୁକ୍ତି ଜାଲିଆତିର ସବୁ ଗଳାବାଟ ବନ୍ଦ କରିଥିବା ଦୃଢ଼ୋକ୍ତି ବାଢ଼ିଥିଲେ। ମାତ୍ର କେଇଟା ମାସ ଯାଇନାହିଁ, ଗୋଟିଏ ପରେ ଗୋଟିଏ ପରୀକ୍ଷାର ପ୍ରଶ୍ନ ▶ପୃଷ୍ଠା-୭







# ଇଂଲଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

## ଆପେ ଖୋଲିଗଲା ଏମର୍ଜେନ୍ସି ଟର୍ବାଇନ




**ଅମୃତସର, ୫ ।୧୦(ଏଜେନ୍ସି):** ପଞ୍ଜାବର ଅମୃତସରରୁ ଇଂଲଣ୍ଡର ବର୍ମିଂହାମ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୧୭ (ବୋଇଂ ଡ୍ରିମ୍‌ଲାଇନର ୭୮୭-୮) ବର୍ମିଂହାମ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି।

### ଅହମଦାବାଦରେ ଏହି ମଡେଲ ବିମାନର ଦୁର୍ଘଟଣା ହୋଇଥିଲା

ଏହି ବିମାନ ଶନିବାର ଅମୃତସରରୁ ଯାତ୍ରା ଆରମ୍ଭ କରି ପ୍ରାୟ ୧୦ ଘଣ୍ଟା ୪୫ ମିନିଟ୍ ପରେ ବର୍ମିଂହାମରେ ପହଞ୍ଚି ଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଅବତରଣ କରିବା ପୂର୍ବରୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି) ଆପେ ଖୋଲି ଯାଇଥିଲା। ଫଳରେ ପାଇଲଟ ସତର୍କତା ଅବଲମ୍ବନ କରି ବିମାନର ଜରୁରୀକାଳୀନ ଅବତରଣ କରାଇଥିଲେ। ବର୍ମିଂହାମ୍‌ରେ ପହଞ୍ଚିବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା। ତେବେ ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ବିମାନର ସବୁ ଇଲେକଟ୍ରିକାଲ ଓ ହାଇଡ୍ରୋଲିକ ସିଷ୍ଟମ ସାମାନ୍ୟ ଭାବେ କାର୍ଯ୍ୟ କରୁଥିଲା ବୋଲି ଯାଞ୍ଚ ପରେ ଜଣାପଡିଛି। ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଛି। ବିମାନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନକୁ ବାତିଲ କରାଯାଇଛି ବୋଲି କୁହାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଭାରତ ପଠାଯାଇଛି। ଉଲ୍ଲେଖଥାଉ କି, ବୋଇଂ ଡ୍ରିମଲାଇନରର ଏହି ମଡେଲ ବିମାନ ଜୁନ୍ ୧୨ରେ ଅହମଦାବାଦ୍‌ରେ ଉଡ଼ାଣ କରିବାର କିଛି ମୂହୁର୍ତ୍ତ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

# ନ୍ୟାୟିକ ତଦନ୍ତ ନ ହେବା ଯାଏଁ ଜେଲ୍‌ରେ ରହିବି


ସୋନମ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି):** ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ସେ ଏହି ଜେଲ୍‌ରୁ ଏକ ଚିଠି ଲେଖି ହିଂସାରେ ୪ ଜଣଙ୍କ ମୃତ୍ୟୁ ମାମଲାର ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ନ୍ୟାୟିକ ତଦନ୍ତ ନ ହେବା ପର୍ଯ୍ୟନ୍ତ ସେ ଜେଲ୍‌ରେ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ରବିବାର ଜାରି କରାଯାଇଥିବା ଏହି ଚିଠିରେ ସୋନମ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ସେ ଆହତ ଏବଂ ଗିରଫ ଲୋକଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିଛନ୍ତି। ଶାନ୍ତି ଏବଂ ଏକତାକୁ ବଜାୟ ରଖି ଗାନ୍ଧୀଜୀଙ୍କ ଅହିଂସା ମାର୍ଗରେ ନିଜ ସଂଘର୍ଷକୁ ଆଗକୁ ବଢ଼ାଇବା ପାଇଁ ସେ ଲେହ ଏବଂ ଲଦାଖ ଲୋକଙ୍କୁ ଅନୁରୋଧ କରିଛନ୍ତି।

ଲେହ ଆପେକ୍ସ ବଡି (ଏଲଏବି)ର ଆଇନ ପରାମର୍ଶଦାତା ତଥା ଓକିଲ ମୁସ୍ତଫା ହାଜି ରବିବାର ଏହି ଚିଠି ଜାରି କରିଛନ୍ତି। ସେ ଏବଂ ସୋନମଙ୍କ ଭାଇ ତା ସେତନ ଦୋରଜେ ଲେ ଯୋଧପୁର ଜେଲ୍‌କୁ ଯାଇ ଶନିବାର ସାମାଜିକ କର୍ମୀଙ୍କୁ ଭେଟିଥିଲେ। ଗତ ୨୪ ତାରିଖରେ ହୋଇଥିବା ହିଂସାକୁ ଉସୁକାଇବା ମାମଲାରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ସୋନମକୁ ଗତ ୨୬ ତାରିଖରେ ଗିରଫ କରାଯାଇଥିଲା। ତାଙ୍କ ମୁକ୍ତି ଦାବିରେ ହେବିୟସ କର୍ପସ (ବନ୍ଦୀ ପ୍ରତ୍ୟକ୍ଷୀକରଣ) ଆବେଦନ ଦାଏର କରାଯାଇଛି। ସୋମବାର ଏହି ମାମଲାର ଶୁଣାଣି ହେବ। ଚିଠିରେ ୱାଙ୍ଗଚୁକ କହିଛନ୍ତି ଯେ ସେ ଶାରୀରୀକ ଏବଂ ମାନସିକ ଭାବେ ସୁସ୍ଥ ଅଛନ୍ତି। ଶୁଭେଚ୍ଛୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ଏଲଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ସ ଆଲାଏନ୍ସ (କେଡିଏ)କୁ ସମ୍ପୂର୍ଣ୍ଣ ସମର୍ଥନ ଦେବୁ। ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଦାବି ନ୍ୟାୟ ସଙ୍ଗତ। ଲଦାଖ ପାଇଁ ଏଲଏବି ଯେଉଁ ପଦକ୍ଷେପ ନେବ ତାହାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯିବ। ଏହା ପୂର୍ବରୁ ସ୍ୱାମୀଙ୍କୁ ନିର୍ଦ୍ଦୋଷ ଦର୍ଶାଇ ସୋନମଙ୍କ ସ୍ତ୍ରୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

## ଗେଷ୍ଟ ହାଉସ ହେବ କେଜ୍ରିୱାଲଙ୍କ ଶୀଶ୍ ମହଲ

**ନୂଆଦିଲ୍ଲୀ, ୫ ।୧୦(ଏଜେନ୍ସି):** ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଭବନ ତଥା ସିଏମ୍ ହାଉସ ଏବେ ନୂଆ ରୂପ ନେବାକୁ ଯାଉଛି। ଏହି ସିଏମ୍ ହାଉସ୍‌କୁ ଶୀଶ୍ ମହଲ କୁହାଯାଉଥିଲା। ଏହାର ପୁନର୍ଗଠନ ପାଇଁ କେଜ୍ରିୱାଲ ୪୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ ବିଜେପି ଏହାକୁ ଶୀଶ୍ ମହଲ ବୋଲି କହି ଚର୍ଚ୍ଚା ସୃଷ୍ଟି କରିଥିଲା। ଏବେ ଏହି ଶୀଶ୍ ମହଲ ଗେଷ୍ଟ ହାଉସ୍‌ର ରୂପ ନେବ। ଗେଷ୍ଟ ହାଉସ୍ ହେବା ପରେ ଏଠାରେ ପାର୍କିଂ ପାଇଁ ସ୍ଥାନ, ବୈଠକ ପ୍ରକୋଷ୍ଠ, ବେଟିଂ ହଲ, କାଫଟେରିଆ ଅର୍ଥାତ ସେଲ୍ଫ ସର୍ଭିସ ରେସ୍ତୋରାଁ ଓ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି କୁହାଯାଇଛି। ଅନ୍ୟ ଗେଷ୍ଟ ହାଉସ୍ ଭଳି ଏଠାରେ ମନ୍ତ୍ରୀ, ଅଧିକାରୀ ରହିବେ ଓ ଭଡ଼ା ବି ଦେବେ।

## ଆମେରିକାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରହିବ

**ୱାଶିଂଟନ, ୫ ।୧୦ (ଏଜେନ୍ସି):** ଆମେରିକାର ବିଶ୍ୱ ବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ସୀମିତ କରିବା ପାଇଁ ଟ୍ରମ୍ପ ସରକାର ଏବେ ନୂଆ ନିଷ୍ପତ୍ତି ନେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରଖିବାକୁ ଦେଶର ୯ଟି ବଡ଼ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ସରକାରୀ ପାଣ୍ଠି ଆବଶ୍ୟକ ତେବେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରୁ ନ ବଢ଼ାଇବାକୁ ଚିଠିରେ ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟରେ କୌଣସି ଦେଶର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫%ରୁ ଅଧିକ ହେବ ନାହିଁ। ଏହି ନିୟମ ଲାଗୁହେଲେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିବ। ଆମେରିକା ବିଶ୍ୱବିଦ୍ୟାଳୟରେ ଭାରତ ଓ ଚୀନ୍‌ରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୫% ରହିଥାଏ। ତେଣୁ ୫% ସୀମା ଲାଗୁ ହେଲେ ଭାରତୀୟ ଛାତ୍ରାଛାତ୍ରୀମାନେ ଆମେରିକାରେ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ଖାସ୍ କରି ଶସ୍ତା ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ନାମ ଲେଖାଇବାରୁ ବଞ୍ଚିତ ହେବେ।

## ଆମେରିକା ସେନାରେ ଦାଢ଼ି, ଲମ୍ବା କେଶ ରଖିବା ମନା

**ୱାଶିଂଟନ, ୫ ।୧୦(ଏଜେନ୍ସି):** ଆମେରିକା ସୈନ୍ୟ ବାହିନୀରେ ଦାଢ଼ି ଓ ଲମ୍ବା କେଶ ରଖିବାକୁ ବାରଣ କରାଯାଇଛି। ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ଏହି ନୂଆ ନିୟମ ବିଷୟରେ ଘୋଷଣା କରିଛନ୍ତି। ଏହା ଅନୁସାରେ ଦାଢ଼ି, ଲମ୍ବା କେଶ ଓ ସ୍ୱତନ୍ତ୍ର କେଶ ବିନ୍ୟାସ ସହ ଗହଣା ଓ ପୋଷାକ ପ୍ରଦର୍ଶନ ଉପରେ ରୋକ ଲଗାଯାଇଛି। ଏହା ଉପରେ ସେନାରେ ଥିବା ଶିଖ୍ ସମ୍ପ୍ରଦାୟର ଯୁବକ ଅସନ୍ତୋଷ ଜାହିର କରିଛନ୍ତି। ଏହା ଦ୍ୱାରା ଶିଖ ସମ୍ପ୍ରଦାୟର ଧାର୍ମିକ ବିଶ୍ୱାସ ଓ ପରମ୍ପରା କ୍ଷୁର୍ଣ୍ଣ ହେବ ବୋଲି କୁହାଯାଇଛି।

# ଦାର୍ଜିଲିଂରେ ବର୍ଷା, ଭୂସ୍ଖଳନ ତାଣ୍ଡବ





**୪୦ ମୃତ, ଶତାଧିକ ଆହତ**
**ପୋଲ ଭାଙ୍ଗିଲା, ପର୍ଯ୍ୟଟନ ସ୍ଥଳ ବନ୍ଦ**
**ସିକିମ୍ ବାହ୍ୟଜଗତରୁ ବିଚ୍ଛିନ୍ନ**

**କୋଲକାତା, ୫ ।୧୦(ଏଜେନ୍ସି):** ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ତେବେ ସବୁଠାରୁ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ପାର୍ବତ୍ୟ ଅଞ୍ଚଳରେ। ଗତକାଲି ଠାରୁ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ଅତିକମରେ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ତେବେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୨୦ ବୋଲି କୁହାଯାଇଛି। ଭୂସ୍ଖଳନ ଓ ପୋଲ ଭୁଶୁଡ଼ିବା ଯୋଗୁଁ ହଜାରେରୁ ଅଧିକ ଲୋକ ବିଭିନ୍ନ ସ୍ଥାନରେ ଅଟକ ରହିଛନ୍ତି। ସେହିଭଳି ସିକିମ୍ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ପ୍ରବଳ ବର୍ଷା ହେବା କାରଣରୁ ଗତକାଲି ରାତିରେ ଦାର୍ଜିଲିଂର ୭ଟି ସ୍ଥାନରେ ଭୂସ୍ଖଳନ ହୋଇଛି। ମିରିକ୍- ସୁଖିଆ ପୋଖରୀ ରୋଡ୍ ନିକଟରେ ପାହାଡ଼ର ଏକ ଅଂଶ ଧସିଛି। ଫଳରେ ଅନେକ ଘର ଭାଙ୍ଗିଯାଇଛି ଓ ଏଥିରେ ୭ ଶିଶୁଙ୍କ ସମେତ ୨୦ ଜଣ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ଭୂସ୍ଖଳନ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଖାପାଖରେ ବହୁ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦାର୍ଜିଲିଂ ଜିଲ୍ଲାରେ ଦୁଇଟି ଲୁହା ନିର୍ମିତ ପୋଲ ଭାଙ୍ଗିଯାଇଛି। ପ୍ରବଳ ବର୍ଷା କାରଣରୁ ତିସ୍ତା ନଦୀରେ ବନ୍ୟା ଆସିଛି। ତିସ୍ତା ବଜାର ନିକଟରେ ବଲୁଖୋଲାରେ ପାଣି ପଶିଛି। ସିଲିଗୁଡି ସହ ସିକିମ ଓ କାଲିମପଙ୍ଗକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଦାର୍ଜିଲିଂ ସହରର କେତେକ ଅଞ୍ଚଳ ସହ ସମ୍ପର୍କ ଛିନ୍ନ ହୋଇଛି। ଦୁର୍ଗାପୂଜା ପରେ କୋଲକାତା ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଦାର୍ଜିଲିଂ ଯାଇଥିଲା ବେଳେ ସେଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଫସି ରହିଛନ୍ତି। । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଦାର୍ଜିଲିଂ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂସ୍ଖଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି।

କିଛି ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ଗୋର୍ଖାଲାଣ୍ଡ ପ୍ରାଦେଶିକ ପ୍ରଶାସନ ଦାର୍ଜିଲିଂରେ ସବୁ ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରିଛି। ଟାଇଗର ହିଲ ଓ ରକ୍ ଗାର୍ଡେନକୁ ମଧ୍ୟ ବନ୍ଦ କରିଦିଆଯାଇଛି। ସେହିପରି ଟଏ ଟ୍ରେନ୍ ଚଳାଚଳକୁ ମଧ୍ୟ ବନ୍ଦ କରିଦିଆଯାଇଛି। ପ୍ରବଳ ବର୍ଷା କାରଣରୁ ଦାର୍ଜିଲିଂ ସମେତ ଉତ୍ତର ବେଙ୍ଗଲ କ୍ଷତିଗ୍ରସ୍ତ ହୋଇଛି। ଜଲପାଇଗୁଡି, ସିଲିଗୁଡି ଓ କୁଚ ବେହାରରେ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ପୂର୍ବରୁ ଉତ୍ତର ବେଙ୍ଗଲରେ ପ୍ରବଳ ବର୍ଷା ହେବ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ସତର୍କତା ଜାରି କରିଥିଲା। ସିକିମକୁ ମଧ୍ୟ ଦୁଇଥର ରେଡ୍ ଆଲର୍ଟ ଜାରି କରାଯାଇଥିଲା। ଏହି ଅଞ୍ଚଳରେ ୭ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ଓ ବହୁ ଅଞ୍ଚଳରେ ବନ୍ୟା ଆସିବ ବୋଲି ସତର୍କତା ଜାରି କରାଯାଇଛି। ପଡୋଶୀ ନେପାଳରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ଗତ ୪୮ ଘଣ୍ଟା ମଧ୍ୟରେ ୫୨ ଜଣ ମୃତ୍ୟୁବରଣ କରିଛନ୍ତି।

# ନେପାଳରେ ଭୟଙ୍କର ଭୂସ୍ଖଳନ, ୫୨ ମୃତ



**କାଠମାଣ୍ଡୁ, ୫।୧୦ (ଏଜେନ୍ସି):** ନେପାଳରେ ଶୁକ୍ରବାରଠାରୁ ଭୀଷଣ ବର୍ଷା ଜାରି ରହିଛି। ଏହା ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ଯୋଗୁଁ ଅଚାନକ ବନ୍ୟା ମାଡି ଆସିଛି। ଅନେକ ସ୍ଥାନରେ ଭୟଙ୍କର ଭୂସ୍ଖଳନ ହୋଇଛି। ଏହା ଫଳରେ ଅନେକ ରାସ୍ତା ବନ୍ଦ ହୋଇ ଯାଇଛି। ପୋଲ ଭାସି ଯାଇଛି। ଶତାଧିକ ଘର ଭୁଶୁଡ଼ି ଯାଇଛି। ଏଥିରେ ଗତ ଦୁଇ ଦିନ ମଧ୍ୟରେ ୫୨ ଜଣ ପ୍ରାଣ ହରାଇଛନ୍ତି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକେ ଭାସି ଯାଇଛନ୍ତି। ଅବଶେଷ ତଳେ ଦବି ହୋଇ ରହିଛନ୍ତି। ଏବେ ୯ ଜଣ ନିଖୋଜ ଅଛନ୍ତି। ଏହି ବର୍ଷା ଜନିତ ଅଘଟଣରେ ପୂର୍ବ ନେପାଳର ଇଲାମ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଭୂସ୍ଖଳନରେ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍ଧାରକାର୍ଯ୍ୟରେ ସେନା ମୁତୟନ କରାଯାଇଛି। ଫସିଥିବା ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଇଲାମ ଜିଲ୍ଲା ଅଧିକାରୀ ସୁନିତା ନେପାଳ କହିଛନ୍ତି ଯେ ସାରା ରାତି ଭୟଙ୍କର ବର୍ଷା ହୋଇଥିଲା। ଏଥିପାଇଁ ଭୂସ୍ଖଳନ ହୋଇ ପ୍ରବଳ କ୍ଷୟକ୍ଷତି ଘଟିଥିଲା। ଅନେକ ଅଞ୍ଚଳରେ ରାସ୍ତା ଭାସି ଯାଇଥିବାରୁ ଏବଂ ଅବେଶଷ ଗଦା ହୋଇ ରହିଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଧାରକାରୀ ଦଳ ଚାଲି ଚାଲି ପ୍ରଭାବିତ କ୍ଷେତ୍ରରେ ପହଞ୍ଚିବାକୁ ପ୍ରୟାସ କରୁଛନ୍ତି। ରାଜଧାନୀ କାଠମାଣ୍ଡୁର ସ୍ଥିତି ମଧ୍ୟ ବିପଜ୍ଜନକ ରହିଛି। ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଘର ଏବଂ ବସ୍ତି ବୁଡି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ପଡୋଶୀ ପ୍ରଥମ ନୀତିରେ ଆବଶ୍ୟକ ପଡିଲେ ନେପାଳକୁ ଯଥାସମ୍ଭବ ସହାୟତା ଦିଆଯିବ ବୋଲି କହିଛନ୍ତି।

# 'ବିହାରରେ ଏସ୍ଆଇଆର ସଫଳ; ଏବେ ସାରା ଦେଶରେ ଲାଗୁ ହେବ'



**ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ କରାଯିବ**
**କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେନି**

**ପାଟନା, ୫।୧୦ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସ୍ଆଇଆର ପ୍ରକ୍ରିୟା ସମ୍ପୂର୍ଣ୍ଣ ସଫଳ ହୋଇଛି। ଭୋଟର ତାଲିକାରେ ଏହା ସବୁଠାରୁ ବଡ଼ ପଦକ୍ଷେପ ଥିଲା। ଚଳିତ ବର୍ଷ ଜୁନ୍ ୨୪ରେ ଏସଆଇଆର ଆରମ୍ଭ ହୋଇ ସଠିକ୍ ସମୟରେ ଶେଷ ହୋଇଥିଲା। ଏହି ସଫଳତା ପାଇଁ ଭୋଟରଙ୍କୁ ଧନ୍ୟବାଦ। ଏବେ ସାରା ଦେଶରେ ଏସ୍ଆଇଆର କରାଯିବ। ବିହାର ବିଧାନସଭା ନିର୍ବାଚନ ପ୍ରସ୍ତୁତିକୁ ନେଇ ରବିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରି ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହି ସୂଚନା ଦେଇଛନ୍ତି।

ସିଇସି କହିଛନ୍ତି ଯେ ଜନ ପ୍ରତିନିଧି ଆଇନ ଅନୁଯାୟୀ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚ କରାଯିବା ଉଚିତ। ନିର୍ବାଚନ ପରେ ଏସଆଇଆର ହୁଏ ନାହିଁ। ଏହା ନ୍ୟାୟ ସଙ୍ଗତ ନୁହେଁ। ବିହାରରେ ୯୦, ୨୧୭ ବୁଥ୍ ଲେଭୁଲ ଅଫିସର (ବିଏଲଓ) ବହୁତ ଭଲ କାମ କରିଛନ୍ତି। ସାରା ଦେଶରେ ହେବାକୁ ଥିବା ଏସ୍ଆଇଆର ପାଇଁ ବିହାର ବିଏଲଓ ଉଦାହରଣ ସୃଷ୍ଟି କରିବେ। ଏବେ ବୁଥ୍ ପର୍ଯ୍ୟନ୍ତ ମୋବାଇଲ ନେଇ ହେବ। ବୁଥ୍ ସେଣ୍ଟରର ୧୦୦ ମିଟର ଦୂରରେ ପୋଲିଂ ଏଜେଣ୍ଟ ବସିପାରିବେ। ବିହାର ନିର୍ବାଚନରେ ଇଭିଏମ ଉପରେ ପ୍ରାର୍ଥୀଙ୍କ କଲର ଫଟୋ ଲଗାଯିବ। ୱାନ ଷ୍ଟପ୍ ଡିଜିଟାଲ ପ୍ଲାଟଫର୍ମ ମଧ୍ୟ ବିହାରରେ ଲାଗୁ ହେବ। ବୁଥ୍‌ରୁ ଶହେ ମିଟର ଦୂରରୁ ପ୍ରାର୍ଥୀ ନିଜ ଏଜେଣ୍ଟଙ୍କୁ ଫୋନ କରିପାରିବେ। ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ ମଧ୍ୟ କରାଯିବ। ଏହା ବ୍ୟତୀତ ଭୋଟର ଚିହ୍ନିବା ପାଇଁ ବିଏଲଓଙ୍କ ନିମନ୍ତେ ମଧ୍ୟ ଆଇଡି କାର୍ଡ ଦିଆଯିବ। ଏଥର ମତଦାନ କେନ୍ଦ୍ର ବାହାରେ ମୋବାଇଲ ଜମା କରି ଲୋକେ ଭୋଟ ଦେଇପାରିବେ।


ଏବେ ବିହାର ବ୍ୟତୀତ ଦେଶର ଅନ୍ୟ କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେ ନାହିଁ ବୋଲି ସିଇସି ସୂଚନା ଦେଇଛନ୍ତି। ଯାହାର ଭୋଟର କାର୍ଡ ତଥ୍ୟରେ କୌଣସି ସଂଶୋଧନ ହୋଇନାହିଁ ତାଙ୍କୁ ୧୫ ଦିନ ଭିତରେ ଭୋଟର କାର୍ଡ ମିଳିଯିବ। ତଥ୍ୟ ପରିବର୍ତ୍ତନ ହୋଇ ନ ଥିଲେ ପୁରୁଣା ଭୋଟର କାର୍ଡ ଦେଖାଇ ଲୋକେ ଭୋଟ ଦେଇପାରିବେ।

# ଆମେରିକା ସଟ୍‌ଡାଉନ: ନୂଆଦିଲ୍ଲୀ, ମୁମ୍ବଇରେ ପ୍ରଭାବ

**ୱାଶିଂଟନ, ୫।୧୦ (ଏଜେନ୍ସି):** ହଠାତ୍ ମଧ୍ୟରାତ୍ରିରେ ଆମେରିକା ରାଜଧାନୀ ୱାଶିଂଟନର ଚଡ଼କ ପଡ଼ିଥିଲା। ଆମେରିକା ସରକାର ସଟ୍‌ଡାଉନ ହୋଇ ଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ କାମ ବନ୍ଦ କରିବାକୁ ପଡ଼ିଥିଲା। ସିନେଟରେ ସାଧାରଣ ସହମତି ପ୍ରକାଶ ନ ପାଇବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଅର୍ଥ ବିଲ୍‌କୁ ଅନୁମୋଦନ ଦେବାରେ ସଂସଦମାନେ ବିଫଳ ହେବାରୁ ଲକ୍ଷାଧିକ କର୍ମଚାରୀଙ୍କ ଉପରେ ବିପଦ ପଡ଼ିଥିଲା। ଏହା ଏକ ଘରୋଇ ରାଜନୈତିକ ଅଚଳାବସ୍ଥା ପରି ମନେ ହୁଏ। ଏହା ବିଶ୍ୱର ବୃହତ ଅର୍ଥନୀତି ଆମେରିକାର ଅଣ୍ଟାକୁ ଭାଙ୍ଗିଦେଇଛି। ପ୍ରଶାସନର କିଛି ଅଂଶକୁ ଧ୍ୱସ୍ତ କରିଦେଇଛି। ୭ ଲକ୍ଷ ୫୦ ହଜାର କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୩ ଲକ୍ଷଙ୍କ ଉପରେ ଛଟେଇର ଖଣ୍ଡା ଝୁଲୁଛି। ଅନେକ ଜରୁରୀକାଳୀନ ସେବା ମଧ୍ୟ ବନ୍ଦ ହୋଇଯାଇଛି। କେବଳ କ୍ୟାପିଟଲ ହିଲ୍ ନୁହେଁ, ସମଗ୍ର ଦେଶ ଏହି ଆର୍ଥିକ ଝଟ୍‌କାରେ ଥରି ଉଠିଛି। ଏହାକୁ ନେଇ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକାରେ ସଙ୍କଟ ବଢ଼ିବାରେ ଲାଗିଛି। ଗଣତନ୍ତ୍ରକୁ ନେଇ ଡିଣ୍ଡିମ ପିଟୁଥିବା ଏହି ଦେଶ ୫ ଦିନ ହେଲା ସଟ୍‌ଡାଉନ ରହିଛି।


ବିଶ୍ୱ ବଜାର ଅନିଶ୍ଚିତତାକୁ ପସନ୍ଦ କରି ନ ଥାଏ। କିନ୍ତୁ ବିଶ୍ୱ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ଆମେରିକାରେ ଏବେ ଅସ୍ଥିରତା ଲାଗି ରହିଛି। ଟ୍ରମ୍ପ ପ୍ରଶାସନ ଦେଇଥିବା ଶୁଳ୍କ ଏବଂ ନୀତିଗତ ଝଟ୍‌କା ମଧ୍ୟରେ ବିଶ୍ୱରେ ଛବିକୁ ଖରାପ କରୁଛି। ଏହି ସଟ୍‌ଡାଉନ ସକାରାତ୍ମକ ସଙ୍କେତ ଦେଉ ନାହିଁ। ଗତ ୩୦ ଏବଂ ୧ ତାରିଖ ମଧ୍ୟରାତ୍ରିରେ ବିବାଦ ଯୋଗୁଁ ସିନେଟରେ ଅର୍ଥ ବିଲ୍‌କୁ ଅନୁମୋଦନ ମିଳି ନ ଥିଲା। ନୂଆ ନୀତିଗତ ଆଶ୍ୱସ୍ତି ବିନା ସରକାର ଚଳାଇବା ପାଇଁ ରିପବ୍ଲିକାନ ଦଳ ଏକ ସଙ୍କଳ୍ପ ଆଣିଥିଲା। ମାତ୍ର ସ୍ୱାସ୍ଥ୍ୟନୀତିରୁ ସବ୍‌ସିଡି ପ୍ରତ୍ୟାହାରକୁ ଡେମୋକ୍ରାଟ ଦଳ ବିରୋଧ କରିବାରୁ ବିଲ୍‌କୁ ଅନୁମତି ମିଳି ନ ଥିଲା। ଏଥିଯୋଗୁଁ ୨୭ ଟ୍ରିଲିୟନ ଡଲାରର ଅର୍ଥନୀତି ଅଚଳ ହୋଇ ଯାଇଥିଲା। ସରକାର ପରିଚାଳନା ପାଇଁ ବର୍ଷକୁ ଖର୍ଚ୍ଚ କରାଯାଉଥିବା ୬.୫ ଟ୍ରିଲିୟନ ଡଲାରକୁ ମଧ୍ୟ ଅଟକାଇ ଦିଆଯାଇଥିଲା। ଆମେରିକାରେ ସୃଷ୍ଟି ହୋଇଥିବା ଏହି ସଙ୍କଟର ପ୍ରଭାବ ନୂଆଦିଲ୍ଲୀ ଏବଂ ମୁମ୍ବଇ ଉପରେ ପଡ଼ିଛି। ନୀତି ନିର୍ମାତା ଏବଂ ଆର୍ଥିକ ବିଶେଷଜ୍ଞମାନେ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। କାରଣ ଟ୍ରମ୍ପ ଦେଇ ଶୁଳ୍କ ଏବଂ ନର୍ସଂ ଟାରିଫର କ୍ଷତକୁ ଭାରତ ଭୁଲି ନାହିଁ। ଯଦି ଏହି ସଟ୍‌ଡାଉନର ଶୀଘ୍ର ସମାଧାନ ନ ହୁଏ ତେବେ ସ୍ଥିତି ବିକଟାଳ ହୋଇଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ୫୦ ବିଲିୟନ ଡଲାରର ଏଫଡିଆଇ ଆସିଥଇଲା। ଏହା ପୂର୍ବ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ ଥିଲା। ଏଥିର ଅଧିକାଂଶ ଆମେରିକୀୟ କମ୍ପାନୀ ଏବଂ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି)ରୁ ଆସିଥିଲା। ଶୁଳ୍କ ଯୋଗୁ ଆମେରିକା ସହ ସମ୍ବନ୍ଧ ପୂର୍ବରୁ ଖରାପ ରହିଛି। ରପ୍ତାନୀକାରୀଙ୍କ ଉପରେ ଚାପ ବଢ଼ି ଚାଲିଛି। ଫରେନ ଇନ୍‌ଷ୍ଟିଚ୍ୟୁସନାଲ ଇନଭେଷ୍ଟର୍ସ (ଏଫଆଇଆଇ) ଏବଂ ଫରେନ ପୋର୍ଟୋଫୋଲିଓ ଇନଭେଷ୍ଟର୍ସ (ଏଫପିଆଇ) ପାଣ୍ଠି ପ୍ରତ୍ୟାହାର କରିଚାଲିଛନ୍ତି।

# ଭାରତକୁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ



**ଇସ୍‌ଲାମାବାଦ୍, ୫ ।୧୦(ଏଜେନ୍ସି):** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ଧମକ ଦେଇଛନ୍ତି। ଯଦି ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ତେବେ ଭାରତକୁ ତା'ର ପରିଣାମ ଭୋଗିବାକୁ ହେବ।। ଭାରତ ନିଜ ଲଢ଼ୁଆ ବିମାନର ଧ୍ୱଂସାବଶେଷ ତଳେ ହିଁ ଦବିଯିବ ବୋଲି ସେ ଧମକାଇଛନ୍ତି। ଭାରତୀୟ ନେତୃତ୍ୱ ହରାଇଥିବା ନିଜର ବିଶ୍ୱସନୀୟତାକୁ ଫେରିପାଇବା ପାଇଁ ଜାଣିଶୁଣି ଉତ୍ତେଜକ ମନ୍ତବ୍ୟ ଦେଉଥିବା ସେ ଉଲ୍ଲେଖ କରିଛନ୍ତି। ଭାରତ ଜାଣିଶୁଣି ବିବାଦ ବଢ଼ାଉଛି ଓ ଦେଶରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାରୁ ନାଗରିକଙ୍କ ନଜର ହଟାଇବା ପାଇଁ ଭାରତ ଏଭଳି ପ୍ରହସନ କରୁଛି ବୋଲି ସେ କହିଛନ୍ତି। ପୂର୍ବରୁ ପାକିସ୍ତାନ ସେନା ଶନିବାର ଭାରତ ବିରୋଧୀ ମନ୍ତବ୍ୟ ଦେଇଥିଲା। ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଧ୍ୱଂସର ବିଭୀଷିକା ସୃଷ୍ଟି ହେବ। ପୁଣିଥରେ ଶତ୍ରୁତାର ନୂଆ ଯୁଗ ଆରମ୍ଭ ହେଲେ ପାକିସ୍ତାନ ପଛକୁ ହଟିବ ନାହିଁ। ବିନା କୌଣସି ଦ୍ୱିଧାରେ ଆମେ ଭାରତକୁ କଡ଼ା ଜବାବ ଦେବୁ ବୋଲି ପାକିସ୍ତାନ ସେନା କହିଥିଲା। ଉଲ୍ଲେଖଥାଉ କି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ପ୍ରମୁଖ ମାର୍ଶାଲ ଏପି ସିଂ ପାକିସ୍ତାନକୁ ସତର୍କ କରାଇ ବିଭିନ୍ନ ଧମକ ଦେଇଥିଲେ। ଗୌରବ ଓ ସମ୍ମାନ ଉପରେ ଆଞ୍ଚ ଆସିଲେ ଭାରତ କୌଣସି ବୁଝାମଣା କରିବ ନାହିଁ। ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଯଦି ଆବଶ୍ୟକ ହୁଏ ତେବେ ଭାରତ କୌଣସି ସୀମାକୁ ପାର କରିପାରିବ ବୋଲି ରାଜନାଥ କହିଥିଲେ। ସେହିପରି ଅପରେସନ ସିନ୍ଦୂର ୧.୦ରେ ଭାରତ ଯେପରି ସଂଯମତା ରକ୍ଷା କରିଥିଲା, ଏଥର ଆଉ ସଂଯମତା ପ୍ରଦର୍ଶନ କରିବନି ବୋଲି ଉପେନ୍ଦ୍ର ଦ୍ୱିବେଦୀ କହିଥିଲେ। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୨ରୁ ୧୩ଟି ବିମାନକୁ ଭାରତୀୟ ସେନା ଧ୍ୱଂସ କରିଥିବା ସୂଚନା ଦେଇଥିଲେ।

# କଫ୍ ସିରପ୍ ସେବନ ପାଇଁ ଲେଖିଥିବା ଡାକ୍ତର ଗିରଫ



**ଛିନ୍ଦୱାଡ଼ା, ୫ ।୧୦(ଏଜେନ୍ସି):** ମଧ୍ୟପ୍ରଦେଶ ଛିନ୍ଦୱାଡ଼ାରେ ଛୋଟ ପିଲାଙ୍କ ପାଇଁ ବିଷାକ୍ତ କଫ୍ ସିରପ ଲେଖିଥିବା ଜଣେ ଡାକ୍ତରଙ୍କୁ ଗିରଫ କରାଯାଇଛି। କଫ୍ ସିରପ ସେବନ କରି ରାଜ୍ୟରେ ୧୧ଜଣ ଶିଶୁ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଷାକ୍ତ କଫ୍ ସିରପ ସେବନ କରିବାକୁ ଲେଖିଥିବା ଏହି ଡାକ୍ତର ହେଉଛନ୍ତି ପ୍ରବୀଣ ସୋନୀ। ମୃତ୍ୟୁବରଣ କରିଥିବା ଅଧିକାଂଶ ପିଲା ପ୍ରବୀଣଙ୍କ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ। ପ୍ରବୀଣଙ୍କ ସମେତ କୋଲଡ୍ରିଫ୍ ସିରପ ତିଆରି କରୁଥିବା କମ୍ପାନୀ ଶ୍ରୀସାନ ଫାର୍ମାସିଟିକାଲ୍ସ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି କମ୍ପାନୀ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲାରେ ଅବସ୍ଥିତ ଓ ଏଠାରେ କୋଲଡ୍ରିଫ୍ କଫ୍ ସିରପ ତିଆରି କରାଯାଇଥାଏ। ପ୍ରବୀଣ ଜଣେ ସରକାରୀ ଡାକ୍ତର ଭାବେ କାର୍ଯ୍ୟ କରନ୍ତି। କିନ୍ତୁ ତାଙ୍କ କ୍ଲିନିକକୁ ଆସୁଥିବା ପିଲାମାନଙ୍କର ଚିକିତ୍ସା ପାଇଁ ସେ ଏହି ବିଷାକ୍ତ ସିରପ ସେବନ କରିବାକୁ ଲେଖିଥାନ୍ତି। ପୂର୍ବରୁ ଅବଶ୍ୟ ସରକାର କୋଲଡ୍ରିଫ୍ ସିରପ ଉତ୍ପାଦନ ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ଏହି ସିରପରେ ୪୮.୬ ପ୍ରତିଶତ ଡାଇଇଥାଇଲିନ୍ ଗ୍ଲାଇକଲ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ରହିଛି ବୋଲି ସରକାରୀ ଅଧିକାରୀମାନେ କହିଛନ୍ତି। କୋଲଡ୍ରିଫ୍ ସମେତ ନେକ୍ସଟ୍ରୋ- ଡିଏସ୍ ସିରପକୁ ମଧ୍ୟ ନିଷେଧ କରାଯାଇଥିଲା। ପିଲାଙ୍କ ଅକାଳ ମୃତ୍ୟୁର ତଦନ୍ତ ପାଇଁ ରାଜ୍ୟସ୍ତରରେ ଏକ ଟିମ୍ ଗଠିତ କରାଯାଇଛି ଓ ଏହି ଘଟଣାରେ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି।

କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମାତ୍ର ୩୨ ଦିନ ମଧ୍ୟରେ ୧୬ ପିଲା ମୃତ୍ୟୁବରଣ କରିବା ପରେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଛି। ଏହିକ୍ରମରେ କୋଲଡ୍ରିଫ୍ ସିରପ ତିଆରି କରୁଥିବା ଶ୍ରୀ ସନ ଫାର୍ମାସିଟିକାଲ୍ସ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାମିଲନାଡୁର କାଞ୍ଚିପୁରମରେ ଏହି କମ୍ପାନୀ ରହିଛି। ଏହି ସିରପକୁ ଏବେ ୩ଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, କେରଳ ଓ ତାମିଲନାଡୁରେ ନିଷିଦ୍ଧ କରାଯାଇଛି। ଦେଶରେ ଔଷଧ ତିଆରି ଓ ବିକ୍ରୟକୁ ନିୟନ୍ତ୍ରଣ କରୁଥିବା ସିଡିଏସ୍‌ସିଓ ଏହି କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାମିଲନାଡୁ ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ (ଟିଏଫ୍‌ଡିଏ)କୁ ଚିଠି ଲେଖିବ ବୋଲି କହିଛି।






କଟକ ସହରରେ ରବିବାର ଶୋଭାଯାତ୍ରାକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ

# ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ

## ଉଡ଼ିଗଲା ଛାତ; ମା’, ଦୁଇପୁଅ ଓ ବୋହୂ ଗୁରୁତର

ବୈଶିଙ୍ଗା, ୫।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ବାଛୁରୀପଡ଼ା ଗ୍ରାମରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବେଆଇନ ଭାବେ ବାଣ ତିଆରି ବେଳେ ପ୍ରଚଣ୍ଡ ବିସ୍ଫୋରଣରେ ପୂରା ଅଞ୍ଚଳ ଥରି ଉଠିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବାଣ ଭିଡ଼ା ଚାଲିଥିବା ଘରର ଛାତ ଉଡ଼ିଯିବା ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ହେଲେ, ଗ୍ରାମର ସନ୍ତୋଷ ଦାସଙ୍କ ସ୍ତ୍ରୀ ଶାନ୍ତିଲତା ଦାସ, ବଡ଼ ପୁଅ ଅନିଲ ଦାସ, ବଡ଼ବୋହୂ କ୍ରିଷ୍ଣା ଦାସ ଓ ସାନ ପୁଅ ସୁନୀଲ ଦାସ। ଅନିଲଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ସୁନୀଲଙ୍କୁ ମଧ୍ୟ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ସନ୍ତୋଷଙ୍କ ପରିବାର ବହୁବର୍ଷ ଧରି ବାଣ ପ୍ରସ୍ତୁତି କରି ଆସୁଛନ୍ତି। ଆଗକୁ ଦୀପାବଳି ଥିବାରୁ ତାଙ୍କ ଘରେ ବେଆଇନ ଭାବେ ବାଣଭିଡ଼ା ଚାଲିଥିଲା। ଆଜି ଦିନ ପ୍ରାୟ ୧୧ଟାରେ ଅନିଲ ବାଣ ତିଆରି କରୁଥିବା ବେଳେ ଅସାବଧାନତାବଶତଃ ବାରୁଦ ଗଦାରେ ନିଆଁ ଲାଗିଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଛାତ ଉଡିଯାଇ ଗଛ ଡାଳରେ ଲାଗିଥିଲା।



ଖବର ପାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଜାରି ରହିବ ବର୍ଷା

ଭୁବନେଶ୍ୱର, ୫।୧୦(ସମିସ): ପୁଣି ଗୋଟିଏ ଲଘୁଚାପ ଯୋଗୁଁ ରାଜ୍ୟରେ ବଢ଼ିବ ବର୍ଷା। ୭ ତାରିଖଠାରୁ ବର୍ଷା ବଢ଼ିବାର ପୁଣି ସମ୍ଭାବନା ସୃଷ୍ଟି ହୋଇଛି। ଆସନ୍ତା ୭ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୯ କିମ୍ବା ୧୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ବିଭିନ୍ନ ସ୍ଥାନରେ ବର୍ଷା କରାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ପ୍ରଭାବରେ ୭ ରୁ ୧୨ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଏହାର ବିଶେଷ ପ୍ରଭାବ ଉତ୍ତର ଓ ଉପକୂଳ ଓଡ଼ିଶାରେ ଦେଖା ଦେବ। ଅନ୍ୟପଟେ ରବିବାର ଏକ ଟ୍ରଫ୍ ଲାଇନ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ଟୁହାକୁ ଟୁହା ବର୍ଷା ହୋଇଛି। ଯାଜପୁରରେ ୨୪ ମିମି ବର୍ଷା ହୋଇଥିବା ବେଳେ ସୋନପୁରରେ ୩୨, ବଲାଙ୍ଗିର ୩୩, ମାଲକାନଗିରି ୧୬, ବାରିପଦା ୨୮, ପୁରୀ ୪୦ ଓ ପାରାଦୀପରେ ୧୨ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

**ଫସଲ ଉଜାଡ଼ିଦେଲା ଲଗାଣ ବର୍ଷା**

# ବିଷ ପିଇ ଜୀବନ ହାରିଲେ ଚାଷୀ

ମୋହନା, ୫।୧୦ (ସମିସ): ଲଗାଣ ବର୍ଷା ଯୋଗୁଁ ଆଖି ଆଗରେ ସବୁତକ ଫସଲ ଉଜୁଡ଼ିଯିବାରୁ ଜଣେ ଚାଷୀ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ପ୍ରତାପପୁର ଗ୍ରାମରେ। ମୃତ ଚାଷୀଜଣଙ୍କ ହେଲେ, ପ୍ରତାପପୁର ଗାଁର ଲକ୍ଷ୍ମଣ ନାୟକ। ଲକ୍ଷ୍ମଣ ଚାଷବାସ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଫସଲକୁ ମୋହନା ବଜାରରେ ବିକି ଯେଉଁ ଦି’ପଇସା ରୋଜଗାର କରୁଥିଲେ, ସେଇଥିରେ ତାଙ୍କର ପରିବାର ଚଳୁଥିଲା। ହେଲେ, ଗତ କିଛି ଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଲକ୍ଷ୍ମଣଙ୍କ ସବୁ ଫସଲ ଧୋଇଯାଇଛି। ଆଜି ଲକ୍ଷ୍ମଣ ଜମିକୁ ଯାଇ ନଷ୍ଟ ହୋଇଥିବା ଫସଲର ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସେଠାରୁ ଘରକୁ ଫେରିବା ପରେ କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବଞ୍ଚାଇ



ପାରିନଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଲ୍ଲେଖଯୋଗ୍ୟ, ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ କରାଯାଇଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ପୂର୍ବପ୍ରସ୍ତୁତି କିମ୍ବା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗଜପତି ଜିଲ୍ଲାରେ ବର୍ଷା ବିପ୍ଳାତ ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଲଗାଣ ବର୍ଷାରେ କିଏ ଭାସିଗଲା ତ ଆଉ କିଏ ମାଟି ତଳେ ରହିଗଲା।

**ଏସ୍‌ଆଇ ଚାକିରି କେଲେଙ୍କାରୀ**

# ମୁନାକୁ ଖୋଜୁଛି କ୍ରାଇମବ୍ରାଞ୍ଚ

କଟକ, ୫।୧୦(ସମିସ): ଓଡ଼ିଶା ପୁଲିସ୍ ଏସ୍‌ଆଇ ଚାକିରି ବେପାର ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରହିଛି। ଏହି କେଲେଙ୍କାରୀରେ ଗିରଫଦାରୀ ସଂଖ୍ୟା ୧୧୮ ଛୁଇଁଲାଣି। ତେବେ ସମ୍ପୂର୍ଣ୍ଣ ଘଟଣାରେ ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ବାଙ୍କୀ କଳାପଥର ଅଞ୍ଚଳର ମୁନା ମହାନ୍ତିକୁ ଧରିବା ପାଇଁ କ୍ରାଇମବ୍ରାଞ୍ଚ ଜାଲ ବିଛାଇଥିବା କୁହାଯାଉଛି। ମୁନା ବିଷୟରେ ତଥ୍ୟ ସଂଗ୍ରହ କରିବାକୁ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ବାଙ୍କୀ କଳାପଥରସ୍ଥିତ ତଳସାହିରେ ପହଞ୍ଚି ବାପା ସାଧୁଆ ମହାନ୍ତିଙ୍କ ସମେତ ପରିବାରର ଅନ୍ୟ ଲୋକଙ୍କୁ ପଚରାଉଚରା କରିଥିଲା। ବାପା ସାଧୁଆ ଜଣେ ଦିନମଜୁରିଆ। ହେଲେ ଚାକିରି ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଠକି ଅଭିଯୁକ୍ତ ମୁନା ଅୟସ କରୁଥିଲା। ଅଭିଯୁକ୍ତ ମୁନାକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

■ କଳାପଥର ଗ୍ରାମରେ ପରିବାର ଲୋକଙ୍କୁ ପଚରାଉଚରା
■ ୩୨ ଚାକିରି ଆଶାୟୀଙ୍କୁ ଠକିଥିବା ଅଭିଯୋଗ

ରାତାରାତି ଲକ୍ଷପତି ହୋଇଥିବା ମୁନା ମହାନ୍ତି ଏକ ନିମ୍ନ ମଧ୍ୟବିତ୍ତ ପରିବାରର। ଦୁଇ ଭଉଣୀରେ ସେ ଗୋଟିଏ ଭାଇ। ମାଟ୍ରିକ୍ ଫେଲ୍ ହେବା ପରେ ଗାଁରେ ଲୁଚାଛପାରେ ଗଞ୍ଜେଇ ବିକ୍ରି କରୁଥିଲା। ତାର ଏଭଳି କାରବାରକୁ ନେଇ ପରିବାରରେ ପ୍ରାୟ ସମୟ ଅଶାନ୍ତି ଦେଖାଦିଏ। ହଠାତ୍ ପ୍ଲଟ ବ୍ୟବସାୟରେ ମନ ଦେଇ ରାତାରାତି ଲକ୍ଷପତି ହେବାର ନିଶା ମୁନା ମୁଣ୍ଡରେ ସବାର୍ ହେଲା। ଭୁବନେଶ୍ୱର ଯାଇ ସେଠାରେ କିଛି ବିଲ୍‌ଡର୍ ସଂସ୍ଥା ସହ ଯୋଗାଯୋଗରେ ରହି ସେମାନଙ୍କୁ ବାଙ୍କୀ, ଆଠଗଡ଼, ବଡମ୍ବା ଆଦି ଅଞ୍ଚଳରେ ଜମି ରେଜିଷ୍ଟ୍ରି କରିବାରେ ସେ ସହଯୋଗ କଲା। ଏ ବାବଦରେ ମିଳୁଥିବା କମିସନ୍‌ରେ କିଛି ଦିନ ଭିତରେ ମୁନାର ଚଳଣି ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଭୁବନେଶ୍ୱରରେ ରହୁଥିବା ମୁନା ପ୍ରାୟ ସମୟ ନୂଆନୂଆ କାର୍ ଧରି ଗାଁକୁ ଯାଏ। ଏପରିକି ଦାମୀ ଥର୍ କାର୍ ଚଢୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏସ୍‌ଆଇ ଚାକିରି କେଲେଙ୍କାରୀରେ ଫସିଥିବା ଆଶାୟୀଙ୍କ ମଧ୍ୟରେ କଟକ ଜିଲ୍ଲାରେ ୩୨ ଜଣ ରହିଥିବା ବେଳେ ଏମାନଙ୍କ ସହ ମୁନା ଓ ତା’ର କିଛି ସହଯୋଗୀ ଡିଲ୍ କରିଥିଲେ ଓ ଆଶାୟୀଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ନେଇଥିଲେ।

# ଗିରଫ ବିଶ୍ୱରଞ୍ଜନ ଏସ୍‌ଏସ୍‌ବି ଯବାନ

କଟକ, ୫।୧୦(ସମିସ): ଏସ୍‌ଆଇ ଚାକିରି କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିବା ବାରଙ୍ଗ ବିଦ୍ୟାଧରପୁର ଗ୍ରାମର ବିଶ୍ୱରଞ୍ଜନ ବେହେରା ଜଣେ ଏସ୍‌ଏସ୍‌ବି (ସ୍ପେଶିଆଲ ସିକ୍ୟୁରିଟି ବାଟାଲିୟନ) ଯବାନ। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)ର କେତେକ ସଦସ୍ୟଙ୍କ ସହ ତା’ର ଚିହ୍ନା ପରିଚୟ ରହିଥିଲା। କ୍ରାଇମବ୍ରାଞ୍ଚ

**ଲୋକସେବା ଭବନରେ ପୂର୍ବରୁ ଡ୍ୟୁଟି କରୁଥିଲା**

ଦେଇଥିବା ପ୍ରେସ୍ ବିବୃତିରେ ବିଶ୍ୱରଞ୍ଜନ ଠକେଇ ସିଣ୍ଡିକେଟର ଦଲାଲ କୁହାଯାଉଥିବା ବେଳେ ତଦନ୍ତ ଅଗ୍ରଗତି କଲେ ବୋର୍ଡର କେଉଁ ସଦସ୍ୟଙ୍କ ଏଥିରେ ସମ୍ପୃକ୍ତି ରହିଛି, ତାହା ପଦାକୁ ଆସିବ। ଜଣେ ଏସ୍‌ଏସ୍‌ବି ଯବାନ ଏଭଳି କେଲେଙ୍କାରୀରେ ମଧ୍ୟସ୍ଥତା କରିବା ଜଣାପଡ଼ିବା ପରେ ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ମଧ୍ୟ ଅଙ୍ଗୁଳି ଉଠିଛି। ଅଭିଯୁକ୍ତ ବିଶ୍ୱରଞ୍ଜନ ୨୦୧୮ ମସିହାରେ ନିଯୁକ୍ତି ପାଇଥିଲା। ପୂର୍ବରୁ ସେ ଲୋକସେବା ଭବନ ସମେତ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡ୍ୟୁଟି କରୁଥିଲା। ଏହି ସିଣ୍ଡିକେଟ୍‌ରେ କେତେକ ପୁଲିସ ଅଧିକାରୀ ଥିବା ମଧ୍ୟ ସନ୍ଦେହ କରାଯାଉଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଅଭିଯୁକ୍ତଙ୍କ ସିଡ଼ିଆର ରିପୋର୍ଟ ଯାଞ୍ଚ ହେଉଛି। ଆବଶ୍ୟକସ୍ଥଳେ ଆର୍ଥିକ କାରବାର ନେଇ ବ୍ୟାଙ୍କକୁ ଚିଠି ଲେଖାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ତନାଘନାକୁ ବ୍ୟାପକ କରାଯାଇଛି। ୨୦୨୪ ଜୁନ୍‌ରୁ ଆଜି ପର୍ଯ୍ୟନ୍ତ ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକର ରିପୋର୍ଟ ଦାଖଲ କରିବାକୁ ସମସ୍ତ ବୋର୍ଡ ଓ ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଅଶାନ୍ତ ରାଜଧାନୀ ଉପକଣ୍ଠ**

# ଆଶ୍ରମ ଭିତରେ ପଶି ୪ ରାଉଣ୍ଡ ଗୁଳିମାଡ଼

ଭୁବନେଶ୍ୱର, ୫।୧୦(ସମିସ): ପାର୍ବଣ ଋତୁରେ ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ଇନ୍‌ଫୋଭ୍ୟାଲି ଥାନା ଅଧୀନ ଦେଉଳିଆପାଟଣାରେ ଥିବା ‘ଭାଇଭାଇ’ ଆଶ୍ରମରେ ପଶି ଗୁଳିମାଡ଼ କରିଛନ୍ତି ଦୁର୍ବୃତ୍ତ। ଏଥିରେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ସେ ହେଲେ, ଜଗତସିଂହପୁର ସୁନୀଲ କୁମାର ବାରିକ ଓରଫ୍ ସୋନୁ (୫୫)। ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ଦେଉଳିଆପାଟଣାର ଭାଇଭାଇ ଆଶ୍ରମରେ ଉଭୟ ପୁରୁଷ ଓ ମହିଳାମାନେ ରହୁଛନ୍ତି। ରବିବାର ସନ୍ଧ୍ୟାରେ ସୋନୁ ଓ ତାଙ୍କ ବନ୍ଧୁମାନେ ଆଶ୍ରମ ପରିସରରେ ଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସିଥିଲେ। ଜଣେ ବାହାରେ ଅପେକ୍ଷା କରିଥିବା ବେଳେ ଆଉ ଜଣେ ହଠାତ୍ ଆଶ୍ରମ ଭିତରେ ପଶିଥିଲା। କେହି କିଛି ବୁଝିବା ଆଗରୁ ହଠାତ୍ ସୋନୁଙ୍କ ଉପରକୁ ଗୁଳି ଚଳାଇଥିଲା। ସୋନୁ ବର୍ତ୍ତିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଗୁଳି ମାରିଥିଲା। ଶବ୍ଦ ଶୁଣି ଆଉ ଜଣେ ସହଯୋଗୀ ଚାଲି ଆସିବାରୁ ତାଙ୍କ ଉପରକୁ ମଧ୍ୟ ଗୁଳି ଚଳାଇଥିଲା ଦୁର୍ବୃତ୍ତ। ଦୁର୍ବୃତ୍ତଜଣକ ସୋନୁ ଓ ତାଙ୍କ ସହଯୋଗୀଙ୍କ ଉପରକୁ ସମୁଦାୟ ୫ ରାଉଣ୍ଡ ଗୁଳି ଚଳାଇଥିଲା। ଗୋଟିଏ ଗୁଳି



■ ଗୁରୁତର ବ୍ୟକ୍ତି ଏମ୍‌ସରେ ଭର୍ତ୍ତି
■ ଛାତି ଓ ପେଟରେ ବାଜିଛି ଗୁଳି
■ ୪ ଖୋକା ଓ ଗୋଟିଏ ଗୁଳି ଜବତ

ସୋନୁଙ୍କ ଛାତିରେ ବାଜିଥିବା ବେଳେ ଆଉ ଦୁଇଟି ପେଟ ଓ ଡାହାଣ ହାତରେ ବାଜିଛି। ଅନ୍ୟ ଏକ ଗୁଳି ପିଚାରେ ବାଜି ବାହାରି ଯାଇଛି। ସେହିପରି ସୋନୁଙ୍କ ସହଯୋଗୀଙ୍କ ପେଟରେ ଗୋଟିଏ ଗୁଳି ଘଷି ହୋଇ ପଳାଇ ଥିବାରୁ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରାୟ ୧୫ମିନିଟ୍ ଧରି ଆଶ୍ରମ ପରିସରରେ ଆତଙ୍କ ଖେଳାଇଥିଲେ ଦୁର୍ବୃତ୍ତ। ଏହାପରେ ଫାଙ୍କା ଗୁଳିଚାଳନାରେ ଭୟଭୀତ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସହଯୋଗୀମାନେ ସୁନୀଲଙ୍କୁ ଉଦ୍ଧାର କରି ଏମ୍‌ସରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ବିଳମ୍ବିତ ରାତିରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି।

ଗୁଳିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ଇନଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଶ୍ରମ ଭିତରୁ ୪ଟି ଖୋକା ଓ ଗୋଟିଏ ଗୁଳି ଜବତ କରିଛି। ଆଶ୍ରମ ଅନ୍ତେବାସୀଙ୍କୁ ପଚରାଉଚରା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ସୁରାକ୍ ପାଇ ପାରିନାହିଁ। ସିସିଟିଭି କ୍ୟାମେରା ଫୁଟେଜରୁ ମଧ୍ୟ ପୁଲିସକୁ କୌଣସି ସୁଫଳ ମିଳି ପାରିନାହିଁ। ଗୁଳିକାଣ୍ଡ ପରେ ଅନ୍ତେବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କିଛି ଅନ୍ତେବାସୀ ରାତାରାତି ଆଶ୍ରମ ଛାଡ଼ି ପଳାଇଛନ୍ତି।

# ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼

ବାରିପଦା, ୫।୧୦ (ସମିସ): ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼। ବାରିପଦା ସହରର ବଡ଼ବଜାର ନିକଟରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ଏସିଡ୍ ମାଡ଼ର ଶିକାର ମହିଳାଜଣଙ୍କ ହେଲେ, ବାରୁଣୀ ରୋଡ ଅଞ୍ଚଳର ସୁଷମା ମହାନ୍ତି। ଏସିଡ୍ ପଡ଼ି ତାଙ୍କ ଗୋଡ଼ର କିଛି ସ୍ଥାନ ପୋଡ଼ି ଯାଇଛି। ଏ ସଂପର୍କରେ ସୁଷମା ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବଡ଼ବଜାର ନିକଟରେ ସୁଷମାଙ୍କ ଏକ ଫଟୋ ବାଇଣ୍ଡିଂ ଦୋକାନ ଅଛି। ଉକ୍ତ ଦୋକାନ ଘରଟିକୁ ତାଙ୍କ ବାପା ତାଙ୍କୁ ଦେଇଥିଲେ। କିନ୍ତୁ ତାଙ୍କ ଭାଇ ଚନ୍ଦନେଶ୍ୱର ରଣା ଏହାକୁ ବିରୋଧ କରିଆସୁଥିଲେ। ଏହାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ସକାଳେ ସୁଷମା ଦୋକାନରେ ଏକୁଟିଆ ଥିବା ବେଳେ ଚନ୍ଦନେଶ୍ୱର ଛାତ ଫାଙ୍କ ଦେଇ ତାଙ୍କ ଉପରକୁ ଏସିଡ୍ ପକାଇବା ସହ ଗାଳିଗୁଲଜ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ସୁଷମାଙ୍କ ପୁଅ ସେଠାରେ ପହଞ୍ଚି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲା।

# ଚାକିରି ଚୋରି ଘଟଣାରେ ରାଜ୍ୟ ସରକାରଙ୍କ ମୁଖା ଖୋଲିଛି: ବିଜେଡି

ଭୁବନେଶ୍ୱର, ୫।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷାର କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ମାଧ୍ୟମରେ କେବଳ ଏଥିରେ ସମ୍ପୃକ୍ତ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବାକୁ ଚେଷ୍ଟା ଚାଲିଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ଼ ମୁଣ୍ଡକୁ ଛାଡି ଦିଆଯାଉଛି ବୋଲି ଅଭିଯୋଗ ଆଣିଛି ବିଜେଡି।

**ବଡ଼ମୁଣ୍ଡିଆଙ୍କୁ ଖସାଇ ଦେବାକୁ କ୍ରାଇମବ୍ରାଞ୍ଚକୁ ମୋହରା କରିଛନ୍ତି ବିଜେପି ସରକାର**

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡେଇ କହିଛନ୍ତି ଯେ ରାଜ୍ୟ ସରକାର ଏବେ ଚାକିରି ଚୋର ବୋଲି ସର୍ବତ୍ର ଆଲୋଚନା ଚାଲିଛି। ଏହି ଚାକିରି ଚୋରି ଯୋଗୁଁ ରାଜ୍ୟର ଯୁବ ସମାଜ ବ୍ୟତିବ୍ୟସ୍ତ ଓ ହତାଶ। ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଛନ୍ତି। ଗୃହ ମନ୍ତ୍ରଣାଳୟ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ



୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ ମାଇଣ୍ଡ ସଂସ୍ଥାକୁ ହଟାଯାଇ ସିଲିକନ୍ ଟେକ୍‌କୁ ଦାୟିତ୍ୱ ଦିଆଯାଇଥିଲା । ସିଲିକନ ଟେକ ନିଜେ ପରୀକ୍ଷା ପରିଚାଳନା ପରିବର୍ତ୍ତେ ଅଖ୍ୟାତ ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ଭାବେ ଗ୍ରହଣ କରିଥିଲା। ଆଉଟସୋର୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଚାକିରି ଚୋରି କାର୍ଯ୍ୟକ୍ରମ ଓଡ଼ିଶାବାସୀଙ୍କ ସାମ୍ନାରେ ମୁଖା ଖସି ଯାଇଛି। କ୍ରାଇମବ୍ରାଞ୍ଚ ମାଧ୍ୟମରେ ସେ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି କାର୍ଯ୍ୟକ୍ରମ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ଘଡ଼ାଇ ଦାବି କରିଛନ୍ତି।

# ଯୁବକଙ୍କୁ ଦଳିଦେଲେ ହାତୀ

ଲାଞ୍ଜିଗଡ଼, ୫।୧୦ (ସମିସ): ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିବା ବେଳେ ଦଳିଦେଲା ହାତୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ କୁମଖାଲ ପଞ୍ଚାୟତ କାତୁଲବାଇ ଗାଁରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଗାଁର ଅନୀଲ ମାଝୀ (୧୮)। ଅନୀଲ ଓ କିଛି ଗ୍ରାମବାସୀ ନିକଟସ୍ଥ ବରୀ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ସେମାନେ ଏକ ହାତୀପଲ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀପଲ ସେମାନଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ତେବେ ସମସ୍ତେ ଦୌଡ଼ି ପଳାଇଥିବା ବେଳେ ଅନୀଲ ହାତୀପଲ ହାବୁଡ଼ରେ ପଡ଼ିଯାଇଥିଲେ। ଗୋଟିଏ ହାତୀ ଅନୀଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ପରିବାରଲୋକ ତାଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଉଥିବା ବେଳେ ଅନୀଲଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବନବିଭାଗର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ

ଲାଞ୍ଜିଗଡ଼, ୫।୧୦(ସମିସ): ନିଜ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅଧୀନ ଖିଲ୍ୱାଭଟା ଗାଁରେ ଏଭଳି ଏକ ଘଟଣା ଘଟିଛି। ମୃତ ଶିକାରୀଜଣଙ୍କ ହେଲେ, ଗାଁର ସଦା ଗଉଡ଼। ସୂଚନାନୁସାରେ, ସଦା ନିଜର ତିନି ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ଙ୍କ ସହ ମିଶି ଶନିବାର ସକାଳୁ ଗାଁକୁ ଲାଗିଥିବା ଜଙ୍ଗଲକୁ ଶିକାର

■ ହତ୍ୟା ଅଭିଯୋଗ ଆଣିଲା ପରିବାର
■ ଦେଶୀ ବନ୍ଧୁକ ଜବତ, ୩ ସାଙ୍ଗ ଅଟକ

କରିବାକୁ ଯାଇଥିଲେ। ଦିନ ସାରା ବୁଲିବୁଲି କିଛି ନ ପାଇବାରୁ ଖାଇ ସାରି ପୁଣି ସନ୍ଧ୍ୟାରେ ଜନ୍ତୁ ଖୋଜିବାକୁ ବାହାରିଥିଲେ। ଆଗରେ ଚାଲୁଥିବା ସଦାଙ୍କ ଗୋଡ଼ ଏକ ପଥରରୁ ଖସିଯିବାରୁ ସେ ଧରିଥିବା ବନ୍ଧୁକର ଟ୍ରିଗର୍ ଭୁଲ୍‌ବଶତଃ ଚିପି ହୋଇଯାଇଥିଲା ଏବଂ ସେଥିରୁ ଗୁଳି ଫୁଟି ତାଙ୍କ ଅଣ୍ଟା ଭେଦି ବାହାରି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସମ୍ପର୍କରେ ଗୋପୀନାଥ ତାଙ୍କ ପରିବାରକୁ ଖବର ଦେଇଥିଲା। ଏପରିକି, ୩ ସାଙ୍ଗ ସଦାଙ୍କ ଶବକୁ ଗାଁ ନିକଟକୁ ଆଣି ରାତିତମାମ ଜଗି ବସିଥିଲେ।

ରବିବାର ସକାଳେ ଖବର ପାଇ କେସିଙ୍ଗା ଏସ୍‌ଡିପିଓ ସଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ



ଆରମ୍ଭ କରିଛନ୍ତି। ଅପରପକ୍ଷେ, ମୃତକଙ୍କ ପରିବାରଲୋକେ ସଦାକୁ ସେଇ ତିନିଜଣ ଗୁଳି ମାରି ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ପୁଲିସ ଉଭୟ ଦିଗରୁ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସଦାଙ୍କ ତିନିଜଣ ସାଙ୍ଗଙ୍କୁ ଅଟକ ରଖିଥିବା ବେଳେ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

● ୨ଟି ଗୃହର ତାଲା ଭାଙ୍ଗି ଚୋରି

# ଚୋରଙ୍କୁ ଧରିବାରେ ପୁଲିସ ବିଫଳ

ଜୟପୁର,୫ ।୧୦(ସମିସ):

ଜୟପୁର ସହରର ଦୁଇଟି ଗୃହର ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମ ଘଟଣାରେ ସ୍ଥାନୀୟ ଡଙ୍ଗାଗୁଡା ଅଞ୍ଚଳର ଯଶବନ୍ତ ନାୟକଙ୍କ ଗୃହରେ କିଏ ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଚୋରି କରିନେଇଛନ୍ତି। ଏହିପରି ଗୃହ ଭିତରେ ରହିଥିବା ଆଲମାରୀ ଭାଙ୍ଗି ୨ ତୋଲା ସୁନା, ଦେଢଲକ୍ଷ ଟଙ୍କା ନଗଦ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସ୍ଥାନୀୟ ଗ୍ଲୋକାଲ ଚିକିତ୍ସାଳୟ ସମ୍ମୁଖରେ ଥିବା ହନୁମାନ ନଗରରେ ଗତକାଲି ରାତି ଦୁର୍ବୃତ୍ତମାନେ ଘର ତାଲ ଭାଙ୍ଗି ଘରେ ଥିବା ଆଲମାରୀରୁ ଟଙ୍କ ସୁନା ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ହନୁମାନ ନଗର ତୃତୀୟ ଲାଇନରେ ବାସିନ୍ଦା ବିଧବା ମହିଳା ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଶାନ୍ତି ବେବର୍ତ୍ତା ଘରେ ତାଲା ଦେଇ ନିଜ ଝିଅ ଘର ଉମରକୋଟ ଯାଇଥିବା ସମୟରେ ଗତକାଲି ରାତି କିଛି ଦୁର୍ବୃତ୍ତ ଗୃହରେ ତାଲା ଭାଙ୍ଗି ପ୍ରବେଶ କରିବା ସହ ଦେଢ ତୋଲା ଓଜନର ସୁନା ଅଳଙ୍କାର ଓ ଶାଢି ଗୁଡିକ ଚୋରିକରିଥିବା ନେଇ ଅଭିଯୋଗ ହୋଇଛି। ଆଜି ସନ୍ଧ୍ୟାରେ ଅଭିଯୋଗକାରିଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ୩ ତାରିଖରେ ସେହିପରି ତୃତୀୟ ଲାଇନର ଅନ୍ୟଏକ ଘରୁ ତାଲା ଭାଙ୍ଗି ୨ଟି ଟିଭି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହିପରି ଜୟପୁର ସହରରେ ଚୋର ମାନେ ଚୋରି କରିବା ସହ ସେମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି କରୁଥିବା ବେଳେ ପୁଲିସ କାବୁ କରିବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହିପରି କାଁ ଭାଁ ଦୁର୍ବୃତ୍ତମାନଙ୍କୁ ପୁଲିସ ଗିରିଫ କରିବା ସହ କୋର୍ଟ ଚାଲାଣ କରୁଛନ୍ତି। କିନ୍ତୁ ଅଧିକାଂଶ ମାମଲାରେ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ବିଫଳ ହେଉଛି।

## ଭାଇ ଜିଉଁତିଆ ପୂଜା

# ହାତରେ ଡୋରି ବାନ୍ଧିଲେ ଭଉଣୀ



ଚନ୍ଦାହାଣ୍ଡି,୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଗ୍ରାମରେ ଭାଇ ଜିଉଁତିଆ ପୂଜା ନବମୀ ଓ ଦଶମୀରେ ଭଉଣୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଭାଇଙ୍କ ମଙ୍ଗଳ କାମନା କରି ଏହି ଅନନ୍ୟ ସାଂସ୍କୃତିକ ପରମ୍ପରା ପାଳନ ହେଉଛି। ଚନ୍ଦାହାଣ୍ଡି ଅଞ୍ଚଳର ପୁରପଲ୍ଲୀରେ ଏହି ପୂଜାରେ ଭଉଣୀମାନେ ନିଜ ଭାଇଙ୍କ ଦୀର୍ଘାୟୁ ଓ ସୁରକ୍ଷା ପାଇଁ ନବରାତ୍ରିର ନବମୀ ଓ ଦଶମୀ ତିଥିରେ ଏହି ବିଶେଷ ବ୍ରତ ପାଳନ କରନ୍ତି। ପ୍ରତ୍ୟେକ ବର୍ଷର ଦଶହରାର ଦଶମୀରେ ସକାଳରୁ ନିର୍ଜଳ ଉପବାସ ରହି, ଫୁଲ ଓ ଫଳ ସଂଗ୍ରହ କରନ୍ତି। ସନ୍ଧ୍ୟା ସମୟରେ ଘରକୁ ଫେରି, ସେମାନେ ବିଭିନ୍ନ ଶସ୍ୟ ଗଜା ନଅ ଦିନରୁ ଲଗାଇଥିବା ଗଛକୁ ପୂଜା କରନ୍ତି। ଏହି ପୂଜା ସମୟରେ ପୁରାଣ ଗୀତ ଗାଇବା ଓ ଗାଁ ବାସୀଙ୍କ ସହ ଜୁହାର ଆଦାନ-ପ୍ରଦାନ ହୁଏ। ପରଦିନ ଭୋରରେ ଉଠି, ନିଜ ଗାଁର ନଦୀ କୂଳରେ ଭାଇଙ୍କୁ ପୂଜା କରି ଫଳ, ମୂଳ ଓ ପ୍ରସାଦ ଦେଇ ପୂଜା କରିଥିବା ମଙ୍ଗଳ କାମନା କରି ଡୋରିକୁ ଭାଇଙ୍କ ବାହୁରେ ବାନ୍ଧିଦିଅନ୍ତି। ଏହି ପୂଜାରେ ଛୋଟ ବାଳିକାଙ୍କ ଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଭଉଣୀମାନେ ନିଜ ଭାଇଙ୍କ ପାଇଁ ଏହା ପାଳନ କରନ୍ତି। ଏହା ଆମର ପାରିବାରିକ ବନ୍ଧନକୁ ଅଧିକ ମଜବୁତ କରେ। ପାନାବେଡା ଅଞ୍ଚଳର ଏହି ପରମ୍ପରାରେ ଏବଂ ପୂଜା ପାଇଁ ଅନେକ କୁଆଁରୀ ଝିଅ ମାନେ ଅଂଶଗ୍ରହଣ କରିଛନ୍ତି। ପୂଜା ପରେ ରାତ୍ରିରେ ମନୋରଞ୍ଜନ ପାଇଁ ପ୍ରତେକ ଗ୍ରାମରେ ଘୁମୁରା, ନାଟକ ଏବଂ ନୃତ୍ୟ ପ୍ରତିଯୋଗିତା ଭଳି ବିଭିନ୍ନ ପ୍ରକାରର ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା।

# ରାସ୍ତା କଡ଼ ଲଟାବୁଦା ସଫାକଲେ ଯୁବଗୋଷ୍ଠୀ



ଚନ୍ଦାହାଣ୍ଡି,୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଗମ୍ଭାରୀଗୁଡା ପଞ୍ଚାୟତର ଯୁବ ଗୋଷ୍ଠୀ ଦ୍ୱାରା ମୋତିଗାଁ-ଫୁଣ୍ଡେଲପଡା ସମେତ ପଞ୍ଚାୟତର ଅନ୍ୟ ସବୁ ରାସ୍ତା କଡ଼କୁ ସଫା କରାଯାଇଛି। ରାସ୍ତା କଡ଼ ଲଟାବୁଦା ଦ୍ୱାରା ରାସ୍ତା ସମ୍ପୂର୍ଣ୍ଣ ଭାବେ କବଳିତ ହୋଇଯାଇଥିଲା। ଏହାଦ୍ୱାରା ରାସ୍ତା ଅଣଓସାରିଆ ହେବା ସହ ଦୂରରୁ ଦୁଇଚକିଆ କିମ୍ବା ଚାରି ଚକିଆ ଯାନ ଯିବାଆସିବା ଦେଖା ନଯିବା କାରଣରୁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଜଣାଇଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତର ଯୁବଗୋଷ୍ଠୀ ସମୂହ ଏକତ୍ରିତ ହୋଇ ପଞ୍ଚାୟତର ବିଭିନ୍ନ ଲଟାବୁଦା ଦ୍ୱାରା ଆବଦ୍ଧ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ବେଶ୍ରା, ମୁକେଶ ନାୟକ, ଦିବାକର ନାୟକ, ସୌରୀରଞ୍ଜନ ସାହୁ, ମୋତିଲାଲ ସାହୁ, ଟେକଧର ନାୟକ, ନେପାଳ ଗୌଡ଼, ମହେଶ୍ୱର ତୋଲଟିଆ, ତପେଶ୍ୱର ଗୌଡ଼, ଲମ୍ବୁଧର ନାୟକ, ଭାଗିରଥି ଗୌଡ଼, ସୁଦର୍ଶନ ଗୌଡ଼, ଶ୍ରୀଧର ଗୌଡ଼ ପ୍ରମୁଖଙ୍କ ସମେତ ଗମ୍ଭାରୀଗୁଡା ପଞ୍ଚାୟତର ଯୁବଗୋଷ୍ଠି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓସିଏସ୍‌ରେ ସଫଳ ୩ ଜଣଙ୍କୁ ସମ୍ବର୍ଦ୍ଧନା



ସେମିଲିଗୁଡ଼ା, ୫।୧୦ (ସମିସ):

କୋରାପୁଟ ଜିଲ୍ଲାର ସେମିଳିଗୁଡା ବିକାଶ ପରିଷଦ ତରଫରୁ ନିକଟରେ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ତିନିଜଣ ଯୁବକ ଯୁବତୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେମାନେ ହେଲେ ଅଭିଷେକ ବାବୁ ପେଟିଆ, ପୂଜା ଯୋଷୀ, ସୌମ୍ୟରଞ୍ଜନ ସାହୁ। ତନ୍ମଧ୍ୟରୁ ପୂଜା ଭିନ୍ନକ୍ଷମ ହୋଇ ମଧ୍ୟ ନିଜ ଅଧ୍ୟବସାୟ ବଳରେ କୃତକାର୍ଯ୍ୟ ହୋଇ ପାରିଛନ୍ତି। ତିନିଜଣଙ୍କୁ ବିକାଶ ପରିଷଦ ସଦସ୍ୟମାନେ ଉପଢୌକନ ଓ ଗଛଟିଏ ଲେଖାଏଁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପରିଷଦର ଉପଦେଷ୍ଟା ବରିଷ୍ଠ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ,କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପାତ୍ର, ସାଂଗଠନିକ ସଂପାଦିକା ସ୍ନିଗ୍ଧାରାଣୀ ମିଶ୍ର , ଉପ ସଭାପତି ଅନନ୍ତ ରାମ ମାଟାମନିଜ ନିଜର ବକ୍ତବ୍ୟ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ ଓ ପରିଷଦର ଏତାଦୃଶ ପ୍ରଶଂସନୀୟ କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଭବିଷ୍ୟତରେ ଓଡିଶାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଅଭିଷେକ,ସୌମ୍ୟରଞ୍ଜନ ଓ ପୂଜା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଶାନ୍ତି ପରିବାରର ଭଉଣୀମାନେ ବରିଷ୍ଠ ସାମ୍ବାଦିକ ମନୋଜ ପଟ୍ଟନାୟକ, କୃତ୍ତିବାସ, ପୁରେନ୍ଦ୍ର ବାରିକ, ଶେଖ ଇବ୍ରାହିମ ଓ ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

● ଡ୍ରାଇଭରଙ୍କୁ ସୁରକ୍ଷା ସହ ସମ୍ମାନ ଦାବି

# ତାମିଲନାଡୁ ଅଟୋ ଡ୍ରାଇଭରଙ୍କ ଅଲ୍‌ଇଣ୍ଡିଆ ସାଇକଲ ଯାତ୍ରା



ବୈପାରୀଗୁଡ଼ା,୫।୧୦(ସମିସ): ତାମିଲନାଡୁ ଅଟୋ ଡ୍ରାଇଭରଙ୍କ ଅଭିନବ ସଚେତନତା ଯାତ୍ରା। ଦେଶରେ ଡ୍ରାଇଭରଙ୍କୁ ସୁରକ୍ଷା ସହ ସମ୍ମାନ ଦାବିରେ ସାଇକଲ ଯୋଗେ ସମଗ୍ର ଦେଶ ପରିକ୍ରମା କରୁଛନ୍ତି ତାମିଲନାଡୁର ଅଟୋ ଡ୍ରାଇଭର ଆବଦୁଲ୍ଲ ସାଲିମ୍ ଶେଖ। ଆଜି ବୈପାରୀଗୁଡା ଠାରେ ସେ ପହଞ୍ଚିଥିବା ବେଳେ ମୁଖ୍ୟ ଛକରେ ତାଙ୍କୁ ସ୍ଥାନୀୟ ଡ୍ରାଇଭର ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ୍ରାଇଭରଙ୍କ କଷ୍ଟ ଜୀବନ ବିଷୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେ ଏଭଳି ଚେଷ୍ଟା କରୁଛନ୍ତି। ଏଥିଲାଗି ଆବଦୁଲ୍ଲ ସାଲିମ୍ ଶେଖ ଗତ ଅଗଷ୍ଟ ୧୬ ତାରଖ ଠାରୁ ଏହି ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ତାମିଲନାଡୁ, ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ପରେ ସେ ଆଜି ଓଡ଼ିଶାର କୋରାପୁଟ ଜିଲ୍ଲାର ବୈପାରୀଗୁଡା ସଦର ମହକୁମାରେ ପହଞ୍ଚିଥିଲେ। ସାଇକଲରେ ୪ଟି ରାଜ୍ୟ ଅତିକ୍ରମ କରିଥିବା ବେଳେ ସମଗ୍ର ଦେଶ ସାଇକେଲ ଯାତ୍ରା କରିବେ ବୋଲି କହିଛନ୍ତି ତାମିଲନାଡୁର ଅଟୋ ଡ୍ରାଇଭର ଆବଦୁଲ୍ଲ ସାଲିମ୍ ଶେଖ। ତାଙ୍କର ମୁଖ୍ୟତଃ ୩ଟି ଦାବି ରହିଛି । ଦୁର୍ଘଟଣା କ୍ଷେତ୍ରରେ ଇନ୍‌ସୁରାନ୍ସ ପ୍ରଦାନ ବିଳମ୍ବ ନକରି ତୁରନ୍ତ ଦିଆଯାଉଛି। ଡ୍ରାଇଭିଙ୍ଗ ଲାଇସେନ୍ସ କାର୍ଡରେ ୨ ଲକ୍ଷ ଟଙ୍କା ଋଣ ସବ୍‌ସିଡି ସହ ପ୍ରଦାନ, ଗରିବ ଏବଂ ଅସହାୟ ଡ୍ରାଇଭର ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ ବୋଲି କହିଛନ୍ତି। ଏଥିଲାଗି ସରକାର ନୂଆ ନିୟମ ପ୍ରଣୟନ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ମା’ଙ୍କୁ ବିଦାୟ ଦେଲେ ସହରବାସୀ



ଉମରକୋଟ, ୫।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦଶହରା ଫିକା ପଡିଥିଲା। ବର୍ଷା ଯୋଗୁଁ ଶ୍ରଦ୍ଧାଳୁମାନେ ଘରୁ ବାହାରି ପାରିନଥିଲେ। ସାଧାରଣତଃ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଦଶହରା ପର୍ବ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। କିନ୍ତୁ ଲଘୁଚାପ ବର୍ଷା ଯୋଗୁଁ ବହୁ କମ୍ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିବା ଦେଖିବାକୁ ମିଳିଥିଲା। ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲ୍ଲା କୁ ଏଲଓନ୍ଂ ଦିଆଯାଇଥିଲା। ଏହାର ପ୍ରଭାବ ଦେଖିବାକୁ ମିଳିଥିଲା ଉମରକୋଟ ସହର ଠାରେ। ଏଥର ଉମରକୋଟ ସହରରେ ୧୧ଗୋଟି ପୂଜା ମଣ୍ଡପ ହୋଇଥିଲା। ଡିଏନକେ ଠାରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ପଡ଼ିଥିବା ମିନା ବଜାର ମଧ୍ୟ ପ୍ରଭାବିତ ହୋଇଥିଲା। ଦୋକାନ ଖୋଲିଥିବା ବ୍ୟବସାୟୀମାନେ ମଧ୍ୟ ନିରାଶ ହୋଇଥିଲେ। ସ୍ଥାନୀୟ ଡିଏନକେ ପୂଜା ମଣ୍ଡପ ଠାରେ ବଙ୍ଗୀୟ ମହିଳାମାନେ ପାରମ୍ପରିକ ସିନ୍ଦୂର ଖେଳରେ ମା’ଙ୍କୁ ବିଦାୟ ଦେଇଥିଲେ। ମା’ଙ୍କ ଆମୋଦ ପ୍ରମୋଦ ପାଇଁ ନୃତ୍ୟ କରିଥିଲେ। ମହିଳାଙ୍କ ପାରମ୍ପରିକ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ପରେ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମାଁ ଙ୍କୁ ବିଦାୟ ଜଣାଇଥିଲେ।

# ବାଇକ୍-ବସ୍ ମୁହାଁମୁହିଁ, ଚାଳକ ଗୁରୁତର

କାକିରିଗୁମା,୫।୧୦(ସମିସ): କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର କୁନ୍ଦାର ଛକ ନିକଟରେ ଏକ ଘରୋଇ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରହ୍ମପୁର ରାମ କ୍ରିଷ୍ଣା ନଗରର ପଦ୍ମନାଭ ପାଢ଼ୀ ନାମକ ଯୁବକ ରବିବାର ଅପରାହ୍ନରେ ମୋଟରସାଇକଲ ଯୋଗେ କୋରାପୁଟ ଠାରୁ ଲକ୍ଷ୍ମୀପୁର ଯାଉଥିବାବେଳେ କୁନ୍ଦାର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ବସ ସହିତ ଧକ୍କା ହୋଇଥିଲା। ଫଳରେ ପଦ୍ମନାଭଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ କାକିରିଗୁମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ପଦ୍ମନାଭଙ୍କୁ ପୁଲିସ ଗାଡ଼ିରେ କୋରାପୁଟ ବଡ଼ ମେଡ଼ିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ତେବେ ପଦ୍ମନାଭଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରା ଯାଇଥିବା କାକିରିଗୁମା ଥାନା ଅଧକାରୀ ସୁନିଲ୍ କୁମାର୍ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ସୁନୀଲ କୁମାର ସ୍ୱାଇଁ ମାତ୍ର କିଛି ଦିନ ପୁର୍ବରୁ କାକିରିଗୁମା ଥାନା ଅଧକାରୀ ଭାବରେ ଯୋଗ ଦେଇଥିବାବେଳେ କମ୍ ଦିନ ମଧ୍ୟରେ ଲୋକ ସମ୍ପର୍କ ରଖି ଜନ ହିତକର କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଜନସାଧାରଣ ଥାନା ଅଧକାରୀଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରୁଛନ୍ତି।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପଟ୍ଟାଙ୍ଗି, ୫।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ରାଲେଗଡ଼ା ହାଟପଦାରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କଲା ପଟ୍ଟାଙ୍ଗି ପୋଲିସ। ପଟ୍ଟାଙ୍ଗି ପୋଲିସ ସୂଚନା ଅନୁଯାୟୀ ରାଲେଗଡ଼ା ହାଟପଦା ମିଶନ ଶକ୍ତି ଗୃହ ବାରଣ୍ଡାରେରେ ଏକ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଥିଲା। ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଟିକୁ ଯାଞ୍ଚ କରିଥିଲେ। ଉକ୍ତ ବ୍ୟକ୍ତିର ବୟସ ୪୦ ରୁ ୫୦ ମଧ୍ୟରେ ହୋଇଥିବା ବେଳେ ସେ କିଛି ଦିନ ଧରି ଉକ୍ତ ଅଞ୍ଚଳରେ ବୁଲୁଥିବା ନେଇ ଅଞ୍ଚଳବାସୀ ସୂଚନା ଦେଇଥିଲେ। ମୃତଦେହ ନିକଟରୁ କୌଣସି ପରିଚୟ ପତ୍ର ମିଳି ମିଳିନଥିଲା। ମୃତ ଦେହଟିକୁ ପୋଲିସ ଜବତ କରି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ।

# ଆରଏସ୍‌ଏସ୍‌ର ବିଜୟା ଦଶମୀ ଉତ୍ସବ



କୋରାପୁଟ,୫।୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ନଗର ଦଣ୍ଡକାରଣ୍ୟ ଶାଖା ପକ୍ଷରୁ ସଂଘର ଶତବାର୍ଷିକୀ ଓ ବିଜୟାଦଶମୀ ଉତ୍ସବ ପାଳିତ ହୋଇଯାଇଛି। କୋରାପୁଟ ସାଂସ୍କୃତିକ ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ନଗରର ବରିଷ୍ଠ ନାଗରିକ ନବୀନ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୋରାପୁଟ ନଗର ଶ୍ରୀରାମ ବସତି ପକ୍ଷରୁ ସଙ୍ଗର ଶତବାର୍ଷିକୀ ପାଳନ ଅବସରରେ ସାମୂହିକ ସଂଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସେବକ ମାନଙ୍କ ଉପସ୍ଥିତିରେ ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ସଂଚଳନ ବାହାରି ନଗର ପରିକ୍ରମା କରିବା ସହିତ ପୂଜାରିପୁଟ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। କୋରାପୁଟ ନଗର କାର୍ଯ୍ୟବାହ ବିଭୁ ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକେସ୍ୱର ରାଓ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମନୋରଞ୍ଜନ ରାଉତରାୟ, ଜୟନ୍ତ ମହାରଣା, ସୁରଥ ଡାକୁଆ, ସୁଶାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସାହୁ, ରବି ଆଚାରି, ରାଜକୁମାର ଦାସ, ମହେଶ୍ୱର ବାଘ, ବୁଜିଙ୍ଗା ଆଚାରି, କେ ରମେଶ, ଦୁଷ୍ମନ୍ତ ପରିଡା, ଦେବୀପ୍ରସାଦ କର, ସୂର୍ଯ୍ୟ ବେହେରା, ରବି ନାରାୟଣ ମିଶ୍ର, ତାରିଣୀ ଚରଣ ପାତ୍ର, ପ୍ରଶାନ୍ତ ପାତ୍ର, ଚିରଞ୍ଜିବି ପାତ୍ର, ରଞ୍ଜନ ବେହେରା, ବାପି ମହାରଣା, ସରୋଜ ପାଢୀ, ଶରତ ମହାରଣା, ନୃପେନ୍ଦ୍ର ବାଘ, କୈଳାଶ ଗୌଡ଼ ପ୍ରମୁଖ ସ୍ଥାନୀୟ ସ୍ୱୟଂ ସେବକ ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ସିଆରପିଏଫ ପକ୍ଷରୁ ରକ୍ତଦାନ ଶିବିର





ରାୟଗଡ଼ା,୫।୧୦(ସମିସ): ରାୟଗଡ଼ା ଜିଲ୍ଲା ଓଡିଶା ରକ୍ତ ଭଣ୍ଡାର ସହଯୋଗରେ ରାୟଗଡା ଇନ୍ଦିରା ନଗର ସ୍ଥିତ ଚତୁର୍ଥ ବାଟାଲିୟନ ସିଆରପିଏଫ ମୁଖ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଚତୁର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁର ଉଦ୍‌ଘାଟନ କରିଥିଲେ। ସେ ନିଜେ ରକ୍ତଦାନ କରି ଅନ୍ୟ ମାନଙ୍କୁ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କ ରକ୍ତଦାନ ପରେ ବାଟାଲିୟନର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ବୈପାରୀଗଡ଼ା, ୫।୧୦(ସମିସ): ପୂଜାରୀଗୁଡା ଠାରେ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ କୃଷ୍ଣ ମାଝିଙ୍କ ୫୫ ବର୍ଷୀୟ ପତ୍ନୀ ବୃନ୍ଦା ମାଝୀ ବୋଲି ଜଣାପଡ଼ିଛି। ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତ ସଦର ମହାକୁମା ଠାରେ ରବିବାର ଅପରାହ୍ନରେ ଏହି ଅଘଟନ ଘଟିଛି । ସୂଚନା ଅନୁଯାଇ, ଘରେ କେହି ନଥିବା ବେଳେ ବୃନ୍ଦା ଘରର କବାଟ ବନ୍ଦ କରି ବାହାରକୁ ଯିବା ପାଇଁ ବାହାରିଥିଲେ ।ଘରର ଲୁହା କବାଟ ସନ୍ଧି ଦେଇ ବିଦ୍ୟୁତ ତାର ଟଣା ଯାଇଥିଲା। ଲୁହା କବାଟ ବନ୍ଦ କରିବା ସମୟରେ ବିଦ୍ୟୁତ ସ୍ପର୍ଶରେ ଆସି ଗୁରୁତର ହୋଇଥିଲେ ବୃନ୍ଦା। ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି

## ଫାଟକ ଖୋଲିବାକୁ ପ୍ରଶାସନର କୁଣ୍ଠାବୋଧ

# ୭ବର୍ଷ ହେଲା ନଦୀକୂଳ ବାସିନ୍ଦାଙ୍କୁ ମିଳୁଛି ପ୍ରଦୂଷିତ ଜଳ



ତେନ୍ତୁଳିଖୁଣ୍ଟି,୫।୧୦ (ସମିସ): ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ନିଜ ସର୍ବସ୍ୱ ଦେଇ ନବରଙ୍ଗପୁର ଜିଲ୍ଲା ଆଜି ଅବହେଳିତ। ପ୍ରକଳ୍ପ ପାଇଁ ଚିର =ସ୍ରୋତା ଇନ୍ଦ୍ରାବତୀ ନଦୀ ଆଜି ଶୁଷ୍କ ହୋଇଛି। ଦୀର୍ଘ ୭ବର୍ଷ ପୂର୍ବେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳସ୍ତର ବୃଦ୍ଧି ପାଇଥିବାରୁ ଇନ୍ଦ୍ରାବତୀ ବନ୍ଧର ଦୁଇଟି ଫାଟକ ଦେଇ ଜଳ ନିଷ୍କାସିତ ହୋଇଥିଲା ।ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ବିତିଥିଲେ ସୁଦ୍ଧା ଇନ୍ଦ୍ରାବତୀ ବନ୍ଧରୁ ଟୋପେ ମଧ୍ୟ ପାଣି ନିଷ୍କାସିତ ହୋଇନାହିଁ । ଯାହା ଫଳରେ ଇନ୍ଦ୍ରାବତୀ ନଦୀ ଶୁଷ୍କ ହେବା ସହ ନଦୀ ପାଶ୍ୱର୍ ଆବର୍ଜନା ପାଣି ନଦୀରେ ମିଶୁଛି । ଇନ୍ଦ୍ରାବତୀ ନଦୀ ଉପରେ ନଦୀ କୁଳିଆ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ସେମାନଙ୍କ ପାଇଁ ନଦୀର ପ୍ରଦୂଷିତ ଜଳ ହିଁ ଭରସା ହୋଇଛି । ଏହି ଜଳରେ ଗାଧୋଇବା ଦ୍ୱାରା ଚର୍ମ ରୋଗ ସମେତ ଅନ୍ୟାନ୍ୟ ବ୍ୟାଧି ଦେଖାଦେଉଥିବା ଅଭିଯୋଗ କରିଛନ୍ତି ନଦୀ କୁଳିଆ ଅଞ୍ଚଳବାସୀ। ପ୍ରକୃତିର ଗତି ପଥକୁ ବଦଳାଇ କୋଟି କୋଟି ଟଙ୍କାର ରାଜସ୍ୱ ଆଶାରେ ଇନ୍ଦ୍ରାବତୀ ନଦୀ ସମେତ ଅନ୍ୟ ଦୁଇ ନଦୀରେ ବନ୍ଧ ବାନ୍ଧି ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମିତ ହେଲା। ପ୍ରତି ବଦଳରେ ନବରଙ୍ଗପୁର ଜିଲ୍ଲାକୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଭଳି ମୌଳିକ ସୁବିଧା ସମେତ ପ୍ରତି ବର୍ଷ ଲାଭାଂଶର ୧୦ ପ୍ରତିଶତ ଉପାନ୍ତ ଅଞ୍ଚଳ ବିକାଶ ପାଣ୍ଠି ଯୋଗାଇ ଦେବା ପାଇଁ ମିଳିଥିଲା ପ୍ରତିଶ୍ରୁତି । କିନ୍ତୁ ଜିଲ୍ଲାବାସୀଙ୍କ ଦୁର୍ଭାଗ୍ୟ ଉତ୍ତମ ଶିକ୍ଷା ବଦଳରେ ପ୍ରକଳ୍ପ ପ୍ରଶାସନ ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ନ ଯୋଗାଇ ମୁରବି ହୀନ ଶିକ୍ଷାକେନ୍ଦ୍ର ଭାବରେ ବିଦ୍ୟାଳୟ ଗୁଡିକୁ ଛାଡିଦେଇଛି । ସେହିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ବଦଳରେ ଡାକ୍ତର ବିହୀନ ସ୍ୱାସ୍ଥ୍ୟ କେନ୍ଦ୍ର ଯୋଗାଇଛି ପ୍ରକଳ୍ପ। ଆଉ ଗମନାଗମନ କଥା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ରାସ୍ତାଘାଟ ଅବସ୍ଥାରୁ ପ୍ରତିଶୃତି ପାଳନର ସତ୍ୟତା ସଠିକ ବାରିହୋଇ ପଡୁଛି। ନଦୀ ଶୁଷ୍କ ହେବା ଫଳରେ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ହ୍ରାସ ହେଉଛି। ପରିବେଶ ସନ୍ତୁଳନ ମଧ୍ୟ ବିଗିଡିବାରେ ଲାଗିଛି। ତଟ ସତ୍ୱ ଅଧିକାର ଆଇନ ଅନୁଯାଇ ନଦୀକୁଳିଆ ଲୋକେ ଏବଂ ପଶୁପକ୍ଷୀଙ୍କ ଅଧିକାର ଇନ୍ଦ୍ରାବତୀ ନଦୀ ଜଳ ଉପରେ ରହିଥିବା ବେଳେ ପ୍ରକଳ୍ପ ସମସ୍ତ ଜଳ ଗଛିତ କରି ସଭିଙ୍କୁ ନିଜ ଅଧିକାରରୁ ବଞ୍ଚିତ କରିଛି। ବର୍ତ୍ତମାନ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ଆଶାତୀତ ଜଳସ୍ତର ଠାରୁ ଅଧିକ ରହିଛି । ତଥାପି ପ୍ରକଳ୍ପ ପ୍ରଶାସନ କେବଳ ମାଇକ୍ ଯୋଗେ ଜଳ ନିଷ୍କାସନ ପାଇଁ ଘୋଷଣା କରି ବିଦ୍ୟୁତ ଉତ୍ପାଦନ ଆଶାରେ ଫାଟକ ଖୋଲିବା ପାଇଁ କୁଣ୍ଠାବୋଧ କରୁଥିବା ଅଭିଯୋଗ ହେଉଛି। ସମସ୍ୟା ନେଇ ଓଡିଶା ଜଳବିଦ୍ୟୁତ ନିଗମ ଅପରେସନ ଡାଇରେକ୍ଟର ଅମୀୟ କୁମାର ମହାନ୍ତିଙ୍କୁ ପଚାରିବାରୁ ଫାଟକ ଖୋଲାଯିବା ନିଷ୍ପତି ସମ୍ପୂର୍ଣ୍ଣ ଭାବରେ ଜଳ ସମ୍ପଦ ବିଭାଗର। ତେବେ ମୌଳିକ ସୁବିଧା ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ନଦୀକୁଳିଆ ଲୋକଙ୍କ ସ୍ୱାର୍ଥ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରାଇବା ପାଇଁ ଦାବି ହେଉଛି।

ଓଁ ଶ୍ରୀଶ୍ରୀ ସରସ୍ୱତେି ନମଃ
N.R. COACHING CENTER (+2 & +3)
ନୂତନ ଶିକ୍ଷା ଯୋଜନାରେ ପରି ପ୍ରକାଶ କରିଥିବା ଏହି କୋଚିଂ ସେଣ୍ଟର +୨ ଓ +୩ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷାର ନୂଆ ପ୍ରୟାସ । ଏଠାରେ ଶିକ୍ଷାର ଉନ୍ନତି ପାଇଁ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି । ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗରିବ, ପଛୁଆ ବର୍ଗ ଓ ମଧ୍ୟବିତ୍ତ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀ ପାଠ ପଢ଼ିବାର ସୁଯୋଗ ପାଇପାରିବେ ।
+2 Mil (Odia), English, Economic, Education, Political Science, Logic, History, Op-Odia
+2 Monthly Tution (Aaa Subject) Fee Rs.- 300/- & +3 Monthly Tution Fee Rs.- 500/-
+3 Mil (Odia), Education, Political Science
B.Ed (Androkesari, Nagarjuna, Kashmir)
ଠିକଣା :- ଦେଉଳା ହାଟ (ବନ୍ଧନ ବ୍ୟାଙ୍କ ପାଖ) ଭୋଗରାଇ, ବାଲେଶ୍ୱର ଓ ଥାନାଛକ, ଆନନ୍ଦବଜାର, HDFC BANK ସାମ୍ନା
Mob.-8018060459
7978268103
ଗଜଲକ୍ଷ୍ମୀ ପୂଜା ଅବସରରେ ଅଭିନନ୍ଦନ
ଆକାଶ ପ୍ରଧାନ, ପ୍ରପାଇଟର, ଏନଆର କୋଚିଂ ସେଣ୍ଟର
ଆଗାମୀ ବର୍ଷ ପାଠ୍ୟକ୍ରମ ପାଇଁ ଯୋଗାଯୋଗ କରନ୍ତୁ ।

# ବର୍ଷାରେ ଭୁଶୁଡ଼ିଲା ୧୯ ଘର

ପୋଡ଼ାଗଡ଼, ୫।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଗତ ଗୁରୁବାର ଦିନ ଲଘୁଚାପ ଜନିତ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କେଉଁଠି ପୋଲ ଭାସି ଯାଇ ଥିବାରୁ ବାହ୍ୟ ଜଗତରୁ ଅଞ୍ଚଳ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ଅନେକ ସ୍ଥାନରେ ଘର ଭୁଶୁଡ଼ି ପଡିଛି। ଏକର ଏକର ଜମିରେ ମକା ଧନ ଚାଷ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁରେ ମାଟି କାନ୍ଥ ଥିବା ଘର ଭୁଶୁଡ଼ି ପଡ଼ିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ଯାଇଛନ୍ତି। ଘର ମରାମତି ପାଇଁ ଟଙ୍କା ନଥିବାରୁ ଗରିବ ଶ୍ରେଣୀର ଲୋକ ଘର ମରାମତି କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ପରିବାର ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଗାଦିଆ ଗୁଡା ପଞ୍ଚାୟତର ପଡୟ ପୁଟ ଗ୍ରାମର ରୁକୁ ନାୟକ ଏଲ ବାରୀଗୁଡ଼ା ଗାଁର ଅମ୍ବିକା ଖରା ଗୁଣମୁଦୁଲି ପୁରୁଷୋତ୍ତମ ଖରାଙ୍କ ଘର ବର୍ଷା ରେ ଭିଜି ଘର ଭୁଶୁଡ଼ି ପଡ଼ିଛି। ଏଥିସହ ଘରର ଆସବାବପତ୍ର ସମ୍ପୂର୍ଣ ନଷ୍ଟ ହୋଇଥିବା ଜଣାପଡିଛି। ସେହିପରି ମୁଜାଙ୍ଗ ପଞ୍ଚାୟତର ବାଉଁଶ ଗୁଡା ଗ୍ରାମର ରଘୁ ଗଡଡଙ୍କ ଘର ଅବସ୍ଥା। ଅନ୍ୟ ପଟେ ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ବଦଲି କୁଡୁମା ଗାଁର ସୁବାସ ଗଡଡ ପରଜା ବେଡ଼ାପଦର ପଞ୍ଚାୟତର ଅଧିନସ୍ଥ ବଞ୍ଜାଗୁଡା ଗ୍ରାମର ରୂପା ଦଳପତି ଦୁଆର ଶୁଣି ପଞ୍ଚାୟତର ହଲଦିଶିଲ ଗ୍ରାମର ତ୍ରିନାଥ ମୁଦୁଲିଙ୍କ ଘର ଭାଙ୍ଗି ଯାଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀଙ୍କୁ ଯୋଗାଯୋଗ କରିବାରୁ ବ୍ଲକରେ ଲଘୁଚାପ ଜନିତ ବର୍ଷାରେ ୧୬ଟି ପଞ୍ଚାୟତ ମଧ୍ୟରୁ ମୋଟ ୧୯ଟି ପଞ୍ଚାୟତର କଚାଘରର ମାଟି କାନ୍ଥ ଗୁଡ଼ିକ ଭୁଶୁଡ଼ି ଥିବା ରାଜସ୍ୱ ନିରୀକ୍ଷକଙ୍କ ନିକଟରୁ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି। ସମସ୍ତଙ୍କୁ ଜରୁରୀକାଳୀନ ସହାୟତା ଭାବେ ପଲିଥିନ ଯୋଗାଇ ଦିଆଯାଇଛି। ଯଦି ଅନ୍ୟ କୌଣସି ପରିବାର ପଲିଥିନ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଅତି ଶୀଘ୍ର ଯୋଗାଇ ଦିଆଯାଇଥିବ ବୋଲି କୁହାଯାଇଛି। ସମସ୍ତ କ୍ଷୟକ୍ଷତି ରିପୋର୍ଟ୍ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯିବ ବୋଲି କୁହାଯାଇଛି। ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପୁଲିସ ପାଟ୍ରୋଲିଂ ଗାଡ଼ିକୁ ମଦ ଯୋଗାଣ!




ଜୟପୁର, ୫।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଗାନ୍ଧୀଛକ ଠାରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛକକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ କେନାଲ ବାଇପାସ ରୋଡ ପାର୍ଶ୍ୱରେ ଏକ ସରାକାରୀ ସ୍ୱୀକୃତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଛି। କିନ୍ତୁ ଏଠାରେ ଗ୍ରାହକ ମାନେ ମଦ କିଣିବା ସହ ଦୋକାନର କର୍ମଚାରୀଙ୍କ ସହାୟତାରେ ପ୍ଲାଷ୍ଟିକ ଗ୍ଲାସ, ପାଣି ଓ ସୋଡାର ବ୍ୟବସ୍ଥା କରାଯାଉଛି। ଫଳରେ ଏହା ଏକ ଖୋଲାଖୋଲି ବାର ପାଲଟିଯାଇଛି। ଏହିପରି ଗ୍ରାହକ ମାନେ ସେଠାରେ ବିଦେଶୀ ମଦ କ୍ରୟ କରିବା ସହ ଦିନ ଓ ରାତିରେ ଖୋଲା ଖୋଲି ଭାବେ ଗ୍ଲାସରେ ମଦ ଢାଳି ଏହାକୁ ପିଉଛନ୍ତି। ଏହିପରି ଆଜି ପୁଲିସ ପେଟ୍ରୋଲିଂ ଗାଡି ଉକ୍ତ ମଦ ଦୋକାନ ନିକଟରେ ଅଟକି ରହିଥିଲା। କିନ୍ତୁ ପୁଲିସ ବାବୁ ମାନେ ଖୋଲାଖୋଲି ମଦ ପିଇବା ତାଗିଦ କରିବା ବଦଳରେ ଜଣେ ମଦ ଦୋକାନର କର୍ମଚାରୀ ଏକ ମଦ ବୋତଲ ନେଇ ଉକ୍ତ ପେଟ୍ରୋଲିଂ ଗାଡିରେ ବସିଥିବା ପୁଲିସ ବାବୁଙ୍କୁ ପ୍ରଦାନ କରିଥିଲେ। ଏହାପରେ ପୁଲିସ ପାଟ୍ରୋଲିଂ ଗାଡି ସେଠାରେ ମଦୁଆ ମାନଙ୍କୁ ତାଗିଦ ନ କରି ସେଠାରୁ ଚାଲିଯାଇଥିଲା। ଏହିପରି ଖୋଲାଖୋଲି ଭାବେ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ବାର ଚାଲିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ଚେଇଁ ଶୋଇଥିବା ନେଇ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟପ୍ରତି ସନ୍ଦେହ ସୃଷ୍ଟି ହେଉଛି। ଏହିପରି ସ୍ଥାନୀୟ କେଲା ନଗର ଏବଂ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଲୋକ ଏପରି ଖୋଲାଖୋଲି ମଦ ପିଇବାକୁ ନେଇ ଅଭିଯୋଗ କରୁଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ସାଧାରଣ ଲୋକ ପ୍ରଶାସନ ଉପରେ ଆସ୍ଥା ଓ ବିଶ୍ୱାସ ହରାଉଛନ୍ତି। ଏଥିନେଇ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି ଯେ, ଜୟପୁର ଟାଉନ ଏବଂ ସଦର ଥାନାର ଦୁଇଟି ପାଟ୍ରୋଲିଂ ଗାଡି ରହିଛି। ତେଣୁ କେଉଁ ଗାଡି ସେଠାରୁ ଏହିପରି ମଦ ନେଇଛନ୍ତି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ଠିପ ବନ୍ଦ ମଦ ଦୋକାନ ସମ୍ମୁଖରେ ଖୋଲାଖୋଲି ମଦ ପିଇବା ନେଇ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ ନେଇ ବିଶେଷ ଗ୍ରାମସଭା




ନବରଙ୍ଗପୁର,୫।୧୦(ସମିସ): ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ତାରାଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେଆଦିକର୍ମଯୋଗୀଅଭିଯାନଅନ୍ତର୍ଗତଏକବିଶେଷଗ୍ରାମସଭାହୋଇଯାଇଛି। ତାରା ଗାଁ କ୍ଲଷ୍ଟର ଅଧୀନରେ ତିନୋଟି ଗ୍ରାମ ପିଲିକା, ପାତ୍ରମୁଣ୍ଡା ଓ ଗୁମଗୁଡ଼ାର ସାମଗ୍ରୀକ ବିକାଶ ନିମନ୍ତେ ସମସ୍ତଙ୍କ ସହଭାଗିତାରେ ଗ୍ରାମ ବିକାଶ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ବର୍ଣାଲି ଢେକା କ୍ଲଷ୍ଟର୍ ଆଦି ସେବା କେନ୍ଦ୍ର ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ନିର୍ଦ୍ଦେଇକା ଶ୍ରୀମତୀ ଢ଼େକା ନିଜ ବକ୍ତବ୍ୟରେ ଆଦି ଗ୍ରାମ ବିକାଶରେ ଜନଜାତି ଯୁବକ ଯୁବତୀ କିଭଳି ସଶକ୍ତ ହେବେ, ପାରମ୍ପରିକ ଜୀବିକା ଓ ସ୍ଥାୟୀ ନିରନ୍ତର ସାମାଜିକ ଆର୍ଥିକ ଉନ୍ନୟନକୁ ସୁନିଶ୍ଚିତ କରିବେ ଓ ନିଜ ଗ୍ରାମକୁ ଏକ ଆଦର୍ଶ ମଡେଲ ଗ୍ରାମ ଭାବେ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ପିଏ,ଆଇଟିଡିଏ ରାଜୀବ ଲୋଚନ ସାହୁ, ବିଡିଓ ନବରଙ୍ଗପୁର ସୁନିଲ ଖୁରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଚାରପତି ସିଆର ଦାଶଙ୍କୁ ସମ୍ବର୍ଦ୍ଧନା



କୋଟପାଡ଼, ୫।୧୦ (ସମିସ): ଆଜି କୋଟପାଡ଼ କୋର୍ଟକୁ ଓଡିଶା ଉଚ୍ଚ ନ୍ୟାୟାଳୟର କୋରାପୁଟ ଜିଲ୍ଲା ପୋର୍ଟ ଫୋଲିଓ ବିଚାରପତି ଚିତ୍ତରଞ୍ଜନ ଦାଶ ପରିଦର୍ଶନରେ ଆସିଥିଲେ। କୋଟପାଡ଼ କୋର୍ଟରେ ପହଞ୍ଚିବା ପରେ ଓକିଲ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋର୍ଟ ପରିସରକୁ ବୁଲି ଦେଖିବା ସହ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବାର ଗୃହ, ନିର୍ମାଣ ଚାଲିଥିବା ଟ୍ରାଞ୍ଜିଟ ଗୃହ ମଧ୍ୟ ବୁଲି ଦେଖିଥିଲେ। କୋଟପାଡ଼ କୋର୍ଟରେ ନୂତନ ସିଭିଲ କୋର୍ଟ ପ୍ରତିଷ୍ଠା କରାଯିବାକୁ ସଙ୍ଘ ତରଫରୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। କୋଟପାଡ଼ ରାଜ୍ୟର ସୀମାନ୍ତ ବ୍ଲକ ହୋଇଥିବା ବେଳେ ପ୍ରାୟ ୮୦ କି ମି ଦୂର ଯାଇ ଉଭୟ ମହକିଲ ଓ ଓକିଲ ଖର୍ଚ୍ଚାନ୍ତ ହେବା ସହ ଗମନା ଗମନରେ ମଧ୍ୟ ଅସୁବିଧା ଭୋଗୁ ଥିବା ସଂଘ ତରଫରୁ ସୂଚନା ଦିଆ ଯାଇଥିଲା। ପୂର୍ବରୁ ସିଭିଲ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାଜିଷ୍ଟ୍ରେଟଙ୍କ ପାଇଁ ମଧ୍ୟ ଇରିଗେଶନ କଲୋନୀରେ ଗୃହ, ଜୁଡ଼ିସିଆଲ ବିଭାଗକୁ ହସ୍ତାନ୍ତର କରାଯାଇଥିବା ସଂଘ ତରଫରୁ ବିଚାରପତିଙ୍କୁ ଅବଗତ କରାଯାଇଥଲା। ସିଭିଲ କୋର୍ଟ ପ୍ରତିଷ୍ଠା ସମ୍ପର୍କରେ ସମସ୍ତ ଦିଗକୁ ବିଚାରକୁ ନିଆଯାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଚାରପତି ସି ଆର ଦାଶ ପ୍ରତିଶୃତି ଦେଇଥିଲେ। ଏହି ସମ୍ବର୍ଦ୍ଧନା ଓ ଆଲୋଚନା ବେଳେ କୋରାପୁଟ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ମହନ୍ତ, ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ତ୍ରିଜୀବ କୁମାର ନନ୍ଦ, ତହସିଲଦାର ଟ୍ୱିଙ୍କିଲ ସେଠୀ, ସଭାପତି ମଣି ପଟ୍ଟନାୟକ, ପୂର୍ବତନ ସଭାପତି ପଙ୍କଜ କୁମାର ପାତ୍ର, ସମ୍ପାଦକ ମୁକ୍ତେଶ୍ୱର ନାୟକ, ରାଜ୍ୟ ଓକିଲ ସଂଘ ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବକ୍ସି, ବରିଷ୍ଠ ଓକିଲ ଜିତେନ୍ଦ୍ର ନାଥ ମହାପାତ୍ର, ଉମା ଶଙ୍କର ପଟ୍ଟନାୟକ ପ୍ରଦୀପ୍ତ ବକ୍ସି, ନିମେଶ୍ୱରୀ ପଟ୍ଟନାୟକ, ସଂଗ୍ରାମ ଜେନା, ଖଗପତି ପାତ୍ର, ଶଙ୍କର ପ୍ରସାଦ ପଣ୍ଡା, ଘନଶ୍ୟାମ ବିଶୋଇ, ଅଜିତ ପାତ୍ର, ବିଦ୍ୟୁତ ଲତା ବକ୍ସି, ଚିନ୍ମୟ ଷଡ଼ଙ୍ଗୀ, ଗୁପ୍ତ ପ୍ରସାଦ ବେହେରା, ସୁଧୀର ଚନ୍ଦ୍ର ମହାନ୍ତି ଙ୍କ ସମେତ ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ପୁଣି ଅପହରଣ

ଜୟପୁର, ୫।୧୦ (ସମିସ): ଜୟପୁର ସଦରଥାନା ଅଞ୍ଚଳର କୁମୁଲିପୁଟ ଗ୍ରାମର ଆଉ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ନାବାଳିକାଙ୍କ ପିତାଙ୍କ ଏତଲାକୁ ଭିତ୍ତି କରି ସଦରଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗତ ଶୁକ୍ରବାର ରାତିରେ ପରିବାର ଲୋକେ ରାତିରେ ଶୋଇଥିଲେ। ସକାଳୁ ଉଠି ଦେଖିବା ବେଳେ ୧୬ ବର୍ଷିୟା ନାବାଳିକା ନିଜ ଗୃହରେ ନଥିଲେ। ଖୋଜାଖୋଜି ପରେ ହରଡାପୁଟ ଗ୍ରାମର ସମୀର ହରିଜନ ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଏକ ପୀଡିତାଙ୍କ ପିତା ଗତକାଲି ଥାନାରେ ଏତଲା ଦେଇଥିଲେ। ଏନେଇ ସଦରଥାନାରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ମାସ ୪ ତାରିଖରେ ଉକ୍ତ ନାବାଳିକାଙ୍କ ଅଭିଯୁକ୍ତ ଯୁବକ ପାରାବେଡାସ୍ଥିତ ଏକ ବିଦ୍ୟାଳୟକୁ ଯାଇଥିବା ବେଳେ ସେଠାରୁ ଏକ କାର ଯୋଗେ ଅପହରଣ କରିଥିବା ନେଇ ନାବାଳିକାଙ୍କ ପିତା ଟାଉନଥାନାରେ ଅଭିଯୋଗ କରିଥିଲେ। ଏହିପରି ପୁଲିସ ଖୋଜାଖୋଜି କରିବା ପରେ ନାବାଳିକାଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ ଏବଂ ପରିବାରକୁ ହସ୍ତାନ୍ତର କରିଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏକ ମାସ ମଧ୍ୟରେ ପୁଣି ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଅଭିଯୁକ୍ତ ସମୀରଙ୍କ ବିରୋଧରେ ଟାଉନଥାନା ଏବଂ ସଦରଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି।

## ୫ ଲକ୍ଷ ଇନାମି ମାଓବାଦୀ ନିହତ

ମାଲକାନଗିରି, ୫।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ଏନକାଉଣ୍ଟରରେ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ଥିବା ମାଓବାଦୀ ନିହତ। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ଗାମ୍ପୁର ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ବହନ କରୁଥିବା ଜଣେ ନକ୍ସଲବାଦୀ ନିହତ ହୋଇଛି। ଶନିବାର ଦିନ ଏହି ଅଞ୍ଚଳରେ ଯବାନ ମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଏନକାଉଣ୍ଟର ହୋଇଥିଲା। ଯେଉଁଥିରେ ସୁରକ୍ଷା ବାହିନୀର ସ୍ପେଶାଲ୍ ଟାସ୍କ ଫୋର୍ସ ଏବଂ ଜିଲ୍ଲା ରିଜର୍ଭ ଗାର୍ଡର ଏକ ମିଳିତ ଦଳ ତଲାସି ଅଭିଯାନ କରୁଥିଲେ। ଏହି ଅପରେସନ ସମୟରେ ମାଓବାଦୀ ଓ ଯବାନଏନକେ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟରେ ଯବାନଙ୍କ ସାମ୍ନା କରିନପାରି ମାଓବାଦୀ ମାନେ ଛତ୍ର ଭଙ୍ଗ ଦେଇଥିଲେ। ଏହାପାଏ ଅଞ୍ଚଳରେ ତଲାସି ଅଭିଯାନ କରୁଥିବା ବେଳେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ମାଓ ସାହିତ୍ୟକୁ ଯବାନ ମାନେ ଜବତ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ଏହି ସଫଳତା ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା, କାରଣ ଆଇତୁ ପୋଡିୟମ୍ ଦୀର୍ଘ ସମୟ ଧରି ବିଜାପୁର ଅଞ୍ଚରେ ସକ୍ରିୟ ଥିଲା।

## ଶେଷ ପର୍ଯ୍ୟାୟରେ ମା'ଗଜଲକ୍ଷ୍ମୀ ମୂର୍ତ୍ତି ନିର୍ମାଣ

ଗୁଡାରୀ, ୫।୧୦(ସମିସ): ଏହି ବର୍ଷ ଗୁଡାରୀ ସହରର ତିନୋଟି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଛ। ଡେରା ସାହି ଏବଂ ମିଲୁଡେପ ସାହିରେ ବହୁବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଥିବାବେଳେ କିଛି ବର୍ଷ ଧରି ବନ୍ଦ ରଖିଥିବା ମହାଦେବ ବ୍ଲକ୍ ପୂଜା କମିଟି ଏହି ବର୍ଷ ମା'ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ କରିବା ପାଇଁ ଅଣ୍ଟା ଭିଡ଼ିଛି। ନଗରର ସମସ୍ତ ଅସ୍ଥାୟୀ ପୂଜା ମଣ୍ଡପରେ ମା'ଙ୍କ ମୂର୍ତ୍ତୀ ରଙ୍ଗ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନୋଟି ମଣ୍ଡପର ଆଲୋକ ସଜ୍ଜାରେ ସାରା ସହର ଝଲସିବାରେ ଲାଗିଛି। ସମସ୍ତ ଅସ୍ଥାୟୀ ମଣ୍ଡପରେ ମା' ୫ ରୁ ୭ ଦିନ ପୂଜା ପାଇବେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅଷ୍ଟପ୍ରହରୀ ନାମଯଜ୍ଞ, ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି।

## ମା' ଦୁର୍ଗାଙ୍କ ମେଲାଣି ଉତ୍ସବ

ଗୁଡାରୀ,୫।୧୦ (ସମିସ): ଗୁଡାରୀ ଟାଉନ ଦୁର୍ଗାପୂଜା କମିଟି ଦ୍ୱାରା ଅନୁଷ୍ଠିତ ଦୁର୍ଗତି ନାସିନୀ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ରବିବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୬ ବର୍ଷ ଧରି ପୂଜା କରି ଆସୁଥିବା ଟାଉନ ଦୁର୍ଗାପୂଜା କମିଟି ଗତ ରବିବାର ସଂଧ୍ୟାରେ ମା'ଙ୍କ ବିଦାୟକାଳିନ ଉତ୍ସବ ପାଳନ କରିଥିଲା। ବିଭିନ୍ନ ପ୍ରକାରର ବାଣ ସାଙ୍ଗକୁ ଭବାନୀପାଟଣା (ଜୁନାଗଡ଼) ରୁ ଅଣାଯାଇଥିବା ଦୁଲଦୁଲା ବାଦ୍ୟରେ ସାରା ସହର କମ୍ପି ଉଠିଥିଲା। ମା'ଙ୍କ ମୂର୍ତ୍ତୀ ସହରର ସାହି ଗଳିରେ ପରିକ୍ରମା କରିବା ସମୟରେ ହଜାର ହଜାର ଭକ୍ତ ଦର୍ଶନ କରିଥିଲେ। ଏଥିରେ ସଭାପତି ସନ୍ତୋଷ ମହାନ୍ତି ସମ୍ପାଦନ କେଦାର ସାହୁ, କୋଷାଧ୍ୟକ୍ଷ ଶିବସାହୁ, ପରିଚାଳନା କମିଟିର ସୁଶିଲ ଗୁରୁ ଈଶ୍ୱର ପାଣିଗ୍ରାହି, ସାଦା ପାଣିଗ୍ରାହି ଗୌତମ, ଗୌରା, ବାବୁଲା ରଥ ପ୍ରମୁଖ ଉପସ୍ଥିତ ଥିବାବେଳେ ସହର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନାଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁ ପୁଲିସ ମୁତୟନ କରିଥିବା ଜଣାପଡ଼ିଛି।

# ଶେଷ ପର୍ଯ୍ୟାୟରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ରାୟଗଡା, ୫।୧୦(ସମିସ): ୩୦ ବର୍ଷରେ ପର୍ଦାର୍ପଣ କରିଛି ରାୟଗଡା ସହର ନିୟୁ କଲୋନୀ ସ୍ଥିତ ଶ୍ରୀ ଶ୍ରୀ ମା' ଗଜଲକ୍ଷ୍ମୀ ପୂଜା କମିଟିର ଗଜଲକ୍ଷ୍ମୀ ପୂଜା। ଚଳିତ ବର୍ଷର ପୂଜାକୁ ଆହୁରି ଆକର୍ଷିତ କରିବା ପାଇଁ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ପାଇଁ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁନ୍ଦର ତୋରଣ ସାଙ୍ଗକୁ ମା ଗଜଲକ୍ଷ୍ମୀଙ୍କ ଆକର୍ଷଣୀୟ ମୃଣ୍ମୟ ପ୍ରତିମା ତିଆରି ଚାଲିଛି। ମା'ଙ୍କ ମୂର୍ତ୍ତିରେ କାରିଗର ତୁଳିର ଶେଷ ସ୍ପର୍ଶ ଦେଉଥିବା ବେଳେ ତୋରଣ ନିର୍ମାଣ କରୁଥିବା କାରିଗରମାନେ ତାଙ୍କ କାମରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ସେହିପରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନରଞ୍ଜନ ପାଇଁ ମିନାବଜାର ବ୍ୟବସ୍ଥା କରାଯାଇଛି। ପୂଜା ମଣ୍ଡପରେ ଆସନ୍ତାକାଲି ସୋମବାର ୬ ଅକ୍ଟୋବର ଠାରୁ ଆସନ୍ତା ୧୭ ଅକ୍ଟୋବର ପର୍ଯ୍ୟନ୍ତ ୧୧ଦିନ ଧରି ପୂଜା ବିଧି ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟା ସାଢେ ୬ଟାରୁ ୭ଟା ମଧ୍ୟରେ ଜଳଯାତ୍ରା ଏବଂ ରାତ୍ର ସାଢେ ୧୧ଟାରୁ ସାଢେ ୧୨ଟା ମଧ୍ୟରେ ମାଙ୍କ ଆବାହନ ଓ ପ୍ରାଣ ପ୍ରତିଷ୍ଠା ପୂଜା ଅନୁଷ୍ଠିତ ହେବ। ୭ ତାରିଖ ମଙ୍ଗଳବାର ଠାରୁ ୧୭ତାରିଖ ଯାଏଁ ପୂଜା ମଣ୍ଡପରେ ପୂଜା ହେବ। ଅକ୍ଟୋବର ୧୭ତାରିଖରେ ଭସାଣି ଉତ୍ସବ ତଥା ବିସର୍ଜନ କରାଯିବ। ଏଥିରେ ସହଯୋଗ କରିବାକୁ ପୂଜା କମିଟି ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

# ରାସ୍ତା ମରାମତି କଲେ 'ବିପଦର ବନ୍ଧୁ'



ଗୁମୁଡ଼ା/ରାୟଗଡ଼ା, ୫।୧୦(ସମିସ): ଶୋଚନୀୟ ହୋଇ ପଡିଛି ରାୟଗଡ଼ା ଜିଲ୍ଲା ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ। ଜିଲ୍ଲାର ରାମନାଗୁଡ଼ା ବ୍ଲକ ଭାମିନି ଗ୍ରାମ ପଞ୍ଚାୟତ ଅନ୍ତରଝୋଲି ଗ୍ରାମ ଠାରେ ରାଜପଥର ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ହୋଇଥିବା ବେଳେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମାନେ ପଡି ଆହତ ହେଉଛନ୍ତି। ପଥଚାରୀମାନେ ଚାଲିବା କଷ୍ଟକର ହୋଇପଡିଛି । ପୂର୍ବ ଓଡିଶାରୁ ଦକ୍ଷିଣ ଓଡିଶାକୁ ସିଧା ସଳଖ ସଂଯୋଗ କରୁଥିବା ଏହି ବ୍ୟସ୍ତ ବହୁଳ ଜାତୀୟ ରାଜପଥ ଏବେ ଶୋଚନୀୟ ହୋଇପଡିଛି। ବଡ଼ ବଡ଼ ଗାତ ଯୋଗୁଁ ଲୋକେ ଆହତ ହେଉଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ଉକ୍ତ ଗାତ ଗୁଡିକରେ ସତର୍କତା ପାଇଁ ଝଣ୍ଡା ଗୁଡିକ ଲଗାଇଥିଲେ। ତେବେ ଜାତୀୟ ରାଜପଥ ବିଭାଗ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ରାସ୍ତାର ଶୋଚନୀୟ ଅବସ୍ଥାକୁ ଦେଖି ସ୍ଥାନୀୟ ଅଞ୍ଚଳର ବିପଦର ବନ୍ଧୁ ଅନୁଷ୍ଠାନର ସଦସ୍ୟମାନେ ଆଜି ସକାଳୁ ବାଲି, ଗୋଡି, ସିମେଣ୍ଟ ଆଦି ରାସ୍ତା ମରାମତି ସାମଗ୍ରୀ ନେଇ ଗାତ ଜାଗା ଗୁଡିକରେ କଂକ୍ରିଟ ଦେଇ ସମତୁଲ କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଗାଡି ଚାଳକ ମାନେ ବିପଦର ବନ୍ଧୁ ଅନୁଷ୍ଠାନକୁ ସାଧୁବାଦ ଜଣାଇବା ସହ ଜାତୀୟ ରାଜପଥ ବିଭାଗ ତୁରନ୍ତ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି।


## ଅପହୃତା ଦୁଇ ନାବାଳିକା ଉଦ୍ଧାର, ଦୁଇ ଯୁବକ ଅଟକ

କାଲିମେଲା,୫।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକା ଅପହରଣ ହୋଇଥିବାର ୩ ଦିନ ପରେ ଏମପିଭି - ୩୩ ଗ୍ରାମରୁ ଉଦ୍ଧାର କଲେ ପରିବାର ଲୋକେ। ସୂଚନା ମୁତାବକ କାଲିମେଲା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମର ଦୁଇ ନାବାଳିକା ଗତ ବୁଧବାର ରାତିରୁ ନିଖୋଜ ହୋଇଯାଇଥିଲେ। ନିଖୋଜ ହେବାର ୩ ଦିନ ଧରି ବହୁ ଖୋଜା ଖୋଜି ପରେ ଦୁଇ ନାବାଳିକାଙ୍କୁ ପରିବାର ଲୋକେ ଉଦ୍ଧାର କରିଛନ୍ତି। ତେବେ ନିଖୋଜ ହେବାର ୩ ଦିନପରେ ଏମପିଭି - ୩୩ ଗ୍ରାମରୁ ଦୁଇ ନାବାଳିକା ଉଦ୍ଧାର ହେବା ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ପକ୍ଷ୍ୟରୁ ଏହି ଘଟଣାରେ ସମ୍ପୃକ୍ତି ଏମପିଭି - ୩୩ ଗ୍ରାମର ଦୁଇ ଯୁବକ ବିକ୍ରମ ହାଲଦାର ( ୨୨ ) ଏବଂ ବିକ୍ରମ ରାୟ ( ୨୩ ) ଙ୍କୁ ଉଠାଇ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଦୁଇ ନାବାଳିକାଙ୍କୁ ଅପହରଣ ପଛରେ କଣ ରହସ୍ୟ ରହିଛି ତାହା ପୋଲିସ ପକ୍ଷରୁ ସ୍ୱଷ୍ଟ କରାଯାଇ ପାରି ନାହିଁ। ଅନ୍ୟପଟେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଘଟଣାର ଉଚିତ ତଦନ୍ତ କରି ତୁରନ୍ତ ଦୋଷୀକୁ ଗିରଫ କରିବାକୁ ପରିବାର ବର୍ଗ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

### ୩୨୬ନଂ ଏନ୍‌ଏଚ୍ କାଦୁଅ ପଚପଚ

# ହାଲୁଆ-ସାଂକେଶ ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ରାୟଗଡା, ୫।୧୦(ସମିସ):



କାଦୁଅ ପଚପଚ ହୋଇ ପଡୁଛି ରାୟଗଡା ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ। ଲଘୁଚାପ ଜନିତ ଲଗାଣ ବର୍ଷା ହେଉ କିମ୍ବା ମୌସୁମୀ ବର୍ଷା, ସବୁ ସମୟରେ ଏହି ଜାତୀୟ ରାଜପଥର ରାୟଗଡା - କୋରାପୁଟ ମୁଖ୍ୟ ରାସ୍ତାର ରାୟଗଡା ସହର ଠାରୁ ମାତ୍ର ୫ରୁ ୮କିମି ମଧ୍ୟରେ ଥିବା ହାଲୁଆ - ତଳ ସାଂକେଶ ମଧ୍ୟରେ ରାସ୍ତା କଡ଼ ପାହାଡ଼ରୁ ମାଟି ଅତଡ଼ା ଖସିବା ତଥା ରାସ୍ତା କଡରେ ପାଇପ ଲାଇନ କାମ ପାଇଁ ଖୋଳା ଯାଉଥିବାରୁ ରାସ୍ତା ଉପରେ ବହୁ ପରିମାଣରେ ମାଟି ପଡି କାଦୁଅ ପଚ ପଚ ହୋଇ ପଡୁଛି । ଜିଲ୍ଲାର କାଶୀପୁର ବ୍ଲକ ସମେତ କୋରାପୁଟ, ନବରଙ୍ଗପୁର, ମାଲକାନଗିରିକୁ ସଂଯୋଗ କରୁଥିବା ଏହି ରାସ୍ତାର ଏଭଳି ଦୁରବସ୍ଥା ଦେଖିଲେ ଗାଡି ଚାଳକମାନେ ଭୟ କରୁଥିବା ବେଳେ ସ୍ଥାନୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ କିନ୍ତୁ ନିରବଦ୍ରଷ୍ଟା ସାଜିଛନ୍ତି। ମାଟି ପଡି କାଦୁଅ ହୋଇଥିବା ଉକ୍ତ ସ୍ଥାନରେ ବହୁ ବାଇକ୍ ଚାଳକଙ୍କ ସ୍ଲିପ ହୋଇ ପଡି ଯାଉଛନ୍ତି। ଚାରି ଚକିଆ ଯାନ ଗୁଡିକ ମଧ୍ୟ କାଦୁଅ ଯୋଗୁଁ ରାସ୍ତା କଡ଼କୁ ଚାଲି ଯାଉଥିବା ଦେଖିବାକୁ ମିଳୁଛି । ଗତ ୩ଦିନ ଧରି ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଉକ୍ତ କାଦୁଅ ରାସ୍ତାରେ ଗାଡି ଚଳାଚଳ ଏକ ପ୍ରକାର ସମ୍ପୂର୍ଣ ବାଧାପ୍ରାପ୍ତ ହୋଇଥିଲା । ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଂ ଥିବା ସ୍ଥାନୀୟ ଗ୍ରାମବାସୀମାନେ କହିଛନ୍ତି । ରାୟଗଡା ବ୍ଲକର ହାଲୁଆ, ଗୁମ୍ମା, କୁମ୍ଭୀକଟା, ନାକଟି ସମେତ ଅନ୍ୟ ପଞ୍ଚାୟତ ଏବଂ କାଶୀପୁର ବ୍ଲକ ବାସିନ୍ଦା ରାୟଗଡା ଜିଲ୍ଲା ସଦର ମହକୁମାକୁ ଆସିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାଜପଥର ଶୋଚନୀୟ ଅବସ୍ଥା ସମସ୍ତଙ୍କ ପାଇଁ କଷ୍ଟ ଦାୟକ ସାଜିଛି ।

## 'ବିମୁକ୍ତିର ରହସ୍ୟ ଭଗବତ ଗୀତା' ପୁସ୍ତକ ଉନ୍ମୋଚିତ



ରାୟଗଡ଼ା, ୫।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ହୋଟେଲ ତେଜସ୍ୱୀ ଇଣ୍ଟରନ୍ୟାସନାଲ ଠାରେ ଦେଶବ୍ୟାପୀ ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରବିବାର ୫ ଅକ୍ଟୋବର ସନ୍ଧ୍ୟା ୫ ଘଟିକାରେ ମନୁଜ୍ୟୋତି ଆଶ୍ରମ, ତିରୁନେଲଭେଲି ,ତାମିଲନାଡୁ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡାର ଅବସରପ୍ରାପ୍ତ ଅଧ୍ୟାପକ ତଥା ଶିକ୍ଷାବିତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି , ମୁଖ୍ୟବକ୍ତା ଭାବେ ଅଧ୍ୟାପିକା କୃଷ୍ଣପ୍ରିୟା ସାହାଣୀ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ଜୈନ, ବିଶେଷ ନିମନ୍ତ୍ରିତ ବକ୍ତାଭାବେ ଡ. ବାବୁରାଓ ମହାନ୍ତି , ଡ. ତୁଳସୀ ଦାସ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ଶ୍ରୀମନ ନାରାୟଣ ଓ ଲହରୀ କ୍ରିଷ୍ଣାଙ୍କ ଦ୍ୱାରା ରଚିତ ତଥା ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ "ବିମୁକ୍ତିର ରହସ୍ୟ ଭଗବତ ଗୀତା" ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଟି . ନିତ୍ୟାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟି.ମାର୍ଟିନ ପୁସ୍ତକଟିର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥଲେ। ଅନ୍ୟତମ ବିଶେଷ ନିମନ୍ତ୍ରିତ ବକ୍ତା ଭାବେ ପ୍ରଭାକର ମିଶ୍ର, ତ୍ରିବେଣୀ ମିଶ୍ର, ଗଣପତି ରାଓ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶ୍ରୀ ସୁଦାମ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବିଶେଷ ଅତିଥି ଭାବରେ ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାଶ, ଡ. ଚନ୍ଦ୍ରଶେଖର ରାଓ, ଡ. ଉମାଚରଣ ପାଣିଗ୍ରାହୀ, ପ୍ରସାଦ ଟେକ୍ନୋସ୍କୁଲ୍ ଅଧ୍ୟକ୍ଷ ରାଜକୁମାର ଦାସ ,ସର୍ବଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡା, ଅଶୋକ ମହାନ୍ତି, ଜି. ଭି .ପ୍ରସାଦ, ଦିନବନ୍ଧୁ ପଟ୍ଟନାୟକ, ଗୋବିନ୍ଦ ପ୍ରସାଦ କାନୁ, ଶଶୀଭୂଷଣ ପଟ୍ଟନାୟକ, ଗିରିଜା ପ୍ରସାଦ ତ୍ରିପାଠୀ, ମୂରଲୀଧର ଦାଶ, ଫୁଲବତୀ ମୁଦୁଲି, ଅନିତା ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅନୁଷ୍ଠାନର ମୁଖପାତ୍ର ଟି. ମାର୍ଟିନ ପ୍ରକାଶ କରିଥିଲେ।

# ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।
-ଭର୍ଗିଜ୍ କୁରିଏନ୍

ସକାଳ THE SAKALA

## ଭାଗ୍ୟ ଭରସାରେ ରୋଗୀ

କାଶ ଔଷଧ ଖାଇ ମଧ୍ୟପ୍ରଦେଶରେ ୯ ଜଣ ଏବଂ ରାଜସ୍ଥାନରେ ୨ ଜଣ ଶିଶୁଙ୍କ ମୃତ୍ୟୁ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତନାଘନା ହୋଇଛି। କୋଲ୍‌ଡ୍ରିଫ୍ ନାମକ ଉକ୍ତ କାଶ ଔଷଧରେ ଡାଏଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ବୃକ୍କକୁ କ୍ଷତି କରୁଥିବା ହାନିକାରକ ରାସାୟନିକ ପଦାର୍ଥ ଥିବା ଦୁଇ ପୃଥକ୍ ନମୁନା ପରୀକ୍ଷଣରୁ ଜଣାପଡ଼ିଛି। କୋଲ୍‌ଡ୍ରିଫ୍ ଔଷଧ ସୁପାରିସ କରିଥିବା ମଧ୍ୟପ୍ରଦେଶର ସମ୍ପୃକ୍ତ ଡାକ୍ତରଙ୍କୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୫ ଓ ୨୭୬ ଏବଂ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆକ୍ଟ ୧୯୪୦ ଆଧାରରେ ଗିରଫ କରାଯିବା ସହିତ ଔଷଧ ପ୍ରସ୍ତୁତ କମ୍ପାନୀ ତାମିଲନାଡୁର ସ୍ରେସାନ୍ ଫାର୍ମାସ୍ୟୁଟିକାଲ୍ ବିରୋଧରେ ମାମଲା ରୁଜୁ କରାଯାଇଛି। ବଜାରରୁ ସେହି ଔଷଧ ପ୍ରତ୍ୟାହାର କରି ନିଆଯାଇଛି। ଏହି ଘଟଣା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଥଣ୍ଡା ଓ କାଶ ପାଇଁ କୌଣସି ଔଷଧ ଦେବା ଜରୁରୀ ନୁହେଁ। କିଛିଦିନ ଜଗି ରଖି ଚଳିଲେ ତାହା ଆପେ ଆପେ ଭଲ ହୋଇଯାଏ।

ଏହି ପୃଷ୍ଠଭୂମିରେ ପ୍ରଥମ ପ୍ରଶ୍ନ ଉଠୁଛି ଯେ ଉପରୋକ୍ତ ମାର୍ଗଦର୍ଶିକା ବିଷୟରେ ୧୧ ଜଣ ଶିଶୁଙ୍କ ପ୍ରାଣହାନି ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚେତିଲା କି? ଦ୍ୱିତୀୟ ପ୍ରଶ୍ନ, ଡାକ୍ତରୀ ପାଠ୍ୟକ୍ରମର ଫାର୍ମାକୋଲଜି ବିଷୟରେ ଏ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି କି? ଯଦି ଉଲ୍ଲେଖ ରହିଛି ତେବେ ଡାକ୍ତରମାନେ କାଶ ଔଷଧ ପାଇଁ ସୁପାରିସ କରିଆସୁଛନ୍ତି କିପରି? ଯଦି ନାହିଁ ତେବେ ପାଠ୍ୟକ୍ରମରେ ସଂଶୋଧନ ଆବଶ୍ୟକ ନା ପରିସ୍ଥିତିର ଗମ୍ଭୀରତାକୁ ଦେଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ମାର୍ଗଦର୍ଶିକାଟିଏ ଜାରି କରିଦେଲେ? ଜଣେ ସାଧାରଣ ଲୋକର ଏଥିରୁ ସ୍ୱତଃ ଧାରଣାଟିଏ ସୃଷ୍ଟି ହେଉଛି ଯେ ଜନଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଏହା କେବଳ ଏକ କୌଶଳ। କାରଣ ଏଭଳି ଘଟଣା ନୂଆ ନୁହେଁ। ଗତ ବର୍ଷ ମଧ୍ୟ ଭାରତରେ ତିଆରି ଏକ କାଶ ଔଷଧ ଖାଇ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। ଔଷଧ ବିଷାକ୍ତ କି ନୁହେଁ କିମ୍ବା ତାହାର ଗୁଣାତ୍ମକ ମାନ ଠିକ୍ ଥିଲା କି ନାହିଁ ଜାଣିବା ପାଇଁ ଭାରତୀୟ ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ। ଫଳାଫଳ ରିପୋର୍ଟ ସାର୍ବଜନିନ ହେଲା ନାହିଁ। ହୁଏତ ଏହା ପଛରେ କିଛି ମଧୁଚନ୍ଦ୍ରିକା ଥାଇପାରେ। ବାସ୍ତବତା ହେଉଛି ଆମ ଦେଶର ଔଷଧ ବଜାରର ହାରାହାରି କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତରେ ୩୦୦୦ ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ୟୁନିଟ୍ ରହିଛି। ତେଣୁ ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ ନକଲି ଔଷଧ କିମ୍ବା ନିମ୍ନମାନର ଔଷଧ ରାକେଟ୍ ଚଳାଇ ଆସୁଛନ୍ତି। ଆଇନକାନୁନର ଗଳାବାଟ ଦେଇ ସେମାନେ ଖସି ଯାଉଛନ୍ତି। ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ନ କରି ଡାକ୍ତରଙ୍କୁ ଗିରଫ କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ।

ବ୍ୟାଧିର ଦୂରୀକରଣ ଓ ନିରାକରଣରେ ଔଷଧ ଅପରିହାର୍ଯ୍ୟ। ତେଣୁ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନ ପାରେ କିମ୍ବା ରୋଗୀର ଜୀବନକୁ ବାଜି ଲଗା ଯାଇ ନ ପାରେ। କିନ୍ତୁ ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ରୋଗୀମାନେ କେତେବେଳେ ନକଲି ଓ ଅନଭିଜ୍ଞ ଡାକ୍ତର ତ କେଉଁଠି ଭେଜାଲ୍ ଔଷଧ କବଳରେ ଭାଗ୍ୟ ଓ ଭଗବାନଙ୍କ ସାହାରାରେ ଜିଉଁଛନ୍ତି।

## ତୋତେ ହିଁ ତୁହି ରକ୍ଷା କର

ସମ୍ପ୍ରତି ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ଉପରେ ମଣିଷର ନିର୍ଭରଶୀଳତା ଯେତିକି ବଢ଼ିଚାଲିଛି ସାଇବର ଅପରାଧ ମଧ୍ୟ ସେତେମାତ୍ରାରେ କାୟା ବିସ୍ତାର କରିଚାଲିଛି। ମଣିଷ ଯେତେ ସହଜ ସୁବିଧା ଓ ସୁଖ ଲୋଡ଼ୁଛି ସେତିକି ଅପରାଧୀଙ୍କ ମାୟାଜାଲ ଭିତରକୁ ପଶିଯାଉଛି। ବିଡ଼ମ୍ବନା ହେଲା ଶିକ୍ଷିତ ଓ ଆଧୁନିକ ପିଢ଼ି ମଧ୍ୟ ସାଇବର ଅପରାଧୀଙ୍କ ମାୟାଜାଲରେ ଫସି ଯାଉଛନ୍ତି। ଏଥିପାଇଁ ଅସଚେତନତାକୁ ଅଧିକ ଦାୟୀ କରାଯାଇପାରେ। ଲୋକଙ୍କୁ ସାଇବର ଅପରାଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରୀୟ ସରକାରୀ ସଂସ୍ଥା, ରାଜ୍ୟ ପୁଲିସ୍ ପ୍ରଶାସନ ଓ ଏନ୍‌ଜିଓମାନେ ମଧ୍ୟ ନିୟମିତ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି। ତଥାପି ଲୋକମାନେ ସଚେତନ ନ ହୋଇପାରିବା ଦୁର୍ଭାଗ୍ୟର ବିଷୟ। ଅଧିକନ୍ତୁ ଲୋକଙ୍କର ଏହି ଅସଚେତନତା ଓ ଖାମ୍‌ଖିଆଲି ମନୋଭାବ ହିଁ ସାଇବର ଅପରାଧୀଙ୍କୁ ଅଧିକ ସବଳ କରୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ପ୍ରକାଶିତ ସଦ୍ୟତମ ରିପୋର୍ଟରେ କର୍ଣ୍ଣାଟକକୁ ସାଇବର ଅପରାଧର ରାଜଧାନୀ ଭାବେ ଦର୍ଶାଯାଇଥିବା ବେଳେ ଓଡ଼ିଶା ୧୦ମ ସ୍ଥାନରେ ରହିଛି। ଜାତୀୟସ୍ତରରେ ସାଇବର ଅପରାଧ ୨୦୨୨ରୁ ୨୦୨୩ ମଧ୍ୟରେ ୩୧.୨% ବଢ଼ି ୮୬, ୪୨୦ଟି ମାମଲା ଦାଏର ହୋଇଛି। ଓଡ଼ିଶାରେ ୨୦୧୦ରୁ ୨୦୨୩ ମଧ୍ୟରେ ସାଇବର ଅପରାଧ ହାର ୩୫ ଗୁଣା ବୃଦ୍ଧି ପାଇଛି। କର୍ଣ୍ଣାଟକ ସିଆଇଡିର କହିବା ଅନୁଯାୟୀ ସାଇବର ଅପରାଧରେ ଅପରାଧୀକୁ ଠାବ କରିବା କାଠିକର ପାଠ। ଏବେ ସାଇବର ଅପରାଧର ଅନେକ କୌଶଳ ଉଦ୍‌ଭାବନ ହେଲାଣି। ଏପରିକି ବିଦେଶର କୌଣସି ଏଟିଏମ୍‌ରେ ଭାରତର ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଖାତାରୁ ଟଙ୍କା ଉଠାଣ ହେଉଥିବା ଜଣାପଡ଼ୁଛି, ଯାହାକୁ ଧରିବା ବହୁ ଖର୍ଚ୍ଚବହୁଳ ଓ ସମୟସାପେକ୍ଷ। ସେହିପରି ଲାପ୍‌ଟପ୍ କିମ୍ବା ମୋବାଇଲ୍ ଫୋନ୍ ଜରିଆରେ ମଧ୍ୟ ସାଇବର ଅପରାଧ ସଂଗଠିତ ହୋଇପାରୁଛି। ଅପରାଧ ଭିଆଇ ଅପରାଧୀ କିଛି ମିନିଟ ମଧ୍ୟରେ ସେ ସ୍ଥାନ ଛାଡ଼ି ଚାଲି ଯାଉଛି। ଏପରିକି ସିମ୍ କାର୍ଡ ସମେତ ମୋବାଇଲ୍ ଫୋନ୍ କିମ୍ବା ଲାପ୍‌ଟପ୍‌କୁ ସେହି ସ୍ଥାନରେ ହିଁ ନଷ୍ଟ କରିଦିଆଯାଉଛି। ସେଭଳି କ୍ଷେତ୍ରରେ ଲୋକେସନ୍ ଟ୍ରାକିଂ ବା ଅପରାଧୀକୁ ଠାବ କରିବା କଷ୍ଟକର ହୋଇପଡ଼ୁଛି। ଏବେ କ୍ରିପ୍ଟୋକରେନ୍ସି ଜରିଆରେ ସାଇବର ଅପରାଧର ମାତ୍ରା ବଢ଼ି ଚାଲିଥିବାରୁ ତଦନ୍ତ ପାଇଁ ଆହୁରି ଏକ ଆହ୍ୱାନ ସୃଷ୍ଟି ହୋଇଛି।

ଇଣ୍ଟରନେଟ୍ ଓ କମ୍ପ୍ୟୁଟରର ବହୁଳ ବ୍ୟବହାର, ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଇଣ୍ଟରନେଟ୍ ବ୍ୟବହାରକାରୀ ନିଜ ସୁରକ୍ଷା ପାଇଁ ନିଜେ ସଜାଗ ନ ହେଲେ ରକ୍ଷା ନାହିଁ। ଆମର ବ୍ୟକ୍ତିଗତ ଗୋପନୀୟ ସୂଚନା, ବିଭିନ୍ନ ପ୍ରମାଣପତ୍ର, ଏପରିକି ଆଚରଣ ଓ ଉଚ୍ଚାରଣ ସାମାଜିକ ଗଣମାଧ୍ୟମ ଜରିଆରେ ଅପରାଧୀମାନେ ସଂଗ୍ରହ ଓ ବିକ୍ରି କରି କୋଟି କୋଟି ଟଙ୍କାର କାରବାର କରୁଛନ୍ତି। ତେଣୁ 'ତୋତେ ହିଁ ତୁହି ରକ୍ଷା କର' ଆମ ସମସ୍ତଙ୍କ ପାଇଁ ଆପ୍ତବାଣୀ।

# ସହରବାସୀଙ୍କ ହରିତ୍ ସ୍ଥଳ

ବିଦ୍ୟାଧର ମହାରଣା

ଗ୍ରାମାଞ୍ଚଳ ପରିବେଶରେ ମୁକ୍ତବାୟୁ, ସବୁଜକ୍ଷେତ୍ର, ବୃକ୍ଷଲତା, ଶୀତଳ ଛାୟା, ନଦୀଜଳ ଇତ୍ୟାଦି ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ଅନୁକୂଳ। କିନ୍ତୁ ସହରୀ ପରିବେଶରେ ଏପ୍ରକାର ସୁବିଧା କ୍ୱଚିତ ମିଳିଥାଏ। ପ୍ରଦୂଷିତ ବାୟୁ, ଶବ୍ଦ ପ୍ରଦୂଷଣ, ଅଧିକ ଉତ୍ତାପ, ଜଳାଭାବ, ନାଳନର୍ଦ୍ଦମା, କଂକ୍ରିଟ୍ ଜଙ୍ଗଲ, ଅଧିକ ବର୍ଷାଜନିତ ବନ୍ୟା ଇତ୍ୟାଦି ସହରୀ ଜୀବନକୁ ପ୍ରଭାବିତ କରେ। ଏପରି ପରିବେଶୀୟ, ସ୍ୱାସ୍ଥ୍ୟଗତ ଓ ସାମାଜିକ ସମସ୍ୟାର ସମାଧାନ ପାଇଁ ଅଧିକ ସଂଖ୍ୟାରେ ବୃକ୍ଷଲତା ଓ ହରିତ୍ କ୍ଷେତ୍ରର ଆବଶ୍ୟକତା ସର୍ବତ୍ର ଉପଲବ୍ଧି କରାଯାଏ।

ଭାରତରେ ୪୮୦୦ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି। ଓଡ଼ିଶାରେ ପାଞ୍ଚଟି ମହାନଗର ନିଗମ, ୬୧ ନଗରପାଳିକା ଓ ୧୨୨ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକରୁଛି। ଏହି ସହରାଞ୍ଚଳଗୁଡ଼ିକ ପାଇଁ ବହୁ ଅର୍ଥବ୍ୟୟ କରାଯାଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଏ। ଯୋଜନା ପ୍ରସ୍ତୁତ ସମୟରେ ସହରାଞ୍ଚଳରେ ବନୀକରଣ ଓ ସବୁଜସ୍ଥଳୀ ହିସାବରେ ପୁଷ୍ପ ବାଟିକା, ଗୋଷ୍ଠୀ ଉଦ୍ୟାନ, ସବୁଜ ଛାତ ଓ ପ୍ରାକୃତିକ ଉଦ୍ୟାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଏହାଦ୍ୱାରା ସହରରେ ବସବାସ କରୁଥିବା ଲୋକମାନଙ୍କ ବହୁ ସମସ୍ୟା ସମାଧାନ ହୋଇପାରିବ।

ସାଧାରଣତଃ ସହରାଞ୍ଚଳରେ ଚତୁଃପାର୍ଶ୍ୱରେ ଥିବା ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ଉତ୍ତାପ ଅନୁଭୂତ ହୁଏ। ଅଧିକ ସଂଖ୍ୟକ ପକ୍କା ଗୃହ ନିର୍ମାଣ, ପିଚୁ ରାସ୍ତା, ଅଧିକ ଗାଡ଼ିମୋଟର ଚଳାଚଳ, ବହୁସଂଖ୍ୟକ ରେଫ୍ରିଜେରେଟର, ବାତାନୁକୂଳନ ଯନ୍ତ୍ର ବ୍ୟବହାର ଯୋଗୁଁ ଏବଂ ଆବଶ୍ୟକ ବୃକ୍ଷଲତା ଅଭାବରୁ ସହରାଞ୍ଚଳ ଏକ ଉତ୍ତପ୍ତ ଦ୍ୱୀପ ହୋଇଯାଏ, ଯାହାକୁ 'ଅର୍ବାନ୍ ହିଟ୍ ଆଇଲଣ୍ଡ' କୁହାଯାଏ। ସହରରେ ରାସ୍ତାଘାଟ, କଂକ୍ରିଟ୍ ଅଟ୍ଟାଳିକା ଇତ୍ୟାଦିଗୁଡ଼ିକର ତାପ ପ୍ରତିଫଳନ କ୍ଷମତା ବହୁତ କମ୍। ଏଗୁଡ଼ିକ ଅଧିକ ଉତ୍ତାପ ଶୋଷଣ କରିବା ଏବଂ ଗାଡ଼ିମୋଟର ଓ କଳ କାରଖାନାଗୁଡ଼ିକରୁ ଅଧିକ ସବୁଜ ଗୃହ ବାଷ୍ପ ନିର୍ଗମନ ଯୋଗୁଁ ଏହି ସମସ୍ୟା ଅଧିକ ହୁଏ। ଏହାର ସମାଧାନ ପାଇଁ ଅଧିକସଂଖ୍ୟକ ବୃକ୍ଷଲତା ରୋପଣ କରିବା ସହିତ ସବୁଜ ବଳୟ ସୃଷ୍ଟି କରିବା ଆବଶ୍ୟକ। ବୃକ୍ଷଲତାଗୁଡ଼ିକ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଓ ଅନ୍ୟ ପ୍ରଦୂଷିତ ବାଷ୍ପ ଶୋଷି ଅମ୍ଳଜାନ ତ୍ୟାଗ କରିବା ସହିତ ଏକ ଶୀତଳ ପରିବେଶ ସୃଷ୍ଟି କରନ୍ତି। ବୃକ୍ଷଲତା ଅଧିକ ଥିଲେ ବର୍ଷାଜଳ ମୃତ୍ତିକା ମଧ୍ୟରେ ସଞ୍ଚିତ ହୋଇ ରହିବା ଫଳରେ ବନ୍ୟାସମସ୍ୟା ଦେଖାଯିବ ନାହିଁ। ବୃକ୍ଷଲତା ଅଧିକ ଥିଲେ ବିଭିନ୍ନ ପ୍ରଜାତିର ଗଛ, ପ୍ରାଣୀ ଓ ଅନ୍ୟାନ୍ୟ ଜୀବ ଏକାଠି ରହି ଜୈବବିବିଧତା ସୁରକ୍ଷିତ ରଖନ୍ତି। ସହରାଞ୍ଚଳ ପାଇଁ ସବୁଜସ୍ଥଳ ଦ୍ୱାରା ଅନୁକୂଳ ପରିବେଶ, ସହରୀ ଉତ୍ତପ୍ତ ଦ୍ୱୀପ ପ୍ରଭାବ ହ୍ରାସ, ଶବ୍ଦ ପ୍ରଦୂଷଣ ହ୍ରାସ ଓ ବର୍ଷାଜଳ ନିୟନ୍ତ୍ରଣ ହୋଇଥାଏ। ସହରନିବାସୀମାନଙ୍କର ସ୍ୱାସ୍ଥ୍ୟ ବିକାଶ ଓ ମାନସିକ ଶାନ୍ତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଏପରି ଉପକାରଗୁଡ଼ିକୁ ଆମେ ପରିବେଶ ଜନିତ, ସ୍ୱାସ୍ଥ୍ୟ ଓ ମାନବ କଲ୍ୟାଣ, ପରିବେଶ ସୁରକ୍ଷା ଓ ସାମାଜିକ-ଅର୍ଥନୈତିକ ଜନିତ ଉପକାର ହିସାବରେ ବିଚାର କରିପାରିବା।

ପର୍ଯ୍ୟାବରଣ ସ୍ଥିରତା: ସହରାଞ୍ଚଳରେ ବୃକ୍ଷଲତା ଓ ସବୁଜସ୍ଥଳୀଗୁଡ଼ିକ ଛାୟାପ୍ରଦାନ କରିବା ସହିତ ବାୟୁମଣ୍ଡଳକୁ କ୍ରମାଗତ ଜଳୀୟଅଂଶ ଓ ଅମ୍ଳଜାନ ତ୍ୟାଗ କରିବା ଫଳରେ ଚାରିପାଖରେ ଏକ ଶୀତଳ ପରିବେଶ ସୃଷ୍ଟି ହୁଏ। ଏହାଦ୍ୱାରା ଅଧିକ ଉତ୍ତାପରୁ ରକ୍ଷା ମିଳେ ଏବଂ ଆରାମଦାୟକ ପରିବେଶ ମିଳେ। ବାୟୁମଣ୍ଡଳରୁ ବୃକ୍ଷଲତା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ବାଷ୍ପ ଶୋଷଣ କରି ବାୟୁମଣ୍ଡଳକୁ ପରିଷ୍କାର ରଖନ୍ତି ଏବଂ ଅଧିକ ମାତ୍ରାରେ ଅମ୍ଳଜାନ ଯୋଗାଇଥା'ନ୍ତି। ସହରାଞ୍ଚଳଗୁଡ଼ିକରେ ବର୍ଷାଜଳ ଡ୍ରେନ୍ ଦେଇ ଓ ରାସ୍ତା ଉପରେ ବହିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି କରନ୍ତି। କିନ୍ତୁ ବୃକ୍ଷଲତା ବର୍ଷାଜଳକୁ ମାଟି ମଧ୍ୟରେ ସଞ୍ଚିତ କରି ଏହି ସମସ୍ୟାର ସମାଧାନ କରନ୍ତି। ସହରାଞ୍ଚଳରେ କ୍ରମାଗତ ପରିବହନ ଯାନ ଚଳାଚଳ କହିବା ଫଳରେ ଶବ୍ଦ ପ୍ରଦୂଷଣ ହୁଏ। ବୃକ୍ଷଲତା ଏପରି ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଯୋଗୁଁ ସମସ୍ତେ ସୁଖନିଦ୍ରା ଅନୁଭବ କରନ୍ତି।

ସ୍ୱାସ୍ଥ୍ୟ ଓ ଜନମଙ୍ଗଳ: ସହରୀ ଜୀବନ ଅଧିକ ବ୍ୟସ୍ତ ବହୁଳ। ଏଥିରେ ମାନସିକ ଦୁଶ୍ଚିନ୍ତା ବେଶୀ ଦେଖାଯାଏ। କିନ୍ତୁ ବୃକ୍ଷଲତା ପରିପୂର୍ଣ୍ଣ ସ୍ଥାନ ଓ ପାର୍କଗୁଡ଼ିକରେ କିଛି ସମୟ ବିତାଇଲେ ମାନସିକ ଶାନ୍ତି ମିଳେ। ଏହା ମଧ୍ୟରେ ଚାଲିଲେ, ଦୌଡ଼ିଲେ, ଖେଳିଲେ ଓ ବ୍ୟାୟମ କଲେ ଉଭୟ ଶାରୀରିକ ଓ ମାନସିକ ଶାନ୍ତି ମିଳେ। ମନରେ ଯେତେ ଦୁଃଖ ଥାଉ ପଛକେ ସବୁଜ ଘାସ ବଗିଚା, ଫୁଲ ବଗିଚା ଓ ବିଭିନ୍ନ ବୃକ୍ଷଲତା ନିକଟରେ କିଛି ସମୟ ବିଶ୍ରାମ ନେଲେ ମାନସିକ ଶାନ୍ତି ମିଳେ। ସକାଳ ଓ ସନ୍ଧ୍ୟା ପରିଭ୍ରମଣ କାଳରେ ବିଭିନ୍ନ ବନ୍ଧୁଙ୍କ ସହ ବାର୍ତ୍ତାଳାପ, ଖୁସିବାସରେ ସମୟ ବିତାଇଲେ ବାସ୍ତବିକ ବହୁ ସମସ୍ୟାର ସମାଧାନ ହୋଇଯାଏ। ଏହାଦ୍ୱାରା ଅବସାଦକୁ ନିୟନ୍ତ୍ରଣ କରିହୁଏ। ଯେତେବେଳେ ଉଦାସୀନତା ଦେଖାଯାଏ ସେତେବେଳେ ପାର୍କରେ କିଛି ସମୟ ବୁଲି ଆସିଲେ ଅବସାଦ ଦୂରୀଭୂତ ହୋଇଥାଏ।

ବିଶ୍ରାମ ବେଳେ ଆମେ ଦୈନିକ ୫୫୦ ଲିଟର ଅମ୍ଳଜାନ ବ୍ୟବହାର କରୁ। ପ୍ରତି ମିନିଟରେ ପ୍ରାୟ ୨୨୧ ମିଲିମିଟର ଅମ୍ଳଜାନ ପ୍ରତି ବୟସ୍କ ବ୍ୟକ୍ତିଙ୍କ ଆବଶ୍ୟକତା। ଆମ ନିକଟରେ ଅଧିକ ବୃକ୍ଷ ରହିବା ଆମ ପାଇଁ ଏକ ବରଦାନ। ବୃକ୍ଷ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରି ଖାଦ୍ୟ ପ୍ରସ୍ତୁତ କରେ ଏବଂ ଅମ୍ଳଜାନ ତ୍ୟାଗ କରେ। ଏହାଛଡ଼ା ବୃକ୍ଷ ଆମର ବହୁ ଆବଶ୍ୟକତା ପୂରଣ କରେ। ପ୍ରାଚୀନ କାଳରେ ବୃକ୍ଷକୁ ଦେବତା ରୂପେ ପୂଜା କରାଯାଉଥିଲା। ଦେବାଳୟ, ପୁଷ୍କରିଣୀ ଓ ବୃକ୍ଷ ଏକାଠି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହିତ ମଣିଷମାନଙ୍କର ବହୁ ଆବଶ୍ୟକତା ପୂରଣ କରୁଥିଲେ। ବୃକ୍ଷର ପ୍ରତ୍ୟେକ ଅଂଶ ଆମ ପାଇଁ ଉପକାରୀ। ସମୁଦ୍ର ମନ୍ଥନ ବେଳେ ହଳାହଳ ବିଷ ପାନ କରିଥିଲେ ପ୍ରଭୁ ନୀଳକଣ୍ଠ। ବୃକ୍ଷ ଆଧୁନିକ ଯୁଗରେ ଆମର ନୀଳକଣ୍ଠେଶ୍ୱର। ଅବସାଦ ଓ ଶାରୀରିକ କ୍ଳାନ୍ତି ମେଣ୍ଟାଇବାକୁ ବୃକ୍ଷ ଛଡ଼ା ଆଉ ସଂସାରରେ କୌଣସି ବସ୍ତୁ ନାହିଁ।

ପରିବେଶ ଜନିତ ଉପକାର: ସବୁଜ ସ୍ଥଳୀରେ ଜୈବବିବିଧତା ସୁରକ୍ଷିତ ରହେ। ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ପରସ୍ପରକୁ ସାହାଯ୍ୟ କରନ୍ତି। ଏମାନେ ବିଭିନ୍ନ ପ୍ରକାରର ପରିବେଶୀୟ ସେବା ଯୋଗାଇବାରେ କାର୍ପଣ୍ୟ କରନ୍ତି ନାହିଁ, ଯାହାର ସୁଫଳ ଆମେ ସିଧାସଳଖ ପାଉ। ବିଭିନ୍ନ ପ୍ରଜାତିର ଚଢ଼େଇମାନଙ୍କ ରଙ୍ଗବେରଙ୍ଗର ଶରୀର ଓ କିଚିରିମିଚିରି ଶବ୍ଦ କାହାକୁ ବା ଆକୃଷ୍ଟ ନକରେ? ପାର୍କଗୁଡ଼ିକରେ ବିଭିନ୍ନ କିସମର ଔଷଧବୃକ୍ଷ ରୋପଣ କରାଯାଏ। ଏହାର ଚାରିପାଖରେ ବୁଲିଲେ ଆମେ ବହୁତ ଉପକାର ପାଇପାରିବା। କେତେକ ଔଷଧୀୟ ବୃକ୍ଷଲତା ଆମର କେତେକ ରୋଗ ଉପଚାର ପାଇଁ ବ୍ୟବହାର କରାଯାଏ।

ସାମାଜିକ-ଅର୍ଥନୈତିକ ଉପକାର: ସହରର ସବୁଜ ସ୍ଥଳୀ ବିଭିନ୍ନ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇ ଥାଏ। ଗୋଷ୍ଠୀ ସହଭାଗିତା ଏଇଠୁ ଆରମ୍ଭ କରାଯାଇପାରେ। ନିରୋଳାରେ ଏକାଠି ବସି ଆମେ କେତେକ ସମସ୍ୟାର ସମାଧାନ କରିପାରିବା। ସାଙ୍ଗ ଓ ବନ୍ଧୁବାନ୍ଧବମାନଙ୍କ ସହିତ କେତେକ ମେଳା ମଉଛବ, ଆଲୋଚନାଚକ୍ର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏହା ଏକ ଉପଯୁକ୍ତ ପରିବେଶ।

ଉପରୋକ୍ତ ଉପକାରଗୁଡ଼ିକ ବିଚାର କରି ସହରାଞ୍ଚଳରେ ଯୋଜନା ପ୍ରସ୍ତୁତ କଲା ସମୟରେ ରାସ୍ତାକଡ଼ ବନୀକରଣ, ପିକ୍‌ନିକ୍ ସ୍ଥାନ, ପାର୍କ ଓ ଶିଶୁ ଉଦ୍ୟାନ ବିକାଶ କରାଯିବା ଆବଶ୍ୟକ। ସହରାଞ୍ଚଳରେ ମୁଣ୍ଡ ପିଛା ୧୦-୧୫ ବର୍ଗ ମିଟର ସବୁଜ ସ୍ଥାନ ଆବଶ୍ୟକ। ଛୋଟ ଛୋଟ ପାର୍କ ୦.୧ ରୁ ୦.୫ ହେକ୍ଟର ପରିମିତ ହେବା ଆବଶ୍ୟକ। ପ୍ରତି ୧ ଲକ୍ଷ ଲୋକଙ୍କ ପାଇଁ ୧୦ଟି ଛୋଟ ପାର୍କ ଆବଶ୍ୟକ। ସବୁ ବର୍ଗର ଜନସାଧାରଣ ଯେପରି ସମାନ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ମନେରଖିବା କଥା ଯେପରି ପ୍ରାକୃତିକ ସ୍ଥଳଗୁଡ଼ିକ ସୁରକ୍ଷିତ ରହି ପରିବେଶୀୟ ଯୋଗାଇ ପାରିବେ। ସବୁଜ ସ୍ଥଳୀଗୁଡ଼ିକର ବିକାଶ ହୋଇପାରିଲେ ପ୍ରତିକୂଳ ପରିବେଶ ଜନିତ ସମସ୍ୟାରୁ ଜନସାଧାରଣ ମୁକ୍ତିପାଇବେ ଏବଂ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହାସହିତ ପ୍ରତ୍ୟେକ ପରିବାର ନିଜ ଘର ଚାରିପାଖରେ ଓ ଘର ଛାତ ଉପରେ କିଛି ବାଡ଼ିବଗିଚା କରିବା ପାଇଁ ସଚେତନତା ସୃଷ୍ଟି ହେବା ମଧ୍ୟ ଆବଶ୍ୟକ। ଭୁବନେଶ୍ୱର ଆଇଗଣିଆଠାରେ ଅବସ୍ଥାପିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଆମ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ଜୟପୁରଠାରେ ସଫଳ ଛାତ ବଗିଚା ପାଇଁ ବୈଷୟିକ ସହାୟତା ଦେଇଛନ୍ତି। ସରକାର ବର୍ଷା ଜଳ ଅମଳ ପାଇଁ ଆର୍ଥିକ ସହାୟତା ଦେଇଛନ୍ତି, ଯାହାର ଉପଯୋଗ ସହର ବାସିନ୍ଦା କରିପାରିବେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଅଧ୍ୟାପକ ଗୋପବନ୍ଧୁ

ଜ୍ଞାନ କହିଲେ କୌଣସି ବିଷୟରେ ଜାଣିବାକୁ ବା ଅବଗତ ହେବାକୁ ବୁଝାଏ। ଯେଉଁ ବସ୍ତୁ ବା ବିଷୟ ଯାହା ତା'କୁ ସେହି ରୂପରେ ଜାଣିବା ହିଁ ଜ୍ଞାନ। ଗୋଟିଏ ବସ୍ତୁକୁ ଭିନ୍ନ ବସ୍ତୁ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ବିଶ୍ୱରେ ସେହିମାନେ ହେଉଛନ୍ତି ଜ୍ଞାନୀ, ଯେଉଁମାନେ ବିଭିନ୍ନ ବିଷୟରେ ସଠିକ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି।

ଜ୍ଞାନ ଦୁଇ ପ୍ରକାରର। ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ। ଆମ ଶରୀର ବାହାରେ ଥିବା ପାଞ୍ଚଟି ଇନ୍ଦ୍ରିୟ ଆଖି, ନାକ, କାନ, ଜିଭ ଓ ଚର୍ମ ଦ୍ୱାରା ଆମେ ଯେଉଁ ଜ୍ଞାନ ପାଉ ତାହା ପ୍ରତ୍ୟକ୍ଷ ଜ୍ଞାନ। ଆଖି ଦ୍ୱାରା ଆମେ ଜାଣୁ କାହାର ରଙ୍ଗ କେଉଁ ଭଳିଆ, କାନ ଦ୍ୱାରା ଜାଣୁ କାହାର ଶବ୍ଦ କିପରି, ନାକ ଦ୍ୱାରା ଜାଣୁ କେଉଁ ବସ୍ତୁ କେଉଁ ଗନ୍ଧଯୁକ୍ତ, ଜିଭ ଦ୍ୱାରା ଜାଣୁ କାହାର ସ୍ୱାଦ କିପରି ଓ ଚର୍ମ ଦ୍ୱାରା ଜାଣୁ କେଉଁ ବସ୍ତୁର ଉତ୍ତାପ କେତେ। ଏହା ସହିତ ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଅନ୍ତରେନ୍ଦ୍ରୀୟ କୁହାଯାଏ। ଏହା ଆମ ଶରୀର ସମ୍ବନ୍ଧରେ ଧାରଣା ଦିଏ। ଯେମିତି ପେଟ କାଟିବା, ମନ ଖୁସି ଲାଗିବା, ଉଦାସୀନତା ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନ ଅନ୍ତର୍ଗତ। ଅନ୍ୟପକ୍ଷରେ ପରୋକ୍ଷ ଜ୍ଞାନ ସିଧାସଳଖ ଇନ୍ଦ୍ରିୟମାନଙ୍କ ଦ୍ୱାରା ମିଳେ ନାହିଁ। ଏହା ଅନୁମାନ ସାହାଯ୍ୟରେ ମିଳେ। ଯେମିତି ଦୂର ପାହାଡ଼ରେ ଧୂଆଁ ବାହାରିବାର ଦେଖି ସେଠାରେ ନିଆଁ ଥିବାର ଜ୍ଞାନ ପାଇବା।

ବିଜ୍ଞାନ କହିଲେ ଶୋଧିତ ଓ ପ୍ରମାଣିତ ଜ୍ଞାନକୁ ବୁଝାଏ। ପ୍ରତ୍ୟକ୍ଷ ଜ୍ଞାନ ଅନେକ ସମୟରେ ଶୋଧିତ ଓ ପ୍ରମାଣିତ ହେବାର ଆବଶ୍ୟକତା ପଡ଼େ। ବେଳେବେଳେ ପ୍ରତ୍ୟକ୍ଷ ଜ୍ଞାନ ଭୁଲ୍ ହୋଇଯାଏ। ମରୁଭୂମିରେ ମରୀଚିକା ଦେଖିବା, ଅକାଶରେ ଉଡ଼ାଜାହାଜ ଛୋଟ ଦିଶିବା, ପଛରୁ କାହାକୁ ଦେଖି ସାଙ୍ଗ ବୋଲି ଭାବିବା ଇତ୍ୟାଦି ଭୁଲ ଜ୍ଞାନ ଜାତ କରାଏ। ଏହି ଭ୍ରମକୁ ଦୂର କରିବା ପାଇଁ ନିଜ ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରୟୋଗ କରାଯାଏ। ବେଳେବେଳେ ଇନ୍ଦ୍ରିୟମାନଙ୍କ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ମଧ୍ୟ କରାଯାଇଥାଏ। ଆଖିର ଶକ୍ତି ବୃଦ୍ଧି ପାଇଁ ଦୂରବୀକ୍ଷଣ ଯନ୍ତ୍ର, କାନର ଶକ୍ତି ବୃଦ୍ଧି ପାଇଁ ଶ୍ରବଣ ଯନ୍ତ୍ର ଇତ୍ୟାଦିରେ ବ୍ୟବହାର କରାଯାଏ। ସେହିପରି ମରୀଚିକା ସୃଷ୍ଟିର କାରଣ ଜାଣିବା ପାଇଁ ଏ ବିଷୟରେ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରମାଣର ଆଶ୍ରୟ ନେବାକୁ ପଡ଼େ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର କାରଣ ଜାଣିବା ପାଇଁ ପ୍ରମାଣିତ ଜ୍ୟୋତିର୍ବିଜ୍ଞାନକୁ ଅଧ୍ୟୟନ କାରିବାକୁ ପଡ଼େ। ମୋଟ ଉପରେ କହିବାକୁ ଗଲେ ପ୍ରମାଣିତ ଜ୍ଞାନ ହିଁ ବିଜ୍ଞାନ ଅଟେ। ଅର୍ଥାତ୍ ସତ୍ୟ ଜ୍ଞାନ ହିଁ ବିଜ୍ଞାନ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବା ବିଜ୍ଞାନର ଲକ୍ଷ୍ୟ। ଯେଉଁମାନେ ସତ୍ୟର ଅନୁସନ୍ଧାନ କରନ୍ତି ସେମାନେ ବୈଜ୍ଞାନିକ।

ବୈଜ୍ଞାନିକ ହେବା ମନୁଷ୍ୟର ପ୍ରାକୃତିକ ଗୁଣ। ପ୍ରଶ୍ନ କରିବା ତା'ର ସ୍ୱଭାବଗତ ଲକ୍ଷଣ। ଜଣେ ବୈଜ୍ଞାନିକର ମୌଳିକ ଗୁଣ ହେଉଛି ପ୍ରଶ୍ନ ପଚାରିବା। ତା'ଚାରିପଟେ ଘଟୁଥିବା ପ୍ରତ୍ୟେକଟି ଘଟଣା ବିଷୟରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କରେ। ଯାହା ସେ ବୁଝିପାରେ ନାହିଁ ତା'କୁ ବୁଝିବା ପାଇଁ ପ୍ରଶ୍ନ କରିଚାଲେ। କୌଣସି ଘଟଣା କାହିଁକି ଘଟୁଛି, ତାହା ପଛରେ କାରଣ କ'ଣ ରହିଛି ତାହା ଜାଣିବା ପାଇଁ ତା'ର ଇଚ୍ଛା ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଏ। କୌଣସି ଘଟଣା ଆପେ ସଂଗଠିତ ହୁଏ ବୋଲି ସେ ଗ୍ରହଣ କରିପାରେ ନାହିଁ। ଏହା ହିଁ ବୈଜ୍ଞାନିକ ଚେତନା। ସମସ୍ତଙ୍କ ଭିତରେ ଊଣା ଅଧିକେ ଏହି ଚେତନା ରହିଥାଏ। କେବଳ ବିଜ୍ଞାନଗାରରେ କାମ କଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ତା' ଭିତରେ ବୈଜ୍ଞାନିକ ଚେତନା ଥିବା ଆବଶ୍ୟକ। ବୈଜ୍ଞାନିକ ଚେତନା କହିଲେ ବୁଝାଏ ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଅନାଗ୍ରହ। ବୈଜ୍ଞାନିକ ହେବା ପାଇଁ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ ଜରୁରୀ, କିନ୍ତୁ ତା'ଠାରୁ ଅଧିକ ଜରୁରୀ ବୈଜ୍ଞାନିକ ଭାବନାର ବଶବର୍ତ୍ତୀ ହେବା। ବୈଜ୍ଞାନିକ ଭାବନା ତା'ର ଚିନ୍ତାରେ, କଥାରେ ଓ କର୍ମରେ ପ୍ରତିଫଳିତ ହୁଏ।

ସଭ୍ୟତାର ବିକାଶ ସହିତ ବିଜ୍ଞାନର ମଧ୍ୟ ବିକାଶ ହେଉଛି। ଆଦିମ ମନୁଷ୍ୟର ମନରେ ଅଙ୍କୁରିତ ହୋଇଥିବା କାହିଁକିର ପ୍ରଶ୍ନରୁ ଜନ୍ମ ନେଇଛି ବିଜ୍ଞାନ। ବୁଦ୍ଧିମତ୍ତାର ବିକାଶ ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଇଛି। ସମସ୍ତ ଘଟଣା ପଛରେ କୌଣସି ଦୈବୀଶକ୍ତିର ହାତ ରହିଛି, ଏକଥାକୁ ସେ ଗ୍ରହଣ କରିପାରି ନାହିଁ। କାରଣ ତା' ମନରେ ବୁଦ୍ଧିର ବିକାଶ ସହିତ କାରଣିକତାର ଭାବନା ମଧ୍ୟ ବିକଶିତ ହୋଇଛି। ଏହାକୁ କାର୍ଯ୍ୟକରଣ ନିୟମ ବୋଲି କୁହାଯାଏ। ଏହି ନିୟମ ଜରିଆରେ ପ୍ରାକୃତିକ ଘଟଣାବଳୀକୁ ଠିକଭାବେ ବର୍ଣ୍ଣନା କରାଯାଇପାରେ। ଏ ବିଶ୍ୱବ୍ରହ୍ମାଣ୍ଡର ବିକାଶ ଏହି ନିୟମ ଜରିଆରେ ହେଉଛି। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଏବଂ ତା'ପରେ କାର୍ଯ୍ୟ ବା ଘଟଣାର ସୃଷ୍ଟି ହୁଏ। କାର୍ଯ୍ୟ ପୁଣି କାରଣକୁ ରୂପାନ୍ତରିତ ହୁଏ ଏବଂ ସେଥିରୁ ନୂଆ କାର୍ଯ୍ୟ ତିଆରି ହୁଏ। ଏହି କ୍ରମରେ ପ୍ରକୃତି ଆଗକୁ ବଢ଼ି ଚାଲିଛି। ଉଦାହରଣ ସ୍ୱରୂପ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷାହୁଏ, ପ୍ରବଳ ବର୍ଷାହେଲେ ନଈରେ ବଢ଼ି ଆସେ, ନଈ ବଢ଼ି ଆସିଲେ ଚାରିଆଡ଼େ ଜଳ ପ୍ଲାବିତ ହୁଏ। ଫଳରେ ଶସ୍ୟହାନି ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଏ। ଏହିପରି କାରଣ ଓ କାର୍ଯ୍ୟର କ୍ରମସଂଗଠିତ ହୋଇଚାଲେ। ଏହି କ୍ରମ ମଧ୍ୟରେ ଦେବାଦେବୀ, ଭୂତପ୍ରେତ ଅଥବା କୌଣସି ଅଦୃଶ୍ୟ ଶକ୍ତିର ହାତ ରହିଛି ବୋଲ ବୈଜ୍ଞାନିକ ମନ ଗ୍ରହଣ କରିପାରେ ନାହିଁ।

ବୈଜ୍ଞାନିକ ହେବା ପାଇଁ ହେଲେ ବିଜ୍ଞାନର ପରୀକ୍ଷାଗାର ଜରୁରୀ ନୁହେଁ। ବସ୍ତୁର ଅନୁଧ୍ୟାନ ପାଇଁ ପରୀକ୍ଷାଗାର ଅଥବା ପ୍ରାକୃତିକ ପରିବେଶ ଆବଶ୍ୟକ। କିନ୍ତୁ ଗୁଣଗତ ସ୍ଥିତିର ଅନୁଧ୍ୟାନ ପାଇଁ ବିଜ୍ଞାନଗାର ଅନାବଶ୍ୟକ। ଏଥିପାଇଁ ଲୋଡ଼ା ତର୍କସମ୍ମତ ବିଚାର। ବିଜ୍ଞାନର ଅନୁଗାମୀ ହେବା ଏକ ସାଧନା। ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରନ୍ତି ନାହିଁ, ସେମାନେ ପ୍ରାୟତଃ ଅନ୍ଧବିଶ୍ୱାସୀ ଓ ବିବେକବିହୀନ ହୋଇଥା'ନ୍ତି। ନିଜର ପ୍ରକୃତି ପ୍ରଦତ୍ତ ବୁଦ୍ଧିମତ୍ତାକୁ ସେମାନେ ଉପଯୋଗ କରନ୍ତି ନାହିଁ। ତେଣୁ ସମାଜରେ ସେହିମାନେ ଶ୍ରେଷ୍ଠ ଓ ଉନ୍ନତ ଯେଉଁମାନେ ବିଜ୍ଞାନର ଅନୁଗାମୀ ହୁଅନ୍ତି ଏବଂ ବୈଜ୍ଞାନିକ ଚେତନାର ଅଧିକାରୀ ହୋଇଥା'ନ୍ତି।

ବାରିପଦା, ମୋ. ୭୦୦୮ ୯୭୬୧୮୦

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପୁରୁଣୀ

ସୌଭାଗ୍ୟସୁନ୍ଦର

ପୁରୁଣୀ କିମ୍ବା ପୁନର୍ଣ୍ଣବା ସମଗ୍ର ଭାରତ ସମେତ ବିଶ୍ୱବ୍ୟାପୀ ଅନ୍ୟାନ୍ୟ ଉଷ୍ଣମଣ୍ଡଳୀୟ ଓ ଉପ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବଢ଼ିଥାଏ। ଏହାକୁ ଏସିଆ, ଆଫ୍ରିକା, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, କାରିବିଆନ୍, ଦକ୍ଷିଣ ପ୍ରଶାନ୍ତ ମହାସାଗରର ଏକ ମୂଳ ଜାତ ଉଦ୍ଭିଦ ବୋଲି ବିଶ୍ୱାସ କରାଯାଏ। ହିମାଳୟ ସମେତ ଭାରତରେ ଏହା ପ୍ରାୟ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସବୁଠି ଦେଖାଯାଏ। ଏହି ଔଷଧି ତୃଣ ବିଭିନ୍ନ ଅନାବାଦୀ ଜମି, ରାସ୍ତାକଡ଼ ଓ ଚାଷ କ୍ଷେତରେ ବଢ଼ିଥାଏ। ପ୍ରକୃତରେ ଏହା ଏକ ସ୍ଥିର ଏବଂ ସ୍ୱୟଂ-ନବୀକରଣ ଉଦ୍ଭିଦ। ତେଣୁ ଏହି ତୃଣର ନାମ 'ପୁନର୍ଣ୍ଣବା' ରଖାଯାଇଛି, ଯାହାର ଅର୍ଥ ସଂସ୍କୃତରେ 'ପୁନର୍ଜୀବନ' କିମ୍ବା 'ନବୀକରଣ'।

ପୁରୁଣୀ ଏକ ବହୁବର୍ଷୀୟ ତୃଣ, ଯାହା ପ୍ରାୟ ୧ ମିଟର କିମ୍ବା ତା'ଠାରୁ ଅଧିକ ଲମ୍ବ ପର୍ଯ୍ୟନ୍ତ ବଢ଼ିଥାଏ। ଶାଖାଗୁଡ଼ିକ ବିଭାଜିତ ଏବଂ ବିସ୍ତାରିତ। ପତ୍ରଗୁଡ଼ିକ ସରଳ, ବିପରୀତ, ସାଧାରଣତଃ ୨ ରୁ ୫ ସେମି ଲମ୍ବା, ଉପର ପୃଷ୍ଠରେ ଖରସ ସବୁଜ ଏବଂ ମସୃଣ କେଶ ଥାଏ। ଫୁଲଗୁଡ଼ିକ ପ୍ରାୟ ୫ ମିମି ବ୍ୟାସ ଓ ଲାଲ ରଙ୍ଗର। ଫଳ ଗୋଟିଏ ବିହନଯୁକ୍ତ, ଗୋଲାକାର, ୬-ପାଞ୍ଜାଳିଯୁକ୍ତ, ବହୁତ ଅଠାଳିଆ।

ସିଦ୍ଧ, ୟୁନାନୀ ଓ ଆୟୁର୍ବେଦିକ ପରମ୍ପରାରେ ପୁରୁଣୀ ଏକ ବିସ୍ମୟକର ଔଷଧି। ଏହା ବାତ, କଫ ଓ ପିତ୍ତ - ତ୍ରିଦୋଷରେ ସନ୍ତୁଳନ ରଖେ। ଚରକ ସଂହିତାରେ ଏହାକୁ ଯୌବନ ରକ୍ଷା କରିବାରେ ଏବଂ ବାର୍ଦ୍ଧକ୍ୟକୁ ମନ୍ଥର କରିବାରେ ସାହାଯ୍ୟ କରୁଥିବା ଔଷଧି ମଧ୍ୟରେ ତାଲିକାଭୁକ୍ତ କରାଯାଇଛି। ଏହା କାଶ, ବ୍ରୋଙ୍କାଇଟିସ୍, ଆଜ୍‌ମା ଚିକିତ୍ସାରେ ମହୌଷଧି। ସୁଶ୍ରୁତ ସଂହିତାରେ ଏହା ଶରୀରକୁ ପୁଷ୍ଟିକର ଓ ପୁନର୍ଜୀବିତ କରିବା ପାଇଁ ଜଣାଶୁଣା ଔଷଧି ମଧ୍ୟରୁ ଅନ୍ୟତମ। ଏହାଛଡ଼ା ଦୀର୍ଘକାଳୀନ ମୂତ୍ର ଦୋଷ, ବୃକକ୍ ରୋଗ, ହେପାଟାଇଟିସ, ଜଣ୍ଡିସ୍, ସର୍ଦ୍ଦି, ଜ୍ୱର, ଆଖିରୋଗ, ପୁରୁଣା ହୃଦ୍‌ରୋଗ, ଶରୀରର ସ୍ଥୂଳତା ହ୍ରାସ, ଗଣ୍ଠି ଯନ୍ତ୍ରଣା. ମାଂସପେଶୀର ପ୍ରଦାହ, ସାଇଟିକା ବା ସ୍ନାୟୁ ଦୁର୍ବଳତା, ସ୍ନାୟୁ ବିକାର ଦୂରୀକରଣ ପାଇଁ ପ୍ରଭାବଶାଳୀ ଔଷଧି।

ଏଥିରେ ପ୍ରଦାହ-ବିରୋଧୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ମାଇକ୍ରୋବାଏଲ୍ ଓ ଆଣ୍ଟି-ସ୍ପାସ୍ମୋଡିକ୍, ହାଇପୋଗ୍ଲାଇସେମିକ୍ ଗୁଣ ଅଛି। ପୁରୁଣି ମଧ୍ୟ ଗ୍ଲୁକୋଜ୍ ସ୍ତର ନିୟନ୍ତ୍ରଣ ଏବଂ ପ୍ଲାଜ୍‌ମା ଇନସୁଲିନ୍ ସ୍ତର ବୃଦ୍ଧିରେ ସହାୟତା କରେ। ଏହା ବିଭିନ୍ନ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁ ଯେପରିକି ଇ. କୋଲାଇ, ଏସ. ଅରିଅସ୍ ଏବଂ ପି. ଏରୁଗିନୋସା ବିରୁଦ୍ଧରେ ଶକ୍ତିଶାଳୀ ଆଣ୍ଟିମାଇକ୍ରୋବାୟଲ୍ କାର୍ଯ୍ୟକଳାପ ପ୍ରଦର୍ଶନ କରେ।

ପୁରୁଣୀରେ ଦୁଇଟି ରୋଟେନୋଏଡ୍ ଅଛି, ଯେପରିକି ବୋରହାଭିଆ-ଏ ଓ ବୋରହାଭିଆ-ଐ। ଅନ୍ୟାନ୍ୟ ରାସାୟନିକ ଉପାଦାନ ମଧ୍ୟରେ ଏଥିରେ ବି-ସିଟୋଷ୍ଟେରୋଲ୍, ଏ-୨-ସିଟୋଷ୍ଟେରୋଲ୍, ପାମିଟିକ୍ ଏସିଡ୍, ବି-ସିଟୋଷ୍ଟେରୋଲ୍ ର ବୋରହାଭିଆ ଏସିଡ୍ ଏଷ୍ଟର, ଟେଟ୍ରାକୋସାନୋଇକ୍, ହେକ୍ସାକୋସୋନୋଇକ୍, ହେଣ୍ଟ୍ରିଆକୋଣ୍ଟେନ, ଷ୍ଟେରିକ୍, ଆରାକିଡିକ୍ ଏସିଡ୍, ୟୁରୋସିଲିକ୍ ଏସିଡ୍, ଟ୍ରାଇକୋଣ୍ଟାନୋଲ୍, ବି-ଏକ୍ଡିସୋନ୍, ପୁନର୍ନାଭାଇନ୍ ଇତ୍ୟାଦି ଅଛି। ଉଦ୍ଭିଦରେ ବିଡିପି -୩୦ ନାମକ ଏକ ପ୍ରୋଟିନ୍ ଅଛି, ଯାହା ସମ୍ଭବତଃ ଏକ ରାଇବୋସୋମ୍-ନିଷ୍କ୍ରିୟକାରୀ ପ୍ରୋଟିନ୍। ହାଇପୋକ୍ସାନ୍ଥନ ୯-ଖ-ଆରବିନୋଫୁରାନୋସାଇଡ୍, ସେରାଟାଜେନିକ୍ ଏସିଡ୍, ବୋରଭିନୋନ୍ ଇ ରୁ ର, ଲିରିଓଡେଣ୍ଡ୍ରୋନ୍, ଉର୍ସୋଲିକ୍ ଏସିଡ୍, ଓଲିଆନୋଲିକ୍ ଏସିଡ୍ ଓ ପୁନର୍ନାଭୋସାଇଡ୍ ଭଳି ଶକ୍ତିଶାଳୀ ଜୈବସକ୍ରିୟ ଯୌଗିକଗୁଡ଼ିକର ଏକ ପରିସର ଏହାର ଅନେକ ଚିକିତ୍ସା ଗୁଣ ପାଇଁ ଦାୟୀ ହୋଇପାରେ। ପୁରୁଣୀର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି। ଏହା ସ୍ୱାଦରେ ତିକ୍ତ ଓ କଠିନ। ଖାଲି ପେଟରେ କିମ୍ବା ପାଣି ବିନା ପିଇଲେ ଗଳାରେ ଜଳାପୋଡ଼ା ସୃଷ୍ଟି କରି ପାରେ। ଗର୍ଭବତୀ ଓ ୧୨ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ପୁରୁଣୀ ଦିଆଯିବା ଅନୁଚିତ। ଏହା ଏବେ ବଜାରରେ ଟାବଲେଟ, ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ଭାରତର ଅନେକ ସ୍ଥାନରେ ପୁରୁଣୀର ପତ୍ରକୁ ପ୍ରାୟତଃ ସବୁଜ ଶାଗ ଭାବରେ ରୋଷେଇରେ ବ୍ୟବହାର କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳାକୁ କେନ୍ଦ୍ରର ଅନୁମୋଦନ

ଭୁବନେଶ୍ୱର, ୫।୧୦(ସମିସ): ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ସ୍ଥାପନକୁ କେନ୍ଦ୍ର ସରକାରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି


**ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ**

ଯୋଜନା ଅଧୀନରେ ଅର୍ଥ ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ଅନୁମୋଦନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି। ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ ସୁବିଧା। ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା। ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି। ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ। ଏହା ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

## କାଳ ହେଲା ରାସ୍ତା ଉପରେ ଅସଜ ଟ୍ରକ୍ ଦୁର୍ଘଟଣାରେ ୨ ମୃତ

ମାଲକାନଗିରି, ୫।୧୦(ସମିସ): ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ମାଲକାନଗିରି ଥାନା ଅନ୍ତର୍ଗତ ଟଙ୍ଗଗୁଡ଼ାଠାରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ମାଲକାନଗିରି ଥାନା ସିନ୍ଧ୍ରିମାଳ ପଞ୍ଚାୟତର କଂଗବି ଗ୍ରାମର ଭୀମ ଖିଲ ଓ ସୁକୁ ଖିଲ।



ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ରାସ୍ତା ଉପରେ ଠିଆ ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଆଜି ସକାଳେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତା ଉପରେ ଖରାପ ହୋଇ ଛିଡ଼ା ହୋଇଥିବା ଉକ୍ତ ଲୁହାପଥର ବୋଝେଇ ଟ୍ରକ୍‌କୁ ଶୀଘ୍ର ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭ ଯୋଗୁଁ ଏହି ଜାତୀୟ ରାଜପଥରେ ସକାଳ ୬ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ମାଲକାନଗିରି ଏସଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଥିଲି ତହସିଲଦାର ମାନସୀ ଭୋଇ, ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋ ପ୍ରମୁଖ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗୋଟିଏ ଦିନରେ ଏକା ସାଙ୍ଗରେ ଦୁଇ ଯୁବକଙ୍କର

- ■ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ
- ■ ୪ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

ମୃତ୍ୟୁ ଘଟିଥିବାରୁ କଂଗଡି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଏହି ଲୁହାପଥର ବୋଝେଇ ଏକ ଟ୍ରକ୍ ଯୋଗୁଁ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଘଟିସାରିଲାଣି। ଶୁକ୍ରବାର ଦିନ ସେହି ଟ୍ରକ୍‌ରେ ପିଟି ହୋଇ ପାଣ୍ଡ୍ରିପାଣି ପଞ୍ଚାୟତ ସନ୍ୟାସୀଗୁଡ଼ା ଗ୍ରାମର ଦୁଇଜଣ ବାଇକ୍ ଆରୋହୀ ଆହତ ହୋଇଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ, ପୁଣି ଶନିବାର ବିଳମ୍ବିତ ରାତିରେ ସେହି ଟ୍ରକ୍‌ରେ ଆଉ ଏକ ବାଇକ୍ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

## ନୂଆପଡ଼ାରେ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି

ଭୁବନେଶ୍ୱର, ୫।୧୦ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁଁ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି। ଯାହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ୬ ତାରିଖରୁ ନୂଆପଡ଼ାରେ ନ୍ୟାୟ ଯାତ୍ରା ନେଇ ଗତ ୧ ତାରିଖରୁ କଂଗ୍ରେସ ଦଳ ଘୋଷଣା କରିଛି। ସେଥିପାଇଁ ସେ ନୂଆପଡ଼ାରେ ରହିବେ। ସେଠି ଚାରି ଦିନବ୍ୟାପୀ କାର୍ଯ୍ୟକ୍ରମ ହେବ। ମାତ୍ର ଦୁର୍ଭାଗ୍ୟର କଥା, ସେ ଏହି ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ୬ ତାରିଖରେ ନୂଆପଡ଼ା ଯାଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତାଙ୍କୁ ସୁରକ୍ଷା ଦେବାକୁ ବାଧ୍ୟ ହେଉଛି ଓ ଏଥିସହ କଂଗ୍ରେସ କାର୍ଯ୍ୟକ୍ରମ ବାତିଲ କରିବା ପାଇଁ ଆମକୁ କୁହାଯାଉଛି। ଏହାକୁ ନେଇ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେ କହିଛନ୍ତ, ଜାଣିଶୁଣି ଆମ କାର୍ଯ୍ୟକ୍ରମ ଭଣ୍ଡୁର କରିବାକୁ ଉଦ୍ୟମ କରଯାଉଛି। କାର୍ଯ୍ୟକ୍ରମ ଘୁଞ୍ଚାଇବାକୁ ପ୍ରଶାସନ ଆମକୁ ଅନୁରୋଧ କରୁଛି। ହେଲେ ଆମେ କାର୍ଯ୍ୟକ୍ରମ ନିଶ୍ଚିତ କରିବୁ ବୋଲି ଭକ୍ତ କହିଛନ୍ତି। ଆବଶ୍ୟକସ୍ଥଳେ ଆମେ ରାସ୍ତା ବଦଳାଇବୁ। ଆମର ସେଠି ୪୦ କିଲୋମିଟର ବାଇକ ଶୋଭାଯାତ୍ରା ହେବ। କୋମନାରୁ ଖରିଆର ରୋଡ୍ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହେବ। ଖରିଆର ରୋଡ୍‌ରେ ଆମର ୧୦ ହଜାର

**କ୍ଷୋଭ ପ୍ରକାଶ କଲେ ଭକ୍ତ**

ଲୋକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହେବ। ସେ ଆହୁରି କହିଛନ୍ତି ଯେ ଘାସିରାମ ମାଝୀ ହିଁ ଆମର ଚୂଡ଼ାନ୍ତ ପ୍ରାର୍ଥୀ। ନୂଆପଡା ଆମ ସିଟ୍, ଆମେ ଜିତିବୁ ସୁନିଶ୍ଚିତ। ସେଠି ଆମ ଦଳ ଅଧିକ ଭୋଟ୍ ପାଇବ ଓ ଭଲ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହେବ। ସେଠିକୁ ମୁଖ୍ୟମନ୍ତ୍ରୀ ଯାଆନ୍ତୁ ବା ଯାହା ବି ହେଉ ଆମର କିଛି ଅସୁବିଧା ହେବନି। ଆମେ ଜୋନ ଗଠନ କରିସାରିଲୁଣି। ଜଣେ ଜଣେ ବିଧାୟକ ଦୁଇଟି ଜୋନକୁ ନିରୀକ୍ଷଣ କରିବେ। ଆମର ପ୍ରସ୍ତୁତ ଶେଷ ହୋଇ ସାରିଲାଣି। କଂଗ୍ରେସ ସେଠି ଜିତିବା ସୁନିଶ୍ଚିତ ବୋଲି ଭକ୍ତ କହିଛନ୍ତି।

## କୁମ୍ଭୀର ମୁହଁରୁ ବର୍ତ୍ତିଲେ ଯୁବକ

କେନ୍ଦ୍ରାପଡ଼ା, ୫।୧୦(ସମିସ): ନଦୀରେ ଗାଧୋଇବା ବେଳେ ଜଣେ ଯୁବକ କୁମ୍ଭୀର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। କିନ୍ତୁ, ଉପସ୍ଥିତ ବୁଦ୍ଧି ଯୋଗୁଁ ଯୁବକଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯୁବକଜଣଙ୍କ ହେଲେ, ମହାକାଳପଡ଼ା ପଞ୍ଚାୟତ ଗୋପାଳପୁର ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ। ରବିବାର ସକାଳ ପ୍ରାୟ ୮ଟାରେ ବିଶ୍ୱରଞ୍ଜନ ଲୁଣା ନଦୀରେ ଗାଧୋଉଥିଲେ। ଏହି ସମୟରେ ଚାରିଫୁଟ୍ ଲମ୍ବର ଏକ କୁମ୍ଭୀର ତାଙ୍କ ବାମପଟ ଗୋଡ଼କୁ କାମୁଡ଼ି ଧରିଥିଲା। ତେବେ ବିଶ୍ୱରଞ୍ଜନ ଏଥିରେ ବିଚଳିତ ନ ହୋଇ ଉପସ୍ଥିତ ବୁଦ୍ଧି ଖଟାଇଥିଲେ। କୁମ୍ଭୀରର ମୁହଁକୁ ସେ ମୁଥ ମାରିବା ସହ ପେଲି ଦେଇଥିଲେ। ସୌଭାଗ୍ୟକୁ କୁମ୍ଭୀରଟି ତାଙ୍କ ଗୋଡ଼ ଛାଡ଼ି ନଦୀ ମଧ୍ୟକୁ ପଳାଇଥିଲା। ପରେ ତାଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଆଶୁ ଚିକିତ୍ସା କରାଯିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଲୁଣାନଦୀ ଉପରେ ନିର୍ଭର କରୁଥିବା ଗୋପାଳପୁର ଗ୍ରାମର ପ୍ରାୟ ୨୦୦ ପରିବାର ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୋପାଳପୁର ଗ୍ରାମ କଡ଼ରେ ଥିବା ଲୁଣାନଦୀରେ ଦୁଇଟି ଗାଧୁଆ ତୁଠ ରହିଛି। ଉକ୍ତ ତୁଠଦ୍ୱୟରେ ତାରବାଡ଼ ବୁଲାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ, ଗତ ଏକ ମାସ ମଧ୍ୟରେ ମହାକାଳପଡ଼ା ଅଞ୍ଚଳରେ ତିନିଜଣ କୁମ୍ଭୀର ଆକ୍ରମଣର ଶିକାର ହୋଇସାରିଲେଣି।

## ଆଜି ଧରାବତରିବେ ମା' ଗଜଲକ୍ଷ୍ମୀ

ଢେଙ୍କାନାଳ, ୫।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର। ଧନଧାନ୍ୟର ଦେବୀଙ୍କ ଆବାହନ ପାଇଁ ଆବାଳବୃଦ୍ଧବନିତା ତତ୍ପର। ସୋମବାର ରାତିରୁ ମାଆ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ବୈଦିକ ରୀତିରେ ଆରମ୍ଭ ହେବ। ଗଣପର୍ବ ଲକ୍ଷ୍ମୀ ପୂଜା ପାଇଁ ସମସ୍ତ ପୂଜା ମଣ୍ଡପ ସଜେଇ ହୋଇଗଲାଣି। ଦୋକାନ ବଜାର ସହ ରାସ୍ତାଘାଟ ମାଳମାଳ ଲାଇଟରେ ଝଲସୁଛି।

**ଉତ୍ସବମୁଖର ଢେଙ୍କାନାଳ**

କୁମାର ପୂର୍ଣ୍ଣିମା ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ୪୧ଟି ପୂଜା ମଣ୍ଡପରେ ମାଆ ପୂଜା ପାଇବେ। ସେଥିମଧ୍ୟରୁ ୩୮ଟି ମଣ୍ଡପକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଛନ୍ତି।

ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳ ମୀନାବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକଙ୍କ ଉଦ୍ୟମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଏବେ ଏହା ଗଣ ଉତ୍ସବରେ ପରିଣତ ହୋଇଛି। ମୀନାବଜାର ସହ ଜବାହର ଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, କାଞ୍ଚନବଜାର, ଆନନ୍ଦବଜାର, କାରିଗରସାହି, ଗୁଡ଼ିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, କୁଞ୍ଜକାନ୍ତ, କୈବଲ୍ୟ ବଜାର, ଜୁବୁଲି ଟାଉନ-୨, ଷ୍ଟେସନ ବଜାର ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ, ରତ୍ନବଜାର, ଚନ୍ଦନ ବଜାର, ଗାନ୍ଧୀବଜାର, ବସଷ୍ଟାଣ୍ଡ, କୋରିଆଁ, ଦୁର୍ଗାବଜାର, ଦକ୍ଷିଣକାଳୀରେ ପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ସହର ବଜାର ସଜେଇ ହୋଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହରବାସୀ ପୂଜା ପାଳନ କରୁଛନ୍ତି। ଚଳିତବର୍ଷ ପୂଜା ମଣ୍ଡପଗୁଡ଼ିକ ନୂତନ ଭାବରେ ସଜେଇ ହୋଇଛି। ଉତ୍ସବରେ ମୀନାବଜାରଠାରୁ ଆରମ୍ଭ କରି ବିଭିନ୍ନପ୍ରକାର ଖାଦ୍ୟର ପସରା ମେଲିଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥିତ କରିବାକୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ପୁଲିସ ପ୍ରଶାସନ ତରଫରୁ ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ଆଗୁଆ ଆସି ହଟହଟା ହବିଷିଆଳି

ପୁରୀ, ୫।୧୦(ସମିସ): ଦିନକ ପରେ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ପୁଣ୍ୟଭୂମି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ଏଥିଲାଗି ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସମାଗମ ହେଲାଣି। ଟ୍ରେନ୍ ଏବଂ ବସ୍ ଯୋଗେ ହବିଷ୍ୟାଳି ମା'ମାନେ ଆସି ପୁରୀରେ ପହଞ୍ଚିଛନ୍ତି। ନିଜସ୍ୱ ଉଦ୍ୟମରେ ବହୁ ସଂଖ୍ୟକ ହବିଷ୍ୟାଳି ରହୁଥିବାବେଳେ ଏ ବର୍ଷ ୨,୫୦୦ ବ୍ରତଧାରୀ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ରହିବେ। ତେବେ ଗୋଟିଏ ଦିନ ପୂର୍ବରୁ ଆସି ହଟହଟା ହୋଇଛନ୍ତି ହବିଷ୍ୟାଳି। ରବିବାର କେତେଜଣ ବ୍ରତଧାରୀ ହବିଷ୍ୟାଳି ଯୋଜନାରେ ଆସି ବିଭିନ୍ନ ରହଣି କେନ୍ଦ୍ର ସମ୍ମୁଖରେ ପହଞ୍ଚିଛନ୍ତି। ଯେହେତୁ ପ୍ରଶାସନ ପକ୍ଷରୁ ୭ ତାରିଖରେ ହବିଷ୍ୟାଳିଙ୍କୁ ରଖାଯିବ ବୋଲି ଘୋଷଣା କରାଯାଇଛି ତେଣୁ ସେମାନଙ୍କୁ ରହଣି ପ୍ରକୋଷ୍ଠକୁ ଛଡ଼ା ଯାଇ ନ ଥିଲା। ରବିବାର ଅପରାହ୍ଣରେ ମୋଚିସାହି କଲ୍ୟାଣମଣ୍ଡପରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ କଲ୍ୟାଣ ମଣ୍ଡପ କ୍ୟାମ୍ପସ୍‌କୁ ଛଡ଼ାଯାଇଥିଲା। ଶେଡ୍ ତଳେ କିଛି ହବିଷ୍ୟାଳି ବସି ରହିଥିବା ଦେଖିବାକୁ ମିଳିଥିଲା।

ଗତ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରାଧାଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ। କିନ୍ତୁ ପରମ୍ପରା ଅନୁଯାୟୀ, ହବିଷ୍ୟାଳିମାନେ କାର୍ତ୍ତିକ ମାସ ପ୍ରଥମ ଦିନରୁ କାର୍ତ୍ତିକ ବ୍ରତ ଆରମ୍ଭ କରିଥା'ନ୍ତି। ପ୍ରାତଃରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରନ୍ତି। ଦର୍ଶନ ପରେ ରହୁଥିବା ବିଭିନ୍ନ ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥା'ନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷ୍ୟାନ୍ନ କରି କାର୍ତ୍ତିକ ବ୍ରତ ପାଳିଥା'ନ୍ତି। କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ରବିବାର କିଛି ହବିଷ୍ୟାଳି ପୁରୀରେ ପହଞ୍ଚିଛନ୍ତି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Alia Sahu, S/o- Bikhari Sahoo, Resident of Upimara Patana, PO: Tangi, PS: Tangi, Dist.: Khordha, Odisha, PIN-752023 declared by this Affidavit No.: 1112/2025, Dated.04.10.2025. That now onwards I shall be known as **ALIA SAHOO** for all future Purposes.

**AFFIDAVIT**

I VANIMISETTY PRAVAKAR RAO @ VANIMISETTY PRABHAKA, S/o VANIMISETTY LAXMI PATHY resident of Laxmipathy House, N.K.T.Road, Po- P.R.Peta, Ps- Jeypore, Dist- Koraput-764 003, Odisha declare by this Affidavit No.1465, Dated - 03/10/2025, that now onwards I shall be known as **VANIMISETTY PRABHAKAR RAO** for all future purpose.


## ୧୦୦ ଫୁଟ୍ ତଳକୁ ଖସିଲା ଟ୍ରକ୍



ବରଗଡ଼, ୫।୧୦(ସମିସ): ଅମ୍ବାଭୋନା ସମରଧାରା ବୁଲାଣି ନିକଟରେ ରବିବାର ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଟ୍ରକଟି ବର୍ତ୍ତମାନ ଯାଏଁ ତଳେ ପଡ଼ି ରହିଛି। ଏହି ବୁଲାଣି ରାସ୍ତା ଉପରେ ବିଭିନ୍ନ ସମୟରେ ପୂର୍ବରୁ ମଧ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବା ଦେଖାଦେଇଛି। ତେବେ ଆଜି ପୁଣି ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି।

## ଜେଲ୍‌ରେ ପୁଲିସର ଚଢ଼ଉ

ବରଗଡ଼, ୫।୧୦(ସମିସ): ଜିଲ୍ଲାର ବିଭିନ୍ନ ଜେଲ୍‌ରେ ବରଗଡ଼ ପୁଲିସ ପକ୍ଷରୁ ରବିବାର ସକାଳେ ଏକା ସାଙ୍ଗରେ ଆକସ୍ମିକ ଚଢ଼ଉ ହୋଇଛି। ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମୀନାଙ୍କ ନେତୃତ୍ୱରେ ଜିଲ୍ଲା ଜେଲ

**ନିଶା ସାମଗ୍ରୀ ଜବତ**



ସମେତ ପଦ୍ମପୁର ସବ୍‌ଜେଲ୍ ଓ ସୋହେଲା ସବ୍‌ଜେଲରେ ଏକକାଳୀନ ଭାବେ ଚଢ଼ଉ ହୋଇଥିଲା। ଚଢ଼ଉରେ ଜେଲ୍ ପରିସରରେ ବର୍ଜିତ ଥିବା ଭାଙ୍ଗ, ବିଡି ଓ ଦିଆସିଲି ଆଦି ସାମଗ୍ରୀ ଜବତ କରାଯାଇଛି। ଚଢ଼ଉ ବେଳେ ବରଗଡ଼ ଏସ୍‌ପି ଶ୍ରୀ ମୀନା, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ଅତିରିକ୍ତ ଏସ୍‌ପି ସୌରଭ ଓତା, ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ, ବିଭିନ୍ନ ଥାନା ଅଧିକାରୀ ସମେତ ୪ପ୍ଲାଟୁନ ଫୋର୍ସ ସାମିଲ ଥିଲେ। ବରଗଡ଼ ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜେଲରେ କଏଦୀଙ୍କ ସୁଧାର ପାଇଁ ଅନେକ କାର୍ଯ୍ୟକ୍ରମ ସବୁ କରାଯାଉଛି। ଏହାପରେ ମଧ ଜେଲ୍ ପରିସରକୁ ବର୍ଜିତ ସାମଗ୍ରୀ କିଭଳି ଆସୁଛି, ତାକୁ ନେଇ ପୁଲିସ ତଦନ୍ତ ଜାରି ରଖିବା ସହ ଜିରୋ-ଟଲରାନ୍ସ ନୀତିରେ ଶୃଙ୍ଖଳା ଆଣିବା ପାଇଁ ଚଢ଼ଉ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ମାସରେ ଏମିତି ବିଭିନ୍ନ ସମୟରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ଚଢ଼ଉ ହୁଏ ବୋଲି ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।

## ଧକ୍କା ହୋଇ ଜଳିଗଲା ଦୁଇ ଟ୍ରକ୍

ଅନୁଗୋଳ/ବଁଅରପାଳ, ୫।୧୦(ସମିସ): ୫୫ନମ୍ବର ଜାତୀୟ ରାଜପଥର ବଁଅରପାଳ ଥାନା ତୁଳସୀପାଳ ଗ୍ରାମ ନୂତନ ବାଇପାସ୍ ରାସ୍ତାରେ ଶନିବାର ରାତି ପ୍ରାୟ ୧୧ଟାରେ ପାଉଁଶ ବୋଝେଇ ଟ୍ରକ ସହ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ହେବା ପରେ ଉଭୟ ଟ୍ରକ୍ ନିଆଁ ଲାଗି ଜଳିଯାଇଛି। ତେବେ ନିଆଁ ଲାଗିବା ଦେଖି ଦୁଇ ଚାଳକ ଗାଡ଼ିରୁ ଡେଇଁ ପଡ଼ି ଜୀବନ ବଞ୍ଚାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଉଁଶ ପକାଇବା ପାଇଁ ହାଇୱା ଗାଡ଼ି ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ ଟ୍ରକ୍‌ରେ ଥିବା ସମସ୍ତ ସିମେଣ୍ଟ ବସ୍ତା ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବଁଅରପାଳ ଓ ଅନୁଗୋଳରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ, ଏହି ଅଗ୍ନିକାଣ୍ଡ ଯୋଗୁଁ ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।


**AFFIDAVIT**

By virtue of an affidavit before the Executive Magistrate, Tigiria vide No-09/3.10.2025 I Kusuma Rout W/o Rasmikanta Rout of Vill-Somapada, Po-Badabhuin, Ps-Tigiria, Dist-Cuttack that I have changed my name from Kusum Rout to Kusuma Rout. Henceforth I shall be known as Kusuma Rout for all purpose.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଟକ ଅଶାନ୍ତ...

କରାଯାଇଛି। ଆସନ୍ତା ୭ତାରିଖ ପର୍ଯ୍ୟାନ୍ତ ଏହି କର୍ଫ୍ୟୁ ବଳବତ୍ତର ରହିବ। ଜରୁରୀକାଳୀନ ସେବାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ କରିବାକୁ କୁହାଯାଇଛି। ସହରର କୌଣସି ସ୍ଥାନରେ ଜନସାଧାରଣ ମେଳି କରିପାରିବେ ନାହିଁ। ରାସ୍ତାରେ ଏକତ୍ରିତ ହୋଇ ଲୋକମାନେ ଯିବା ଆସିବା କରିବେ ନାହିଁ। ଦୋକାନ ବଜାର ବନ୍ଦ ରଖିବେ। ଲୋକମାନେ ନିଜ ଘରେ ରହିବା ସହିତ ପୁଲିସ ପ୍ରଶାସନକୁ ସହଯୋଗ କରିବାକୁ କମିଶନର ଶ୍ରୀ ସିଂ ନିବେଦନ କରିଛନ୍ତି।

ସୂଚନାନୁସାରେ, କଟକ ବନ୍ଦକୁ ସଫଳ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆଜି ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀମାନେ ପୋତାପୋଖରୀଠାରୁ ଶୋଭାଯାତ୍ରାରେ ଆସି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବାକୁ ଯୋଜନା କରିଥିଲା। ଶହଶହ ଶୋଭାଯାତ୍ରାକାରୀ ବଜ୍ରକବାଟୀ ଛକରେ ପହଞ୍ଚିବାରୁ ପୁଲିସ ସେମାନଙ୍କୁ ଅଟକାଇଥିଲା। କିନ୍ତୁ ପୁଲିସର ବାରଣକୁ ନମାନି ସେମାନେ ନାରା ଦେଇ ଦରଘାବଜାର ଆଡ଼କୁ ଅଗ୍ରସର ହୋଇଥିଲେ। ଦରଘାବଜାର ନିକଟରେ ବ୍ୟାରିକେଡ୍ ଦେଇ ପୁଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବ୍ୟାରିକେଡ୍ ଭାଙ୍ଗି ଶହଶହ ଶୋଭାଯାତ୍ରାକାରୀ ଚୌଧୁରୀବଜାର ଆଡ଼କୁ ଅଗ୍ରସର ହୋଇଥିଲେ। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ଶୋଭାଯାତ୍ରାକାରୀମାନେ ମାଡ଼ ମାରିଥିଲେ। ଏହା ଭିତରେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଡିସିପି ଶ୍ରୀ ଦ୍ୟାନଦେଓ, ୩ ଏସିପି, ଜଣେ ଏଡିସିପି, ୨ଆଇଆଇସି ଗୁରୁତର ଆହତ ହୋଇ ପଡ଼ିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଟିୟର୍ ଗ୍ୟାସ୍ ମାଡ଼ କରିଥିଲା। ଏବେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ୩ କମ୍ପାନୀ ଫୋର୍ସ ମୁତୟନ କରାଯାଇଥିବା ବେଳେ ଫୋର୍ସ ପକ୍ଷରୁ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆସନ୍ତକାଲିର ବନ୍ଦ ବେଳେ ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ସିଟି ହସ୍ପିଟାଲ୍‌ରେ ଏକ ୨୦ ଜଣିଆ ଡାକ୍ତରୀଦଳକୁ ସଜାଗ ରଖାଯାଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ୭ଟି ଆଇସିୟୁ ବେଡ୍ ଖାଲି କରାଯାଇଥିବା ସୂଚନା ମିଳିଛି।

ଅନ୍ୟପଟେ ଦରଘାବଜାର ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଏଭଳି ପରିସ୍ଥିତିରେ ପୁଲିସ କେଉଁଭଳି ଭାବେ ଶୋଭାଯାତ୍ରାକାରୀଙ୍କୁ ସେଠାକୁ ଛାଡିଲା ଏବଂ ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଦେଇଥିଲା କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ସମ୍ପୃକ୍ତ ଅଞ୍ଚଳ ଉତ୍ତେଜନାପ୍ରବଣ ହୋଇଥିବା ବେଳେ ଏହି ବିଶାଳ ଶୋଭାଯାତ୍ରାକୁ ପୁଲିସ କାହିଁକି ମୂଳରୁ ଅଟକାଇଲା ନାହିଁ? ଯଦି ଏ ଦିଗରେ ପୁଲିସ ପଦକ୍ଷେପ ନେଇ ଥାଆନ୍ତା ତାହାଲେ ଏହି ଗଣ୍ଡଗୋଳକୁ ଏଡାଇ ଦିଆଯାଇ ପାରିଥା'ନ୍ତା। ଗୁଇନ୍ଦା ବିଫଳତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ଉଠିଛି।

### ଜାଲିଆତି ଚେର...

ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ସବୁ ସଂସ୍ଥା ପୂର୍ବରୁ କଳା ତାଲିକାଭୁକ୍ତ ଥିଲା ସେହିସବୁ ସଂସ୍ଥାଗୁଡ଼ିକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିବା ସଂକ୍ରାନ୍ତରେ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ ସିଲ୍ କରିଛି କ୍ରାଇମବ୍ରାଞ୍ଚ। ଏସଆଇ ଚାକିରି ବିକ୍ରି ଘଟଣାର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଶଙ୍କର ପୃଷ୍ଟି ଏଠାରେ ନିଜର କାର୍ଯ୍ୟାଳୟ ଖୋଲିଥିଲେ। ଶ୍ରୀଲିଙ୍ଗରାଜ ଇନଫୋସେଲର ପରୀକ୍ଷା ଲ୍ୟାବରେ କୌଣସି ପରୀକ୍ଷା ଉପକରଣ ନ ଥିବା କ୍ରାଇମବ୍ରାଞ୍ଚକୁ ସନ୍ଦେହରେ ପକାଇଛି । ଏଠାରେ ୫ ଓ ୬ ତାରିଖରେ ଲିଖିତ ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଥିଲା, ମାତ୍ର ଅକସ୍ମାତ ଏଠାରୁ ପରୀକ୍ଷା ନିମନ୍ତେ ଆବଶ୍ୟକ ସାମଗ୍ରୀ କେଉଁଆଡ଼େ ଓ କିଏ ସ୍ଥାନାନ୍ତରିତ କଲା ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅନୁସନ୍ଧାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜ ଇନଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ କ୍ରାଇମବ୍ରାଞ୍ଚ ସିଲ୍ କରିଛି । ଅପରପକ୍ଷରେ ସିଲିକନ୍ ଟେକ୍ ଲ୍ୟାବର ମାଲିକଙ୍କ ସମେତ ୫ରୁ ଅଧିକ ବ୍ୟକ୍ତିଙ୍କୁ ମାରାଥନ ଜେରାବେଳେ ମଧ୍ୟ କିଛି ସୂରାକ ମିଳିଥିବା କୁହାଯାଉଛି।

ଗତକାଲି କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିବା ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା ପୁଲିସ ବାହିନୀର ସ୍ପେସାଲ ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଥିବା ସୂଚନା ମିଳିଛି । ପୂର୍ବରୁ ସେ ଲୋକସେବା ଭବନ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି । ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ସୂଚନା ଅନୁସାରେ ବିଶ୍ୱରଞ୍ଜନ ଠକେଇ ସିଣ୍ଡିକେଟର ଜଣେ ମେମ୍ବର ବା ଦଲାଲ ଭାବେ କାମ କରୁଥିଲେ । ତେଣୁ ବିଶ୍ୱରଞ୍ଜନ ଯଦି ଏହି ସିଣ୍ଡିକେଟ୍‌ର ମେମ୍ବର ତେବେ ଏହାର ମୁଖିଆ କିଏ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଚାକିରି ବେପାର ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଶଙ୍କର ଏବଂ ମୁନ୍ନାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେହିପରି ଏହି ବ୍ୟକ୍ତିମାନଙ୍କ ଆର୍ଥିକ କାରବାର ତଥ୍ୟ ଦେବାକୁ ବିଭିନ୍ନ ବ୍ୟାଙ୍କକୁ ଚିଠି ଲେଖାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି ।

### ଶଙ୍କର ପୃଷ୍ଟିର...

ତାଲା ପଡ଼ିଛି। ଶଙ୍କର ପୃଷ୍ଟି ସଂପର୍କରେ ଆଉ ଏକ ସାଂଘାତିକ ତଥ୍ୟ ମଧ ସାମ୍ନାକୁ ଆସିଛି। ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସହ ଶଙ୍କର ପୃଷ୍ଟିର ଘନିଷ୍ଠତା ରହିଛି ଓ ସମ୍ପୃକ୍ତ ବ୍ୟକ୍ତିଙ୍କର ରାଜ୍ୟ ସରକାରରେ ବିଶେଷ ପ୍ରଭାବ ରହିଛି। ଶଙ୍କର ପୃଷ୍ଟି ସହ ସେହି ବ୍ୟକ୍ତି ସିଲିକନ୍ ଟେକ୍‌ଲାବ୍ ଓ ରାଜ୍ୟର ବଡ଼ବଡ଼ିଆଙ୍କ ସହ ସାକ୍ଷାତ କରିଥିଲେ। କେବଳ ସେତିକି ନୁହେଁ, ସଂପୃକ୍ତ ବ୍ୟକ୍ତିଙ୍କ ଜରିଆରେ ଶଙ୍କର ପୃଷ୍ଟି ମହାରାଷ୍ଟ୍ରରେ ମଧ ଘର କିଣିଥିବା ଜଣାପଡ଼ିଛି।

### ସଂଶୟରେ ଓସିଏସ୍...

ପ୍ରଘଟ, ଚାକିରି ଅନିୟମିତତା ସରକାରଙ୍କୁ ଅଡୁଆରେ ପକାଇଛି। ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ରାକେଟ ଧରାପଡ଼ିବା ପରେ ଓସିଏସ୍, ଅମିନ ଓ ଆର୍‌ଆଇ ଚାକିରି କାହିଁକି ବିକ୍ରି ହେଉ ନ ଥିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି ।

ଅପରପକ୍ଷରେ ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଜାଲିଆତିର ତଦନ୍ତ ନିର୍ଦ୍ଦେଶ ମଧ ଦେଇଥିଲେ। ମାତ୍ର ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରାଇଦେଲେ। ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ପାଖରେ ସରକାର ପହଞ୍ଚପାରି ନ ଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଛି ଓ ପୁଣି ଥରେ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୮ ତାରିଖରୁ ଅନୁଷ୍ଠିତ ହେଉଛି। ଅନୁରୂପ ଭାବରେ ଡାକ୍ତରୀ ନାମଲେଖା ପାଇଁ ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନିଟ୍ ୟୁଜି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଗତ ଜୁନ୍‌ରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ବହୁ ଦଲାଲ୍ ଓ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯିବା ସହ ଏହା ପରେ ପରେ ହେବାକୁ ଥିବା ନେଟ୍ ଓ ନିଟ୍-ପିଜି ପରୀକ୍ଷାକୁ ମଧ ସ୍ଥଗିତ ରଖାଯାଇଥିଲା। ପରୀକ୍ଷାର ସୁରକ୍ଷା, ଗୋପନୀୟତା ଓ ସ୍ୱଚ୍ଛତାକୁ ପୁନଃ ଯାଞ୍ଚ କରିବା ପରେ ଯାଇ ପୁନଃ ଉଭୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନିକଟରେ ସରକାରୀ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଥିବାରୁ ଏହି ପରୀକ୍ଷା ଦୁଇଟିର ସ୍ୱଚ୍ଛତା ଓ ଗୋପନୀୟତା ନେଇ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଆଗକୁ ଅନୁଷ୍ଠିତ ହେବାକୁଥିବା ସମସ୍ତ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛତାର ସହ କରାଯିବାକୁ ସରକାର ଗ୍ୟାରେଣ୍ଟି ଦିଅନ୍ତୁ ଓ ଅଦାଲତ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଉ ବୋଲି ଆଶାୟୀମାନେ ଦାବି କରିଛନ୍ତି ।

## ବାଲେଶ୍ୱର ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ବାଲେଶ୍ୱର, ୫।୧୦ (ସମିସ): ଗତ ଶୁକ୍ରବାର ବାଲେଶ୍ୱର ସହରରେ ଦୁର୍ଗାପୂଜା ଭସାଣି ଉତ୍ସବ ପରେ ଟାଉନ ଥାନା ଅନ୍ତର୍ଗତ ଫୁଲବଜାର ଅଞ୍ଚଳରେ କୌଣସି କଥାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେଣୁ, ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ରବିବାର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ବଲାଙ୍ଗୀ କଲେଜ ନିକଟରୁ ବାହାରି ପାତ୍ରପଡ଼ା ହୋଇ ପୁରୁଣା ବାଲେଶ୍ୱର, ଦରଘାପଡିଆ, ଗଳାପୋଖରୀ ପର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ୍ ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 21/08/2025, CF No.- 99/21.08.2025. I, Ramagobinda Pradhan, S/o- Pati Pradhan, At- Hrudayaprasad, PO- Karanjamal, PS- Bansada, Dist- Bhadrak, Pin- 756164, declare that I have changed the name of my son from Suvam Mandal to Suvam Pradhan. Henceforth, he shall be known as new name Suvam Pradhan for all purposes.

Ramagobinda Pradhan

**AFFIDAVIT**

I VANIMISETTY ASHALATHA, W/o- VANIMISETTY PRABHAKAR RAO resident of Laxmipathy House, N.K.T. Road, Po- P.R. Peta, Ps- Jeypore, Dist- Koraput - 764003, Odisha declare by this Affidavit No.1466, Dated - 03/10/2025, that now onwards I shall be known as **VANIMISETTY ASHA LATA** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate / Tahasildar, Oupada, Dist. Balasore, Odisha on dated 03/10/2025, I M S Raj Ariyan, S/O- Susanta Kumar Nayak, At. Patapur, Po. Oupada , Ps. Oupada, Dist. Balasore, Odisha, Pin- 756049, declare that I have changed my name from Ms Raj Ariyan to M S Raj Ariyan. Henceforth, I will be known as M S Raj Ariyan for all purposes.

M S Raj Ariyan

## ବାଲି ଚୋରା ଚାଲାଣ ଅଭିଯୋଗ

# ଥାନା ଦ୍ୱାରସ୍ଥ ହେଲେ ଗାଁ ଲୋକେ

କୁନ୍ଦୁର, ୫।୧୦(ସମିସ):




କୁନ୍ଦୁରା ବ୍ଲକ ବାଗଦେରୀ ପଞ୍ଚାୟତ ଅନ୍ତର୍ଗତ ଡାଙ୍ଗରାପାଲ୍ଲୀ ଓ କଟ୍ରାଗୁଡା ଗ୍ରାମରେ ଶ୍ରମଦାନ କରିଥିବା ରାସ୍ତା ଉପରେ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ କରି ଜିଲ୍ଲା ଦୁରଆ ମହିଳା ସଂଘ ପକ୍ଷରୁ ଏକ ଦାବିପତ୍ର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ମୁତାବକ, ଗତ ୨୦୨୦ ଅକ୍ଟୋବର ମାସରେ ଶ୍ରମଦାନ କରି ଡାଙ୍ଗରାପାଲ୍ଲୀ ଠାରୁ କଟ୍ରାଗୁଡା ପର୍ଯ୍ୟନ୍ତ ପ୍ରାୟ ୧୩ ଶହ ମିଟର ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ଉପର ଦେଇ କୋଟପାଡ଼ ବ୍ଲକର ୬ ଖଣ୍ଡ ଗ୍ରାମକୁ ଯିବା ପାଇଁ ରାସ୍ତା ନଥିଲା। ଛତର୍ଲା ପଞ୍ଚାୟତକୁ ଯିବାକୁ ହେଲେ କୋଲାବ ନଦୀ ପାରି କରିବାକୁ ପଡୁଥିବା ବେଳେ ବର୍ଷା ଦିନେ ଅନ୍ୟ ଏକ ରାସ୍ତା ଦେଇ ୮୦ କିଲୋମିଟର ଦେଇ ଯିବାକୁ ଲୋକେ ବାଧ ହେଉଥିଲେ। ରାସ୍ତା ନିର୍ମାଣ କରି ୬ ଖଣ୍ଡ ଗ୍ରାମର ଲୋକଙ୍କୁ ଚାଉଳ ଦେବା ପାଇଁ ସେ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କିଛି ବି ସୁଫଳ ମିଳିନଥିଲା। ଶ୍ରମଦାନ କରି ରାସ୍ତା ନିର୍ମାଣ ପରେ ଆମ୍ବୁଲାନ୍ସ ଚଳାଚଳ କରିବା ସହ ଚାଉଳ ଭତ୍ତା ଆଦି ସରକାରୀ ସୁବିଧା ଗାଁକୁ ପହଞ୍ଚି ପାରିଥିଲା। ରାସ୍ତା ନିର୍ମାଣ ହେବା ପରେ କଟ୍ରାଗୁଡା ଗ୍ରାମର ଜଗବନ୍ଧୁ ହରିଜ, ସମୁଦ୍ର ମୁଦୁଲି, ଲକି ମୁଦୁଲି(ୱାର୍ଡ ମେମ୍ବର) ଜଗ ଦୁରୁଆ କଲାବ ନଦୀ ଜହରା ମୁହାଣ ଠାରେ ଜେସିବି ଗାଡି ଲାଗାଇ ଲକ୍ଷାଧିକ ଟଙ୍କା କରୁଥିବା ବେଳେ ରାସ୍ତା ଖରାପ ହେଉଛି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ରାସ୍ତାରେ ବାଲି ବୋଝେଇ ଗାଡି ନ ନେବା ପାଇଁ କହିବାରୁ ଗତ ୨୪ ତାରିଖ ଦିନ ୫ ଜଣଙ୍କ ସମେତ ୱାର୍ଡମେମ୍ବର ବୈଠକ ଡକାଇ ରାସ୍ତା ନିର୍ମାଣ ବାବଦରେ ବିଲ କରି ଟଙ୍କା ଆତ୍ମସାତ କରିଛ ବୋଲି ସଂଘର କର୍ମକର୍ତ୍ତାଙ୍କୁ ଅସଭ୍ୟ ଆଚରଣ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ବୁଦାଗୁଡା ଗ୍ରାମ ଠାରେ ଗତ ୩୦ ତାରିଖ ଦିନ ସମସ୍ୟାର ସମାଧାନ କରିବା ପାଇଁ ସଂଘ ତରଫରୁ ଏକ ବୈଠକ ଡକାଯାଇ ଥିଲେ ମଧ୍ୟ ସେମାନେ ବୈଠକକୁ ଆସି ନଥିଲେ। ବାଲି ବିକ୍ରି ବାବଦରେ ସରକାରଙ୍କ ଠାରୁ କେତେ ବର୍ଷର ଡେଣ୍ଡର ପାଇଛନ୍ତି, ଏବାବଦରେ ଦସ୍ତାବିଜ୍ ଯାଞ୍ଚ କରାଯାଉ, ବିନା ଟେଣ୍ଡରେ ବାଲି ବିକ୍ରି କରୁଥିଲେ ସରକାରୀ ନିୟମ ଅନୁଯାୟୀ ସେମାନଙ୍କୁ ଦଣ୍ଡିତ କରାଯାଉ। ଯଦି ଶ୍ରମଦାନ ରାସ୍ତାରେ ବିଲ କରାଯାଇ ଟଙ୍କା ଉଠାଯାଇଛି, ତାର ପ୍ରମାଣ ଦିଆଯାଉ ବୋଲି ଦାବିପତ୍ରରେ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଇମତି ଦୁରୁଆ, ସାବିତ୍ରୀ ଦୁରୁଆ, ଜୟନ୍ତି ଦୁରୁଆ, ଚକ୍ରବତୀ ଦୁରୁଆ, ବାସୁ ଦୁରୁଆ, ମନୋଜ ଦୁରୁଆ, ଭଗତ ଦୁରୁଆ, ଲକ୍ଷ୍ମୀ ଦୁରଆ, ଭାବେ ଦୁରୁଆ, ବନସିଙ୍ଗି ଦୁରୁଆଙ୍କ ସମେତ ୧୦ ଖଣ୍ଡ ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ।

# ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ନବରଙ୍ଗପୁର, ୫।୧୦(ସମିସ): ଶନିବାର ନବରଙ୍ଗପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ସଭାପତିତ୍ୱରେ ଭୋଟ ଚୋରି ଅଭିଯାନ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ନିମାଇଁ ସରକାର ଯୋଗ ଦେଇ ଉପସ୍ଥିତ ବ୍ଲକ ଓ ନଗର କଂଗ୍ରେସକୁ ଏକ ଲକ୍ଷ ଭୋଟର ଙ୍କ ଦସ୍ତଖତ ଦେଇ ଅଭିଯାନ ଆରମ୍ଭ କରିବାକୁ ଗୁରୁମନ୍ତ୍ର ଦେଇଥିଲେ। ଏକ ସାମ୍ବାଦିକ ସମ୍ମିଳନୀ ସହ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା ଶ୍ରୀ ସରକାର ଆର ଏସ ଏସ ଏବଂ ମୋଦି ସରକାରଙ୍କ ଭୋଟ ଚୋରି କରି କ୍ଷମତା ହାସଲ କରିବା ନେଇ ଟିପ୍ପଣୀ ଦେଇଥିଲେ। ପୂର୍ବତନ ଡ଼ାବୁଗାଁ ବିଧାୟକ ଭୁଜବଳ ମାଝୀ ଏହି ଅଭିଯାନକୁ ଲୋକାଭିମୁଖୀ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ନବରଙ୍ଗପୁର ଜିଲ୍ଲାରେ ଭୋଟ ଚୋରିର ପ୍ରମାଣ କମ୍ ଦିନ ମଧ୍ୟରେ ଗଣମାଧ୍ୟମକୁ ଦିଆଯିବା ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଚଳିତ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦେଇଛନ୍ତି ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ। ଏହି ଅବସରରେରେ ପୂର୍ବତନ ବିଧାୟକ ପ୍ରାର୍ଥୀ ସନ୍ ରାଜ ଗଣ୍ଡ, ସେଖ ଆଜିର, ବ୍ଲକ ସଭାପତି ବୃନ୍ଦ ବୃନ୍ଦାବନ ତ୍ରିପାଠୀ, ପଦମ୍ ସାଇ ମାଳି, ପ୍ରହଲ୍ଲାଦ ହିଆଲ୍, ପ୍ରଦୀପ ସାହୁ, ଅବଦୁଲ ଫିରୋଜ୍, ଅଖିଳ ଭତରା, ବାବୁଲି ବାଘ, ଧନୁର୍ଜୟ ବିଶୋଇ, ବନମାଳୀ ଭତରା, ଦିବାକର ପୂଜାରୀ, ନରହରି ମାଝୀ, କମଲୁ ବାଙ୍କିୟା, ଗୋପାଳ ତ୍ରିପାଠୀ, ଗଣେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# 'ଭୋଟ ଚୋରି' ବିରୋଧରେ ଅଭିଯାନ ନେଇ ବୈଠକ



ଜୟପୁର, ୫।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ନୂତନ ଜିଲ୍ଲା କଂଗ୍ରେସ ସଭାପତିଙ୍କ ସମ୍ବର୍ଦ୍ଧନା ସଭା ସହିତ କେନ୍ଦ୍ରର ଭାଜପା ସରକାରଙ୍କ ଭୋଟ ଚୋରିକୁ ବିରୋଧ କରାଯାଇ ଦସ୍ତଖତ ଅଭିଯାନ ନେଇ ଜିଲ୍ଲାସ୍ତରୀୟ କଂଗ୍ରେସ କର୍ମକର୍ତ୍ତା, କର୍ମୀ, ମହିଳା, ଯୁବ ,ଛାତ୍ର ସଂଗଠନ, ସେବାଦଳ, ଅନୁସୂଚିତ ଜନଜାତି, ଜାତି , ପଛୁଆବର୍ଗ, ସଂଖ୍ୟାଲଘୁ ସେଲର କର୍ମକର୍ତ୍ତା ଓ ସଦସ୍ୟ ଏବଂ ଜନପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନୂତନ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କୁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହିପରି ମଞ୍ଚରେ ଉପସ୍ଥିତ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ପିସିସି ପର୍ଯ୍ୟବେକ୍ଷର ଭରତ ଭୂଷଣ ବେନାଲ, ଅଖିଳ ଭତ୍ରା , ପୂର୍ବତନ ବିଧାୟକ ନିମାଇଁ ସରକାର, ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, କୋଟପାଡ ଏନଏସି ଅଧ୍ୟକ୍ଷ ଶଙ୍କର ରାଓ,. ଜିଲ୍ଲ ଯୁବ କଂଗ୍ରେସ ସଭାପତି ସନ୍ଦିପ ସାମନ୍ତରା, ମଦନ ମୋହନ ନାୟକ, ବିନୋଦ ମହାପାତ୍ର. ଟୁଲୁ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ମହିଳା ସଭାନେତ୍ରୀ ଶ୍ରୀମତି ବାହିନୀପତି ଦୁଇ ପର୍ଯ୍ୟବେକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୂତନ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ତୁରକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ନିର୍ବାଚନ କମିଶନର ଏବଂ କେନ୍ଦ୍ର ବିଜେପି ସରକାରଙ୍କ ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ ନେଇ ଆଲୋଚନା ହୋଇଥିଲା। କୋରାପୁଟ ଜିଲ୍ଲାରେ ୧ ଲକ୍ଷ ସାଧାରଣ ଲୋକଙ୍କ ଭୋଟ ଚୋରି ବିରୋଧରେ ଦସ୍ତଖତ ସଂଗ୍ରହ କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତ କହିଥିଲେ। ନିର୍ବାଚନ କମିଶନଙ୍କୁ କଂଗ୍ରେସ ଦଳ ପକ୍ଷରୁ ଭୋଟ ଚୋରି ଉପରେ କାବୁ କରିବା ନେଇ ୫ଟି ପ୍ରସ୍ତାବ ପ୍ରଦାନ କରାଯାଇଛି। ଏଥିପ୍ରତି ନିର୍ବାଚନ କମିଶନର ଅଣଦେଖା କରିଲେ, ସାରା ଦେଶରେ କଂଗ୍ରେସ ଦଳ ଆନ୍ଦୋଳନ କରିବ ବୋଲି ଚତାବନୀ ଦିଆଯାଇଛି।

# ଅବକାରୀ ଚଢ଼ଉ, ପୋଚ ଓ ମଦ ଜବତ

କୋରାପୁଟ, ୫।୧୦(ସମିସ): ପୁଲିସ ଓ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ସଦର ଥାନା ଅନ୍ତର୍ଗତ ଡେଙ୍ଗାଜାନିଗୁଡ଼ା ଗ୍ରାମରେ ବିପୁଳ ପରିମାଣର ପୋଚ ଏବଂ ଦେଶୀ ରନ୍ଧା ମଦ ଜବତ କରିଛନ୍ତି। ସଦର ଥାନା ଡେଙ୍ଗାଜାନିଗୁଡ଼ା ଗ୍ରାମରେ ବେଆଇନ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଅଭିଯୋଗ ହେବା ପରେ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା ପୁଲିସ ସହ ଅବକାରୀ ବିଭାଗ ମିଳିତ ଚଢ଼ଉ କରିଥିଲା। ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଓ ଅବକାରୀ ବିଭାଗର ଜିଲ୍ଲା ଫ୍ଲାଇ ସ୍କ୍ୱାର୍ଡ ମିଳିତ ଭାବେ ଚଢ଼ଉ କରି ୨୧୦୦ ଲିଟର ପୋଚ ଏବଂ ୧୩୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିଲେ। ଏ ନେଇ ବିଭାଗ ଦୁଇଟି ମାମଲା ରୁଜୁ କରିଥିବାବେଳେ କୌଣସି ସୂତ୍ରରୁ ସୂଚନା ପାଇ ଚୋରା ମଦ ବ୍ୟବସାୟୀ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏଭଳି ଚଢ଼ଉ ଆସନ୍ତା ଦିନରେ ମଧ୍ୟ ଜାରି ରହିବ ବୋଲି ସଦର ଇନ୍ସପେକ୍ଟର ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଜଳଭଣ୍ଡାରରୁ ମୃତଦେହ ଉଦ୍ଧାର

କୋରାପୁଟ, ୫।୧୦(ସମିସ): ଗତ ଦୁଇ ଦିନରୁ ନିଖୋଜ ଥିବା ବ୍ୟକ୍ତିଙ୍କ ମୃତଦେହ ରବିବାର ସକାଳେ କୋଲାବ ଜଳ ଭଣ୍ଡାରରୁ ଉଦ୍ଧାର ହୋଇଛି। ମୃତକ ଜଣକ ସୁନାବେଡ଼ା ଥାନା ପୁରୁଣା ଡୁମୁରିପୁଟ ଗ୍ରାମର ୩୬ ବର୍ଷୀୟ ଡମ୍ବୁ ଆମାପାଡିଆ ବୋଲି ଜଣାପଡ଼ିଛି। ମୃତ ଡମ୍ବୁ ଗତ ଦୁଇଦିନ ହେଲା ନିଖୋଜ ଥିଲେ। କୋରାପୁଟ ଟାଉନ ଥାନା ଅନ୍ତର୍ଗତ ହାଟପଦା ଶ୍ମଶାନ ନିକଟରେ କୋଲାବ ଜଳ ଭଣ୍ଡାରରେ ଏକ ଶବ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପ୍ରଚାର ହେବା ପରେ ମୃତ ଡମ୍ବୁର ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଚିହ୍ନଟ କରିଥିଲେ। କୋରାପୁଟ ଟାଉନ ଥାନା ପୁଲିସ ଓ ଡୁମୁରିପୁଟ ଫାଣ୍ଡି ପୁଲିସ ଓଡ଼ରାଫ ଟିମ୍ ସହ ପହଞ୍ଚି ମୃତଦେହ ଉଦ୍ଧାର କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୋରାପୁଟ ଟାଉନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

● କୋର୍ଟ ରାସ୍ତାରୁ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ

# ନୋଟିସ ଜାରିକଲା ପୌରସଂସ୍ଥା

ଜୟପୁର, ୫।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ମୁଖ୍ୟରାସ୍ତା ଭାବେ ୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା କୋର୍ଟ ରାସ୍ତା ଅନ୍ୟତମ। ଏହି ରାସ୍ତାକୁ ଜବରଦଖଲ କରାଯାଇଥିବାରୁ ସରକାରୀ ଜମିରୁ ଉଚ୍ଛେଦ ନେଇ ପୌରସଂସ୍ଥା ପକ୍ଷରୁ ଗତକାଲି ନୋଟିସ୍ କରାଯାଇଛି। ଆସନ୍ତା ୩ ଦିନ ମଧ୍ୟରେ ଏହି ଜବରଦଖଲ ନ ହଟାଇଲେ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ଭଙ୍ଗା ଯିବ ବୋଲି ନୋଟିସ ପ୍ରଦାନ କରାଯାଇଛି। ଏହିପରି ରାସ୍ତାର ସମୁଦାୟ ୬୦ଜଣ ଜବରଦଖଲକାରୀ ଗୃହ ମାଲିକଙ୍କୁ ଏହି ନୋଟିସ ଜାରି କରାଯାଇଛି। ଏହିପରି ଗତ ଦୁଇ ମାସ ପୂର୍ବରୁ ଏହି ରାସ୍ତା ୪୦ ଫୁଟ ଓସାରର ନିର୍ମାଣ ହେବାକୁ ନେଇ ମାପଚୁପ ହୋଇଥିଲା। କିନ୍ତୁ ବର୍ଷା ଋତୁ ଯୋଗୁଁ ଏହି ଉଚ୍ଛେଦକୁ ସ୍ଥଗିତ ରଖଯାଇଥିଲା। କିନ୍ତୁ ଏହି ରାସ୍ତା ମୁଖ୍ୟତଃ ଜିଲ୍ଲା କୋର୍ଟ, ବନ ବିଭାଗ ଡିଭିଜନ, କେନ୍ଦୁପତ୍ର , ଜିଲ୍ଲା ଯୋଗାଣ ବିଭାଗ, ବାଣିଜ୍ୟକର, ଜଳସେଚନ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ ରହିଛି। ଦୈନିକ ଶତାଧିକ ଗାଡି ମଟର ଚଳାଚଳ କରୁଥିବା ବେଳେ ହଜାର ହଜାର ସଂଖ୍ୟାରେ ଲୋକମାନେ ବାଇକ, ସାଇକେଲ , ଅଟୋ ଓ ପଥଚାରୀ ମାନେ ଯାତାୟାତ କରୁଛନ୍ତି। ବହୁ ସମୟରେ ଏଠାରେ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିବା ଯୋଗୁଁ ପ୍ରଶାସନ ପକ୍ଷରୁ ଏହାକୁ ଜବରଦଖଲ ଉଚ୍ଛେଦ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି।

# ଲଘୁଚାପ ବର୍ଷାରେ ଧାନ ଫସଲ ନଷ୍ଟ

ସେମିଲିଗୁଡା, ୫।୧୦ (ସମିସ):



କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ସୁବାଇ ପଞ୍ଚାୟତର ବିଲାପୁଟ ଗ୍ରାମର ପ୍ରାୟ ପାଞ୍ଚ ଏକର ଧାନ ଜମିରେ ସମ୍ପୂର୍ଣ୍ଣ ବାଲିଚର ହୋଇଯାଇଛି। କୋରାପୁଟ ଜିଲ୍ଲାର ଗୁରୁବାର ପ୍ରବଳ ବର୍ଷା ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା। ଦଶହରାରେ ଲୋକପୂଜା ବି କରିପାରିଲେନି। ଦିନ ସାରା ପ୍ରବଳ ବର୍ଷା ଯୋଗୁଁ ସହର ବଜାର ଜଳବନ୍ଦୀ ହୋଇ ଯାଇଥିଲା। ସେମିଲିଗୁଡା ଅଞ୍ଚଳରେ ୧୩୧.୩ ମିମି ବର୍ଷା ହେଇଛି। କେତେକ ଅଞ୍ଚଳରେ ଡ୍ରେନ ବ୍ୟବସ୍ଥା ଠିକ୍ ନଥିବାରୁ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହୋଇଥିଲା। ଲଗାଣ ବର୍ଷାରେ ସେମିଲିଗୁଡା ବ୍ଲକ୍‌ରେ ମଧ୍ୟ ଜନଜୀବନ ପ୍ରଭାବିତ ହୋଇଥିଲା। ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପନିପରିବା, ଅନ୍ୟ ଚାଷ ନଷ୍ଟ ହୋଇ ଯାଇଛି। ସୁବାଇ ପଞ୍ଚାୟତର ବିଲାପୁଟ ଗ୍ରାମର ପ୍ରାୟ ପାଞ୍ଚ ଏକର ଧାନ ଜମିରେ ସମ୍ପୂର୍ଣ୍ଣ ବାଲଚର ହୋଇଯାଇଛି। ମଙ୍ଗୁ ପ୍ରଧାନୀ, ବଳରାମ ପ୍ରଦାନୀ, ଗୁରୁ ପ୍ରଦାନୀ, ସୀମା ପାଙ୍ଗି, ସୁକୁ ପାଙ୍ଗି, ଦୟା ଖିନିବୁଡି, ଗୁରୁ ଖିନିବୁଡି, ବୁଦୁ ଖିନିବୁଡି, ଆଦୁ ଖିନିବୁଡି, ଘାସିରାମ ପ୍ରଦାନୀ, ଘେନୁ ପ୍ରଦାନୀ, ଭକ୍ତରମ ପାଙ୍ଗି, ହରି ପାଙ୍ଗି, ଭଗବାନ ପୁଜାରୀଙ୍କ ସମେତ ଅନେକ ଚାଷୀଙ୍କ ବହୁତ କ୍ଷତି ହେଇଛି। କୋରାପୁଟ ସାଂସଦ ପ୍ରତିନିଧି ଜଗତରାଇ ଖିନିବୁଡି ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ରାଜପୁଟ ପଞ୍ଚାୟତରେ ଅମଳ ଧାନ ପାଣିରେ ବୁଡି ଯାଇଥିବା ସରପଞ୍ଚ ପୀତାମ୍ବର କିର୍ଶନି ସୂଚନା ଦେଇଛନ୍ତି। କୃଷି, ରାଜସ୍ୱ ବିଭାଗ ଅଧିକାରୀ ମାନେ ଅନେକ କ୍ଷେତ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ କରିବାକୁ ଦାବ କରିଛନ୍ତି। ବ୍ଲକ୍‌ରେ ଅନେକ ଘର ଭାଙ୍ଗିଯିବା ନେଇ ସୂଚନା ମିଳିଛି।

# ୬ ଦିନ ଧରି ବିଜାପୁର ଅନ୍ଧାରରେ

ନନ୍ଦପୁର, ୫।୧୦ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୂର୍ଜି ପଞ୍ଚାୟତ ବିଜାପୁର ଗ୍ରାମରେ ୬ ଦିନ ହେଲା ବିଦ୍ୟୁତ ଯୋଗାଣ ବନ୍ଦ ହୋଇ ରହିଛି। ସମଗ୍ର ଗାଁ ଅନ୍ଧାରରେ ଥିବାରୁ ଲୋକମାନେ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସନ୍ଧ୍ୟା ହେଲେ ଗାଁ ଅନ୍ଧାରରେ ମଳିନ ହେଉଛି। ଶିକ୍ଷାର୍ଥୀମାନେ ପଢ଼ି ପାରୁନାହାନ୍ତି। ବ୍ୟବସାୟୀମାନେ ଦୋକାନ ବନ୍ଦ କରିବାକୁ ବାଧ ହେଉଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ଏ ନେଇ ଅହେତୁକ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ୬ ଦିନ ଧରି ବିଜୁଳି ବିଭାଗକୁ ଅନେକ ଥର ଅଭିଯୋଗ ଦେବା ସତ୍ତ୍ୱେ ବିଭାଗ ପକ୍ଷରୁ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି।

## ଲୋକେ ହନ୍ତସନ୍ତ

ସେପଟେ ବିଜୁଳି ବିଭାଗ କହିବା ଅନୁସାରେ ସେହି ଗ୍ରାମ ପାଇଁ ଉଦ୍ଦିଷ୍ଟ ଟ୍ରାନ୍ସଫର୍ମରରେ ସମସ୍ୟା ସୃଷ୍ଟି ହେବା ଯୋଗୁଁ ଏହି ଅସୁବିଧା ହୋଇଛି। ମରାମତି କାମ ଚାଲିଛି ବୋଲି ଜଣାପଡ଼ିଛି। ସେହି କାମ କେବେ ସମାପ୍ତ ହେବ ବୋଲି ସ୍ପଷ୍ଟ କରାଯାଇନାହିଁ।

# ସମିତି ସଭ୍ୟାସଭ୍ୟଙ୍କ ମାସିକ ବୈଠକ

କୋଟପାଡ଼, ୫।୧୦ (ସମିସ): କୋରାପୁଟ ଜିଲ୍ଲାର ଛତିଶଗଡ଼ ସୀମାନ୍ତରେ ଥିବା ଚାନ୍ଦିଲି ଗ୍ରାମପଞ୍ଚାୟତ ଠାରେ ସମିତି ସଭ୍ୟାସଭ୍ୟଙ୍କ ମାସିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଦୋନ୍ନତି ପାଇ ନୂତନ ଭାବରେ ଦାୟିତ୍ୱ ନେଇ ଥିବା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ସେଠୀଙ୍କୁ ସମସ୍ତ ଜନ ପ୍ରତିନିଧି ସ୍ୱାଗତ ଜଣାଇଥିଲେ। ସରକାରଙ୍କ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ସ୍ଥାନୀୟ ଠିକାଦାରଙ୍କୁ ଅଣଦେଖା ନ କରିବା, କେତେକ କର୍ମଚାରୀ ନିୟମିତ କାର୍ଯାଳୟକୁ ଠିକ୍ ଭାବେ ଆସୁ ନ ଥିବାରୁ ବିଭିନ୍ନ ବିଭାଗର କାମ ମନ୍ଥର ଗତିରେ ଚାଲୁଛି, ସେଥିପ୍ରତି ଧ୍ୟାନ ଦବା. ବ୍ଲକ ପରିସରରେ ଦୀର୍ଘ ବର୍ଷ ଧରି ଶୌଚାଳୟ ନିର୍ମାଣ ହୋଇଛି, କିନ୍ତୁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ତେଣୁ ଅଞ୍ଚଳର ସମସ୍ୟାକୁ ଗଣ ମାଧ୍ୟମ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଉକ୍ତ ବୈଠକରେ ଆଲୋଚନା ହୋଇଛି। ବ୍ଲକ ଅଧ୍ୟକ୍ଷା କମଳା ଭତରା. ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ବରିଷ୍ଠ ସଭ୍ୟ ଶୁକଦେବ ବିଡାର, ପ୍ରତାପ ସାହୁ, ଗୁରୁନାଥ ହରିଜନ, ସଭ୍ୟା ଶ୍ରୀଦେବୀ ରାଓ, ମେଲକା ଜାଇଫୁଲ, ଜଗଦୀଶ ଭତରାଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିବା ଜଣାଯାଇଛି।



# ଆୟାପ୍ପା ସ୍ୱାମୀ ଭକ୍ତଙ୍କ ଦୀକ୍ଷା ଗ୍ରହଣ



ଡାବୁଗାଁ, ୫।୧୦(ସମିସ): ଶନିବାର ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଆୟାପ୍ପା ସ୍ୱାମୀ ଭକ୍ତମାନେ ଦୀକ୍ଷା ଗ୍ରହଣ କରିଛନ୍ତି । ସକାଳୁ ଡାବୁଗାଁ ଶିବ ମନ୍ଦିରରେ ଜୟପୁର ରାବଣା ଗୁରୁସ୍ୱାମୀଙ୍କ ଠାରୁ ଭକ୍ତମାନେ ମାଳା ଧାରଣ କରିଛନ୍ତି। ଭକ୍ତମାନେ ମାଳାଧାରଣ କରି ଡାବୁଗାଁ ଜୟନ୍ତୀନଗର ସ୍ଥିତ ଅୟାପ୍ପା ସ୍ୱାମୀ ସାନିଧାନମରେ ୪୧ ଦିନ ରହି ପୂଜାର୍ଚ୍ଚନା କରି ନିଷ୍ଠାର ସହ ରହିବେ। ଡାବୁଗାଁ ଗୁରୁ ସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ଚିତ୍ତରଞ୍ଜନ ପାତ୍ର, ଜେ. ସୁଦର୍ଶନ ରାଓ, ଶାନ୍ତନୁ ଖୁଣ୍ଟିଆ, ଏ. କମଳ କୁମାର, ବିଜୟ ନିହାଲଙ୍କ ସମେତ ୧୮ ଜଣ ଭକ୍ତ ଆୟାପ୍ପା ସ୍ୱାମୀ ଦିକ୍ଷା ଗ୍ରହଣ କରିଛନ୍ତି। ଆଜିଠୁ ୪୧ ଦିନ ପର୍ଯ୍ୟନ୍ତ ଏମାନେ ରହି ପରେ କେରଳ ରାଜ୍ୟର ସାବରିମାଲା ସ୍ଥିତ ଆୟାପା ସ୍ୱାମୀଙ୍କ ମନ୍ଦିରକୁ ଅୟାପ୍ପା ସ୍ୱାମୀଙ୍କ ଦର୍ଶନ ପାଇଁ ଯିବେ।

# ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ନନ୍ଦପୁର, ୫।୧୦(ସମିସ): ନେତାଜୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୁନାବେଢ଼ା ବ୍ରଦସ୍‌ର୍ ୧୧ ଓ ଦାମନଯୋଡି ଚମ୍ପାପଦର ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରାମନାଥ କାଡ଼ାମ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ୍ ପୂର୍ବରୁ କୋରାପୁଟର ମାନାବାର ଏଫ୍ ସି ମହିଳା ଦଳ ଓ ଜୟପୁର ସନ୍ଧ୍ୟାରାଣୀ ମହିଳା ଫୁଟବଲ ଦଳ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜୟପୁର ସନ୍ଧ୍ୟାରାଣୀ ମହିଳା ଫୁଟବଲ ଦଳ ପେନାଲ୍ଟୀ ସୁଟ୍‌ଆଉଟ୍‌ରେ ୩-୧ ଗୋଲରେ ଆଗୁଆ ରହି ବିଜେତା ଘୋଷିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଆଇସି ମମତା ପଣ୍ଡା, ସେକ ଗଫୁର୍, ଥୁବା ନେତାଜୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଯୁବ ଗୋଷ୍ଠୀ ମଧ୍ୟରେ ସେକ ତାଜୁ, ସେକ ଆକବର, ସେକ ଅଲ୍ଲୀ, ସେକ ମୁସ୍ତାଫା, ସେକ ଗୁଲୁ, ସେକ ଔଜିଦ୍, ସେଲ ଅଲ୍ଲୀ, ସେକ ବାସିର, ସେକ ଫିରୋଜ୍, ସେକ ସର୍ଫୁ, ସେକ ବୁଟୁ, ସେକ ଇମ୍ରାନ୍, ସେକ ଦିଦର୍ ଅଲ୍ଲୀ, ସେକ ଇଞ୍ଜୁ ପ୍ରମୁଖଙ୍କ ପରିଚାଳନାକୁ ଅତିଥି ମାନେ ପ୍ରଶଂସା କରିଥିଲେ। ମ୍ୟାଚ୍ ଶେଷରେ ବିଜେତା ଚମ୍ପାପଦର ଓ ଉପବିଜେତା ବ୍ରଦର୍ସ ୧୧ଙ୍କୁ ବିଧାୟକ ନିଜେ ପୁରସ୍କାର ଓ ଟ୍ରଫି ବିତରଣ କରିଥିଲେ। ଆୟୋଜକମଣ୍ଡଳୀ, ସ୍ଥାନୀୟ ନେତାମାନେ ଓ ଦର୍ଶକମାନେ ମିଶି ଏହି ଆୟୋଜନକୁ ସଫଳ ହୋଇଛି। ସୁନାବେଡା କୁ ହରାଇ ଦମନଯୋଡି ଚାମ୍ପିୟାନ ହୋଇ ଟାଇଟଲ ହାସଲ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ବିଧାୟକ ପ୍ରତିନିଧି କାମେସ କାମୁଡ଼ି, ଯୁବନେତା ନୀଳାମ୍ବର ହଂସା, ରାମ କୃଷ୍ଣ ପଡ଼ାଲ, ମଦନ ହାଡ଼ ପୁଟିଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ଯୁବ ଗୋଷ୍ଠୀ ମଧ୍ୟରେ ସେକ ତାଜୁ, ସେକ୍ ଆକବର, ସେକ ଅଲ୍ଲୀ, ସେକ ମୁସ୍ତାଫା, ସେକ ଗୁଲୁ, ସେକ ଔଜିଦ୍, ସେଲ ଅଲ୍ଲୀ, ସେକ ବାସିର, ସେକ ଫିରୋଜ୍, ସେକ ସର୍ଫୁ, ସେକ ବୁଟୁ, ସେକ ଇମ୍ରାନ୍, ସେକ ଦିଦର୍ ଅଲ୍ଲୀ, ସେକ ଇଞ୍ଜୁ ପ୍ରମୁଖଙ୍କ ପରିଚାଳନାକୁ ଅତିଥି ମାନେ ପ୍ରଶଂସା କରିଥିଲେ।

## ପ୍ରକୃତ ଚାଷୀଙ୍କୁ ସାର ଯୋଗାଣ ନେଇ ଗୁରୁତ୍ୱ

# ସବୁ ଗାଁକୁ ମୋବାଇଲ ନେଟ୍‌ୱର୍କ ଜରୁରି: ବଳଭଦ୍ର ମାଝୀ




ନବରଙ୍ଗପୁର, ୫।୧୦(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ଗୃହରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରିଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ବଳଭଦ୍ର ମାଝି ଜିଲ୍ଲାରେ ବିଭିନ୍ନ ଯୋଜନାର ସମୀକ୍ଷା, ଏହାର ସଫଳ ରୂପାୟନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଝରିଗାଁ ବ୍ଲକର ୨୪ଟି ଗ୍ରାମରେ ବିଭିନ୍ନ ବିଭାଗର ପରିପୂର୍ଣ୍ଣତା ମାନଙ୍କ ହାସଲ ପାଇଁ ବିଭାଗୀୟ ଅଧିକାରୀଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ। କୃଷି ,ଉଦ୍ୟାନ,ଉଠା ଜଳସେଚନ,କ୍ଷୁଦ୍ର ଜଳସେଚନ, ରାଜସ୍ୱ ଇତ୍ୟାଦି ବିଭାଗ ମିଳିତ ଭାବରେ ପ୍ରକୃତ ଚାଷୀ ଚିହ୍ନଟ ଓ ସାର ଯୋଗାଣ ଉପରେ ଏକ ରୋଡ ମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଶ୍ରମ ବିଭାଗ ଦାଦନ ଶ୍ରମିକ ରୋକିବାକୁ, ଶ୍ରମ ଆଇନ ଅନୁସାରେ ତଦନ୍ତ କରି ହିତାଧିକାରୀଙ୍କୁ ସହାୟତା, ଦଲାଲରାଜ ବନ୍ଦ କରିବା ଉପରେ ବିଶେଷ ଦୃଷ୍ଟି ଦେବାକୁ କହିଥିଲେ। ୧୦୦ ପ୍ରତିଶତ ଗ୍ରାମକୁ ନେଟ୍‌ର ସୁବିଧା ପାଇଁ ପଦକ୍ଷେପ ନେବାକୁ ଟେଲିକମ ଅଧିକାରୀଙ୍କୁ କହିଥିଲେ। ନବରଙ୍ଗପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥ ବାଇପାସ୍ ରାସ୍ତା ନିର୍ମାଣ ରେଅଣ୍ଡରପାସ୍ ବ୍ୟବସ୍ଥା ଉପରେ କହିଥିଲେ। ବିନା ଲାଇସେନ୍ସ ଓ ବେଆଇନ୍ ମଦ ବେପାରକୁ ରୋକ୍ ଲଗାଇବା, ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଓ କେତେ ସଂଖ୍ୟକ କୁଟିଆ ମଦ ବେପାରକୁ ବନ୍ଦ କଲେ ତା ଉପରେ ରିପୋର୍ଟ ଦେବାକୁ ଅବକାରୀ ଅଧିକାରୀଙ୍କୁ କହିଥିଲେ। ପ୍ରତି ପଞ୍ଚାୟତରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ କହିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ପ୍ରବଳ ବର୍ଷାରେ ନଷ୍ଟ ହେଲା ମକା ଫସଲ , ଚିନ୍ତାରେ ଚାଷୀ

ନାରାୟଣପାଟଣା,୫ା୧୦(ସମିସ): ଲଘୁଚାପ ବର୍ଷା ଯୋଗୁଁ ନାରାୟଣପାଟଣା ବ୍ଲକ ବିଜାଘାଟି ପଞ୍ଚାୟତ ସଦର ଠାରୁ ଡେଙ୍ଗନାଗୁଡା ମଝିରେ ଏକ ବିରାଟ ତେନ୍ତୁଳି ଗଛ ପଡି ଦାମନଯୋଡିକୁ ଯାତାୟତ ପୁରାପୁରି ଠପ୍ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ଦମକଳ ବାହିନୀର ଦଶ ଜଣିଆ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ସହଯୋଗରେ ଦୀର୍ଘ ୭ ଘଣ୍ଟା ପରେ ଗଛ କଟାଯାଇ ରାସ୍ତା ଅବରୋଧ ହଟିଥିଲା। ଏଥିସହ ଏକ ଜେସିବି ମେସିନର ସହଯୋଗ ଲୋଡ଼ାଯାଇଥିଲା। ଦମକଳ ବାହିନୀର କର୍ମଚାରୀ ପଡ଼ିଥିବା ଗଛ ଗଣ୍ଡି କାଟିବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ସନ୍ଧ୍ୟା ୪ଟା ବେଳକୁ ରାସ୍ତା ଅବରୋଧ ହଟିଥିଲା। ଏହି ଅବରୋଧ ଫଳରେ ବିଜାଘାଟି , ତେନ୍ତୁଳି ପଦର , ବାଲିପେଟା ପଞ୍ଚାୟତର ହଜାର ହଜାର ଜନସାଧାରଣ ବ୍ୟବସାୟ ଉପରେ ନିର୍ଭର କରିଥାନ୍ତି। ଏଥିସହ ଦଶହରା ପୁଜା ଯୋଗୁ ମାର୍କେଟିଙ୍ଗ ଓ ପୁଜା ପେଣ୍ଡାଲ ଦେଖିବାକୁ ଯାଇଥିବା ତିନି



ପଞ୍ଚାୟତବାସୀ ଫେରିବା ବେଳେ ନାକେଦମ୍ ହେବାକୁ ପଡ଼ିଥିଲା। ସନ୍ଧ୍ୟାରେ ରାସ୍ତା ସଫା ହେବାରୁ ଯାତାୟତ ସହଜ ହୋଇଥିଲା। ଏଥିସହ ଲଗାଣ ବର୍ଷାରେ ନାରାୟଣପାଟଣା ବ୍ଲକ ବୋରିଗୀ, ଲଙ୍ଗଲବେଡା , ତଳଗୁମାଣ୍ଡି ପଞ୍ଚାୟତରେ ଶହ ଶହ ଏକର ଜମିରେ ମକା ଫସଲ ନଷ୍ଟ ହୋଇଛି। ମକା ଅମଳ ପାଖେଇ ଆସୁଥିବା ବେଳେ ଶତାଧିକ ଚାଷୀଙ୍କ ଏକର ଏକର ଜମିରେ ମକାଗଛ ସବୁ ତଳେ ପଡ଼ିଯାଇଛି। ଧାର ଉଧାର କରି ଚାଷୀ ମକା ଚାଷ କରିଥିବା ବେଳେ ଚାଷ ନଷ୍ଟ ହେଇଥିବାରୁ ଭରଣ ପୋଷଣ କିପରି କରିବେ ସେ ନେଇ ଚିନ୍ତାରେ। ଅନ୍ୟପଟେ କୃଷି ବିଭାଗ ତରଫରୁ କେତେ ମକା ଚାଷ ନଷ୍ଟ ହେଇଛି , କାହାର କାହାର କେତେ ଏକର ନଷ୍ଟ ହେଇଛି ତାର ରିପୋର୍ଟ ସଂଗ୍ରହ କରାଯାଉଛି। ରିପୋର୍ଟ ଆସିବା ପରେ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଗଲା ପରେ କ୍ଷୟକ୍ଷତିର ଆକଳନ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ବୋଲି କୃଷି ଅଧିକାରୀ ଶ୍ରଦ୍ଧାଞ୍ଜଳି ସିଂ କହିଛନ୍ତି।

# ବିସର୍ଜନରେ ମା'ଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ଼

ତେନ୍ତୁଳିଖୁଣ୍ଟି, ୫ା୧୦ (ସମିସ):



ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟିର ମୁଖ୍ୟ ବ୍ୟବସାୟିକ ଦପ୍ତର ଖାତିଗୁଡ ସ୍ଥିତ ଦୁର୍ଗା ମଣ୍ଡପ ପରିସରରେ ଆୟୋଜିତ ଦୁର୍ଗା ପୂଜା ଚଳିତ ବର୍ଷା କାଳ ବୈଶାଖୀ ପାଇଁ ଫିକା ପଡ଼ିଥିଲା। ଦଶମୀ ତିଥିରେ ସକାଳୁ ହିଁ ପ୍ରବଳ ବର୍ଷା ଆରମ୍ଭ ହୋଇ ଦିନ ତମାମ ବର୍ଷା ଲାଗି ରହିଥିବାରୁ ଲୋକେ ମା'ଙ୍କ ଦର୍ଶନ ପାଇଁ ଆସିପାରିନଥିଲେ ।ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଖାତିଗୁଡା ଦୁର୍ଗା ମଣ୍ଡପ ବୁଲିବା ସହ ଜଗତ ଜନନୀ ମା ଦୁର୍ଗା ଙ୍କ ଆଶିଷ ଲାଭ କରିଥିଲେ। ମା'ଙ୍କ ଯାତ୍ରାରେ ବ୍ୟବସାୟ ପାଇଁ ବ୍ୟବସାୟୀ ମାନେ ମିଠା ସମେତ ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ ପାଇଁ ଆସିଥିବା ବେଳେ ଦୋକାନ ବଜାର ଖୋଲି ପାରିନଥିଲେ । ପୂଜା ବଜାର ସମ୍ପୂର୍ଣ୍ଣ ଜନ ଶୂନ୍ୟ ହୋଇପଡ଼ିଥିଲା । ବର୍ଷାର ମାତ୍ରା ଏଭଳି ଥିଲା କି ରାସ୍ତା ଉପରେ ପ୍ରବଳ ଜଳ ପ୍ରବାହିତ ହେଲା। ଶୁକ୍ରବାର ମା'ଙ୍କ ଭସାଣି ଯାତ୍ରା ଉପଲକ୍ଷେ ଇନ୍ଦ୍ରାବତୀ ବଜାରରେ ଜନ ସମୁଦ୍ର ଦେଖିବାକୁ ମିଳିଥିଲା। ଦୁର୍ଗା ପୂଜା ଆରମ୍ଭରୁ ଭସାଣି ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଶୃଙ୍ଖଳା ରକ୍ଷା ପାଇ ସ୍ଥାନୀୟ ଖାତିଗୁଡା ପୋଲିସ ପ୍ରଶାସନ ତରଫରୁ ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ନେତୃତ୍ୱ ରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



**ନବରଙ୍ଗପୁର,୫ା୧୦(ସମିସ):** ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଠାରେ ଜିଲ୍ଲା ସ୍ତରୀୟ ମହାରା ଗାନ୍ଧୀ ତଥା ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସାଂସଦ , ନବରଙ୍ଗପୁର ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ ଏବଂ ମୁଖ୍ୟ ବକ୍ତା ଭାବରେ ଡ. ବିଜୟ ମିଶ୍ର ଯୋଗ ଦେଇଥିଲେ। ସେହି ପରି ସମ୍ମାନିତ ଅତିଥି ରୂପେ ପୌର ପରିଷଦ ଅଧ୍ୟକ୍ଷ କୁନୁ ନାୟକ, ଓକିଲ ସଂଘ ସଭାପତି ସିରାଜ ଉଦ୍ଦିନ ଅହମ୍ମଦ, ନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସହରରେ ଗାନ୍ଧୀ ଛକ ସ୍ଥିତ ନୂତନ ଭାବେ ସ୍ଥାପିତ ମହା।।ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଓ ଉଦଘାଟନ କରିବା ସହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଟାଉନ ହଲ ନିକଟସ୍ଥ ଲାଲ ବାହାଦୁର ଶାସ୍ତ୍ରୀ ଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ହୋଇଥିଲା। ମାଲ୍ୟର୍ପଣ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ, ସରକାରୀ ଅଧିକାରୀ, ସହରର ବିଶିଷ୍ଟ ବ୍ୟକ୍ତି, ପୌରପାଳିକା କାର୍ଯ୍ୟାଳୟ କର୍ମଚାରୀ, ପୌରପାଳିକା ୱାର୍ଡ ସଭ୍ୟ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ପୂର୍ବରୁ ହାଇସ୍କୁଲ୍ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ କହିଥିଲେ। ସ୍ୱାଗତ ଭାଷଣ ସହ ଦିବସ ପାଳନର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ ବେହେରା ପରିଚାଳନା କରିଥିଲେ। ଆଲୋଚନା ଚକ୍ର ସଭାରେ ଡିଡବ୍ଲୁଓ ରବୀନ୍ଦ୍ର ପାଲକା ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଡିଏସଏସଓ ସୁଧାଂଶୁ ପାତ୍ର, ଡିସିଓ ଘାଷିଆ ହରିଜନଙ୍କ ସମେତ ଛାତ୍ର ଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀ, ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଦିଲ୍ଲୀପ ମଲ୍ଲିକ, ବନମାଳୀ ଗୋଛି, ନୀଳକଣ୍ଠ ନାଏକ ଓ ବିଘ୍ନ ମାଝୀ କାର୍ଯ୍ୟକ୍ରମର ଆୟୋଜନରେ ସହଯୋଗ କରିଥିଲେ।

# ଜିଲ୍ଲା ବିଜେଡି ମିଡ଼ିଆ ସଂଯୋଜକ ହେଲେ ହିରଣ୍ୟ ହରିଜନ



ଝରିଗାଁ,୫ା୧୦(ସମିସ): ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲା ବିଜେଡି ମିଡିଆ ସଂଯୋଜକ ଭାବେ ହିରଣ୍ୟ ହରିଜନ ମନୋନୀତ ହୋଇଛନ୍ତି । ହିରଣ୍ୟ ପୂର୍ବରୁ ବିଜୁ ଜନତା ଦଳର ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ସହ ବିଭିନ୍ନ ପଦରେ ରହିଥିଲେ। ସେ ଦଳକୁ ସୁଦୃଢ କରିବା ପାଇଁ ଅହରହ ଚେଷ୍ଟା ଜାରି ରଖିଛନ୍ତି । ହିରଣ୍ୟ ଦଳକୁ ତୃଣମୂଳ ସ୍ତରରୁ ଅଧିକ ସଂଗଠିତ ପାଇଁ ଚେଷ୍ଟା କରିବେ ବୋଲି ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି।

# ଗାନ୍ଧୀ ଓ ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ସୁନାବେଡା,୫ା୧୦(ସମିସ): ସୁନାବେଡା ପୌର ପରିଷଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଏବଂ 'ସ୍ୱଚ୍ଛ ଉତ୍ସବ' ର ସମାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ସୁନାବେଡା ପୌର ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ଏବଂ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାତ୍ର, ଆଇଇଏସ୍ ( ପ୍ରୋବେସନରି) ଯୋଗ ଦେଇ ସୁନାବେଡା ଗାନ୍ଧୀ ଉଦ୍ୟାନ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହି ଭଳି ସେମିଳିଗୁଡା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତୀରେ ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର ମାଲ୍ୟାର୍ପଣ କରିଥିଲେ। ପୌର ପରିଷଦ ପକ୍ଷରୁ ସେପ୍ଟେମ୍ବର ମାସ ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିବା 'ସ୍ୱଚ୍ଛ ଉତ୍ସବ' ସମାପନ ଉତ୍ସବରେ ପୌରାଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ପାତ୍ର, ଆଇଇଏସ ( ପ୍ରବସେନେର) ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କର, ପାରିଷଦ ରବୀନ୍ଦ୍ର କୁମାର ପ୍ରଧାନ, ସମାଜସେବୀ ଶେଖ ଇବ୍ରାହିମ୍ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାର କୃତି ବିଜେତା ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ମିଳନ ପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।



ଜୟପୁର ସହରରେ ମା ଦୁର୍ଗାଙ୍କ ଭସାଣି ଉତ୍ସବ



ଜୟପୁର ରାଜାଙ୍କ ପୂଜାର୍ଚ୍ଚନା

# ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

**ଦାମନଯୋଡ଼ି,୫ା୧୦(ସମିସ):** ଶାରଦୀୟ ଦୁର୍ଗାପୂଜା ଅବସରରେ ଦାମନଯୋଡ଼ିର ସେକ୍ଟର ୩ ପୂଜା ମଣ୍ଡପରେ ଦଶହରା ସନ୍ଧ୍ୟାରେ ପୁରୀର ସାଂସ୍କୃତିକ ଦଳ 'କିଛି ସ୍ୱର କିଛି ସ୍ମୃତି' ମା'ଙ୍କର ଭଜନ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଆକର୍ଷଣୀୟ ତୋରଣ, ସାଜସଜ୍ଜା,ସୁନ୍ଦର ଆଲୋକମାଳା, ମନଲୋଭା ମୃଣ୍ମୟ ମୂର୍ତ୍ତୀ ଓ ପୂଜା ଦେଖିବାକୁ ଶ୍ରଦ୍ଧାଳୁ ଓ ଭକ୍ତମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜା ମଣ୍ଡପ ବୁଲୁଥିବା ଦେଖା ଯାଇଥିଲା। କେନ୍ଦ୍ରାପଡ଼ାରୁ ଆସିଥିବା ବରିଷ୍ଠ ପୂଜକ ପ୍ରଦୀପ ରଞ୍ଜନ ମିଶ୍ର, ଅମର କୁମାର ଦାଶ ଏବଂ ନୀରଜ କୁମାର ପାଢ଼ୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ କର୍ତ୍ତା ରୂପେ ସୁଶାନ୍ତ କୁମାର ଦାଶ ଏବଂ ଧର୍ମପତ୍ନୀ ସରୋଜିନୀ ତ୍ରିପାଠୀ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟିର ସଭାପତି ତଥା



ନାଲକୋ ମୁଖ୍ୟ ମହାପ୍ରବନ୍ଧକ(ବିତ୍ତ) ସଞ୍ଜୟ ଗୁପ୍ତା, ସମ୍ପାଦକ ନିର୍ମଳ କୁମାର ରାଉତ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁଙ୍କ ସହିତ ସଦସ୍ୟ ବସନ୍ତ କୁମାର ପଣ୍ଡା, ହରେନ୍ଦ୍ର ନାଥ ଗିରି, ପ୍ରଫୁଲ୍ଲ କୁମାର ମୁନି, ଆଶିଷ କୁମାର ପଟ୍ଟନାୟକ, ଚିତ୍ତ ରଞ୍ଜନ ରାୟ,ମନୋଜ କୁମାର ବେହେରା, ଚିତ୍ତ ରଞ୍ଜନ ଦାଶ ଓ ପ୍ରମୋଦ କୁମାର କୁଣ୍ଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଦଶହରା ଅବସରରେ ମଧ୍ୟାହ୍ନ ଓ ସନ୍ଧ୍ୟାରେ ସମୂହ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା। ଶାରଦୀୟ ପୂଜା ଅବସରରେ ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ଷ୍ଟଲ ମାନଙ୍କରେ ଗହଳି ଲାଗିଥିବା ଦେଖାଯାଇଥିଲା।

# ରାବଣପୋଡ଼ି ଉତ୍ସବ ଦେଖିବାକୁ ଭିଡ଼

କୋଷାଗୁମୁଡ଼ା, ୫ା୧୦(ସମିସ): କୋଷାଗୁମୁଡ଼ାଓ କୋଡ଼ିଙ୍ଗା ସହର ସହ ସ୍ଥାନୀୟ ଶକ୍ତିପୀଠ ଏବଂ ପୂଜା ମଣ୍ଡପରେ ସ୍ୱତନ୍ତ୍ର ପୂଜାପାଠ ଶେଷ ହୋଇଯାଇଛି। ଜଗତଜନନୀ ମା'ଦୁର୍ଗାଙ୍କ ଧରାବତରଣ ପାଇଁ ଚାରିଆଡେ ଭକ୍ତି ଭାବର ପରିବେଶ ସୃଷ୍ଟି ହୋଇଥିଲା । କୋଷାଗୁମୁଡ଼ା ଏବଂ କୋଡ଼ିଙ୍ଗାରେ ମଧ୍ୟ ବେଶ ଉତ୍ସାହର ସହ ଦଶହରା ପୂଜା ସହ ଭସାଣି ସମ୍ପନ୍ନ ହୋଇଥିଲା। ଶୁକ୍ରବାର ରାତିରେ ରାବଣ ପୋଡି ଉତ୍ସବରେ କୋଡ଼ିଙ୍ଗା ଅଞ୍ଚଳରେ ହଜାର ହଜାର ଦର୍ଶକଙ୍କ ଭିଡ଼ ହୋଇଥିଲା। ସ୍ଥାନୀୟ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ ରାବଣପୋଡ଼ିରେ ଯୋଗଦାନ କରିଥିଲେ। ଏହି ରାବଣ ପୋଡି ଉତ୍ସବରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା କୋଡ଼ିଙ୍ଗା ଥାନା ପକ୍ଷରୁ ହୋଇଥିଲା। ଦଶମୀ ଦିନରେ ସମସ୍ତ ଅଞ୍ଚଳର ଜନ ସାଧାରଣଙ୍କ ମନୋରଞ୍ଜନ ପାଇଁ ଆଦିବାସୀ ସାମାଜିକ ନାଟକ ଦୁଇଗୋଟି ପରିବେଷଣ ପୂଜା କମିଟିର ସୌଜନ୍ୟ ରେ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୋଷାଗୁମୁଡ଼ାର ଦୁର୍ଗା ପୂଜା କମିଟି ସଦସ୍ୟଙ୍କ ସହ କୋଷାଗୁମୁଡ଼ା ଓ କୋଡ଼ିଙ୍ଗାର ଯୁବକ, ଯୁବତୀ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତରେ ଭସାଣି ପର୍ବ ପାଳନ ହୋଇଥିଲା।

# ଅଚିହ୍ନା ମୃତଦେହର ମିଳିଲା ପରିଚୟ

ମାଥିଲି,୫ ।୧୦ (ସମିସ) ମାଲକାନଗିରି ଜିଲ୍ଲା ମାଥିଲି ଥିବା ଅନ୍ତର୍ଗତ ପାଙ୍ଗାମ ପଞ୍ଚାୟତ ବଡ଼ାଗୁଡା ଗ୍ରାମରେ ନଦୀ କୂଳରୁ ଉଦ୍ଧାର ଅଚିହ୍ନା ମୃତଦେହର ପରିଚୟ ମିଳିଛି। ଦୁଇଦିନ ପୂର୍ବେ ଶବ ଜବତ ହୋଇଥିଲା। ଇନ୍ସପେକ୍ଟରେ ସବିତା ମାଝୀ ଘଟଣାର ତଦନ୍ତ କରିଥିଲେ।

# ସେମିଳିଗୁଡାରେ ଦୁର୍ଗା ମେଢ଼ ବିସର୍ଜନ

ସେମିଳିଗୁଡ଼ା,୫ା୧୦ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ସହରରେ ଦୁର୍ଗାମେଢର ବିସର୍ଜନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ସହରରେ ଶିବ ଶକ୍ତି ବାଣିଜ୍ୟ ସଂଘ, ନିଳାଞ୍ଚଳ ମାର୍କେଟ କମିଟି, ଡ୍ରାଇଭର ସଂଘ ପକ୍ଷରୁ ଚଳିତ ବର୍ଷ ଦୁର୍ଗ ପୂଜା ପାଳନ କରାଯାଇଥିଲା।୫ ଦିନ ଧରି ପୂଜା ଆଡମ୍ବରରେ ପାଳିତ ହେଇଥିବା ବେଳେ ଶୁକ୍ରବାର ରାତିରେ ମା'ଦୁର୍ଗାଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ମୂର୍ତ୍ତିକୁ ଗାଡ଼ିରେ ରଖି ସହର ପରିକ୍ରମା କରାଯାଇଥିଲା। ଯୁବକ ମାନେ ନୃତ୍ୟ କରି ମେଢକୁ ଆଗେଇ ନେଇଥିଲେ। ଶିବ ଶକ୍ତି ବାଣିଜ୍ୟ ସଂଘ ପକ୍ଷରୁ ରୋଡ ସୋ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ବିସର୍ଜନ ଯୋଗୁଁ ଗହଳି ଦେଖା ଦେଇଥିଲା। ମୂର୍ତ୍ତିଙ୍କୁ ଜାନୀ ଗୁଡ଼ା, ପିତାଗୁଡ଼ା, ଘାଟ ଗୁଡ଼ା ନଦୀରେ ବିସର୍ଜନ କରାଯାଇଥିଲା।

# ସେମିଳିଗୁଡ଼ାରେ ଗାନ୍ଧୀ ଜୟନ୍ତୀ ପାଳିତ



ସେମିଳିଗୁଡ଼ା,୫ା୧୦ (ସମିସ): ସୁନାବେଡ଼ା ପୌର ପରିଷଦ ଦ୍ୱାରା ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସେମିଳିଗୁଡା ବସ୍ ଷ୍ଟାଣ୍ଡ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର ଯୋଗ ଦେଇଥିଲେ। ଗାନ୍ଧୀଙ୍କ ଆଦର୍ଶ ନୀତିରେ ସମସ୍ତେ ଚାଲିବା ପାଇଁ ଆହ୍ୱାନ ଦିଆଯାଇଛି। ପୌର ପରିଷଦ କର୍ମଚାରୀ, ବାଣିଜ୍ୟ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତିକୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ଝିଅ ପାଇଲେ ଓସିଏସ୍

ତେନ୍ତୁଳିଖୁଣ୍ଟି ୫ା୧୦ (ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପୂର୍ବତନ ସରପଞ୍ଚଙ୍କ ଝିଅ ପାଇଲେ ଓଏଏସ୍। ସୂଚନା ଅନୁଯାଇ ପୂର୍ବତନ ସରପଞ୍ଚ ସୁପ୍ରିୟା ସିଂଙ୍କ ଝିଅ ସାଇ ସୁଦ୍ଧା ସିଂ ଓଡିଶା ପ୍ରଶାସନିକ ସେବାରେ ସଫଳତା ପାଇଛନ୍ତି । ସେ ଇନ୍ଦ୍ରାବତୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପରେ ଖାତିଗୁଡା ଜବାହର ନବୋଦୟ ବିଦ୍ୟାଳୟ ଖାତିଗୁଡାରେ ଯୁକ୍ତ ଦୁଇ ଶିକ୍ଷା ଗ୍ରହଣ କରିଥିଲେ। ପରବର୍ତୀ ସମୟରେ ରାଜଧାନୀ ମହାବିଦ୍ୟାଳୟ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ଲାଭ କରି ଭ୍ରମର ବର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ଶିକ୍ଷକତାରୁ ସେ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ପାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ସୁଶ୍ରୀ ସାଇସୁଦ୍ଧାଙ୍କ ପିତା ଇଂ ଦଶରଥ ସିଂ ଇନ୍ଦ୍ରାବତୀ ପ୍ରକଳ୍ପ ରେ ସହକାରୀ



ଯନ୍ତ୍ରୀ ଭାବେ କାର୍ଯ୍ୟକରି ପରବର୍ତ୍ତୀ ସମୟରେ ସୁବର୍ଣ୍ଣରେଖା ପ୍ରକଳ୍ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି।

# କୋଟି କୋଟି ଟଙ୍କା ଠକେଇ ଅଭିଯୋଗ, ଜଣେ ଗିରଫ

ଦାମନଯୋଡି,୫ା୧୦(ସମିସ): ନାଲ୍‌କୋ ଅଁଳା ବାଡ଼ି କଲୋନିରେ ରହୁଥିବା ପ୍ୟାରିମୋହନ ନାୟକ (୫୨) ନାମକ ବ୍ୟକ୍ତି କୁ ଦାମନଯୋଡି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଖବର ରୁ ପ୍ରକାଶ ଯେ ଦୀର୍ଘ ଦିନ ହେବ ପ୍ୟାରିମୋହନ ନାଲକୋ ବିସ୍ଥାପିତ କୋଲନି ଅଁଳା ବାଡ଼ିରେ ପରିବାର ସହ ରହି ଘରୋଇ ଟ୍ୟୁସନ କରି ଚଳୁଥିଲା। ନାଲକୋ କର୍ମଚାରୀ ମାନେ ଅବସର ପରେ କୋଟି କୋଟି ଟଙ୍କା ପାଉଥିବା ଜାଣିବାକୁ ପାଇଥିଲା। ଲୋକଙ୍କ ଠାରୁ ସେହି ଟଙ୍କାକୁ କିପରି ହଡପ କରିହେବ ତାହାର ଯୋଜନା କରି ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେବା ଆରମ୍ଭ କଲା। ତାଙ୍କ ପୁଅ ବଡ଼ ବଡ଼ କମ୍ପାନୀ ରେ ଗାଡି ଟେଣ୍ଡର ପାଇଛି, ସେଥିରେ ଟଙ୍କା ବିନିଯୋଗ କଲେ ମାସିକ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଇବାର ପ୍ରଲୋଭନ ଦେଖାଇ ବିଭିନ୍ନ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣାପଡିଛି। ପ୍ରଥମେ ଲୋକମାନଙ୍କୁ କିଛି ମାସ ପର୍ଯ୍ୟନ୍ତ ଲାଭାଂଶ ଟଙ୍କା କହି ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ଟଙ୍କା ନ ଦେଇ ଲୋକ ମାନଙ୍କୁ ଭଣ୍ଡାଇ ଥିଲା। ଦୀର୍ଘ ଦିନର ନିରବତା ପରେ ଟଙ୍କା ଫେରି ନ ପାଇବାରୁ ଅଭିଯୁକ୍ତର ପଡୋଶୀ ବଳରାମ ନାୟକ ବାଧ ହୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲା। ଦାମନଯୋଡି ଥାନା ଆଇଆଇସି ପ୍ରମିଳା ବିଡିକା ଅଭିଯୋଗକୁ ଭିତି କରି ଥାନା କେସ ନମ୍ବର ୧୨୯/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଠକେଇ ରେ ବାପ ପୁଅଙ୍କ ବ୍ୟତୀତ ଅନ୍ୟ କିଛି ସମ୍ପୃକ୍ତ ଥିବା ପୁଲିସ ସନ୍ଦେହ କହିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ପ୍ରାୟ ୭ କୋଟି ଟଙ୍କା ଠକି ଥିବା ଜଣାପଡୁଥିବା ବେଳେ ଆହୁରି ଅଧିକ ଟଙ୍କା ଠକି ଥିବା ଅନୁମାନ କରାଯାଉଛି। ଠକାମିର ଶିକାର ହୋଇଥିବା ବ୍ୟକ୍ତି ବିଶେଷ ସ୍ୱଇଚ୍ଛା ରେ ପୂଲିସ କୁ ତଦନ୍ତ କରିବାରେ ସହଯୋଗ କଲେ ଅନେକ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଏହି ଘଟଣାରେରେ ବାପା ଗିରଫ ହୋଇଥିବା ବେଳେ ପୁଅ ଫେରାର ଥିବା ଜଣାପଡ଼ିଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୯ ● ପାଉଣ୍ଡ ୧୧୯.୮୬
- ୟୁରୋ ୧୦୪.୨୪ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)

- ସୁନା: ୧,୦୯,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୫୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୨୦୭.୦୦
- ନିଫ୍ଟି ୨୪,୮୯୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




### ବଢ଼ୁଛି ଧନୀ ଗରିବ ବ୍ୟବଧାନ

# ୧୬୮୭ ଜଣଙ୍କ ପାଖରେ ଦେଶର ଅଧା ସମ୍ପତ୍ତି

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ଦେଶରେ ଧନୀ ଏବଂ ଦାରିଦ୍ର୍ୟଙ୍କ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଉଛି। ୧୬୮୭ ଜଣଙ୍କ ଲୋକଙ୍କ ପାଖରେ ଦେଶର ଅଧା ସମ୍ପତ୍ତି ରହିଛି। ସରକାରଙ୍କ ଆର୍ଥିକ ନୀତି ଯୋଗୁଁ ଦେଶର ସମ୍ପତ୍ତି କିଛି ବଛା ବଛା ଲୋକଙ୍କ ମଧ୍ୟରେ କେନ୍ଦ୍ରିତ ହୋଇଛି। ଏହା ଆମ ଦେଶରେ ବ୍ୟାପକ ଆର୍ଥିକ ଅସମାନତା ସୃଷ୍ଟି କରିଛି। ଏହି ଅସମାନତା ବ୍ୟାପକ ସାମାଜିକ ଅସୁରକ୍ଷା ଏବଂ ଅସନ୍ତୋଷକୁ ଜନ୍ମ ଦେଉଛି। ହୁରୁନ୍ ଇଣ୍ଡିଆ ଧନୀ ତାଲିକାରେ ଚଳିତ ଥର ୧,୬୮୭ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି, ଯାହାଙ୍କ

## କଂଗ୍ରେସ ଆଣିଲା ଅଭିଯୋଗ

ସମ୍ପତ୍ତି ୧,୦୦୦ କୋଟିରୁ ଅଧିକ। ହୁରୁନ୍ ଇଣ୍ଡିଆ ଧନୀ ତାଲିକା ୨୦୨୫ରେ ଅନ୍ତର୍ଭୁକ୍ତ ଲୋକଙ୍କ ମୋଟ ସମ୍ପତ୍ତି ୧୬୭ ଲକ୍ଷ କୋଟି ବୋଲି ଆକଳନ କରାଯାଇଛି। ଏହା ଭାରତର ଜିଡିପିର ପ୍ରାୟ ଅଧା ସହିତ ସମାନ। ଏଥିରେ ୨୮୪ ଜଣ ନୂତନ ନାମ ସାମିଲ। ତାଲିକାରେ ମୁମ୍ବାଇରେ ସର୍ବାଧିକ ୪୫୧ ଜଣ କୋଟିପତି ଅଛନ୍ତି। ତାଲିକାରେ ଦିଲ୍ଲୀରୁ (୨୨୩) ଏବଂ ବେଙ୍ଗାଲୁରୁ (୧୧୬)ର ଧନୀ ଅଛନ୍ତି। ଆହୁରିମଧ୍ୟ ଏହି ତାଲିକାରେ ୧୦୧ ଜଣ ମହିଳାଙ୍କ ନାମ ମଧ୍ୟ ଅଛି। ହୁରୁନ୍ ରିପୋର୍ଟ ଅନୁଯାୟୀ, ଭାରତ ଗତ ଦୁଇ ବର୍ଷ ଧରି ପ୍ରତି ସପ୍ତାହରେ ଜଣେ କୋଟିପତି ସୃଷ୍ଟି କରିଛି। ତାଲିକାରେ ଥିବା ଲୋକମାନେ ପ୍ରତିଦିନ ନିଜ ନାମରେ ୧୯୯୧ କୋଟି ଟଙ୍କାର ସମ୍ପତ୍ତି ଯୋଡୁଛନ୍ତି। ଏହି ପ୍ରସଙ୍ଗରେ କଂଗ୍ରେସ ବଡ଼ ଅଭିଯୋଗ ଆଣିଛି।




କଂଗ୍ରେସ ମହାସଚିବ ଏବଂ ଯୋଗାଯୋଗ ପ୍ରଭାରୀ ଜୟରାମ ରମେଶ ‘ଏକ୍ସ’ ଉପରେ ଏକ ଗଣମାଧ୍ୟମ ରିପୋର୍ଟ ସେୟାର କରିଛନ୍ତି। ରିପୋର୍ଟରେ ଦାବି କରାଯାଇଛି ଯେ ଭାରତ କୋଟିପତିଙ୍କ ଏକ ନୂତନ କେନ୍ଦ୍ର ହେବାକୁ ଯାଉଛି ଏବଂ ଦେଶରେ ଧନୀ ଲୋକଙ୍କ ସଂଖ୍ୟା ବର୍ଷ ପରେ ବର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ‘ ଏକ୍ସ’ ଉପରେ ହିନ୍ଦୀରେ ଏକ ପୋଷ୍ଟରେ ରମେଶ କହିଛନ୍ତି, ପ୍ରତି ରିପୋର୍ଟ ପରେ ରିପୋର୍ଟ ଏକ ଚୟନିତ ଗୋଷ୍ଠୀରେ ଭାରତରେ ସମ୍ପତ୍ତିର କେନ୍ଦ୍ରୀକରଣ ବିଷୟରେ ଚେତାବନୀ ଦେଉଛି। ଲକ୍ଷ ଲକ୍ଷ ଭାରତୀୟ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାକୁ ସଂଘର୍ଷ କରୁଥିବା ବେଳେ, ଦେଶର ଅଧା ସମ୍ପତ୍ତିର ମାଲିକ ମାତ୍ର ୧୬୮୭ ଜଣ। ରମେଶ କହିଛନ୍ତି ଯେ ଏହି ସରକାର ଭାରତକୁ ସମାନ ରାସ୍ତାରେ ଠେଲି ଦେଉଛି। ସେ ଅଭିଯୋଗ କରିଛନ୍ତି, ଶକ୍ତି ସମ୍ପର୍କ ଯୋଗୁଁ କିଛି ଶିଳ୍ପପତି ଧନୀ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନୀତି ସମ୍ପୂର୍ଣ୍ଣ ଭାବରେ ତାଙ୍କର କିଛି ଶିଳ୍ପପତି ବନ୍ଧୁଙ୍କ ଲାଭ ଉପରେ କେନ୍ଦ୍ରିତ।» ରମେଶ ଦାବି କରିଛନ୍ତି ଯେ ଭାରତର ଅର୍ଥନୀତିର ମେରୁଦଣ୍ଡ, ଏମ୍ଏସ୍ଏମ୍ଇ କ୍ଷେତ୍ର ଅଭୂତପୂର୍ବ ଚାପରେ ଅଛି। ଏହି ଚାପ କେବଳ ଘରୋଇ ନୀତିର ପରିଣାମ ନୁହେଁ ବରଂ ବୈଦେଶିକ ନୀତି ମୋର୍ଚ୍ଚାରେ ସରକାରଙ୍କ ବିଫଳତାର ପରିଣାମ। ରମେଶ କହିଛନ୍ତି, “ସାଧାରଣ ଲୋକଙ୍କ ପାଇଁ ରୋଜଗାର ସୁଯୋଗ ସଙ୍କୁଚିତ ହେଉଛି। ମୁଦ୍ରାସ୍ଫୀତି ଏତେ ବୃଦ୍ଧି ପାଇଛି ଯେ ନିଯୁକ୍ତି ପାଇଥିବା ଲୋକମାନେ ମଧ୍ୟ ସଞ୍ଚୟ କରିବା ପରିବର୍ତ୍ତେ ଋଣ ଭାରରେ ବୁଡ଼ି ରହିଛନ୍ତି। ଶିକ୍ଷା ଏବଂ ସ୍ୱାସ୍ଥ୍ୟରେ ନିବେଶ କ୍ରମାଗତ ଭାବରେ ହ୍ରାସ ପାଉଛି, ଏବଂ ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକ ଦୁର୍ବଳ ହେଉଛି। ସେ କହିଛନ୍ତି ଯେ ଲକ୍ଷ ଲକ୍ଷ ଲୋକଙ୍କୁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ପ୍ରଦାନ କରୁଥିବା ମନରେଗା ଭଳି ସଫଳ ଯୋଜନାଗୁଡ଼ିକ ଏବେ ମଜୁରୀ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେ କହିଛନ୍ତି ଯେ ଶ୍ରମିକମାନେ ସମୟ ଅନୁଯାୟୀ ଦରମା ମଧ୍ୟ ପାଉନାହାଁନ୍ତି।

ଦେଶରେ ଆର୍ଥିକ ଅସମାନତା ବୃଦ୍ଧି ଗଣତନ୍ତ୍ରର ଆତ୍ମା ଉପରେ ଏକ ସିଧାସଳଖ ଆକ୍ରମଣ। ରମେଶ କହିଛନ୍ତି, “ଦେଶରେ ବୃଦ୍ଧି ପାଉଥିବା ଆର୍ଥିକ ବ୍ୟବଧାନ କେବଳ ଅର୍ଥନୀତି ପାଇଁ ଏକ ସମସ୍ୟା ନୁହେଁ ବରଂ ଗଣତନ୍ତ୍ରର ଆତ୍ମା ଉପରେ ଏକ ସିଧାସଳଖ ଆକ୍ରମଣ। ଯେତେବେଳେ ଆର୍ଥିକ ଶକ୍ତି ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରିତ ହୁଏ, ରାଜନୈତିକ ନିଷ୍ପତ୍ତି ମଧ୍ୟ ସେମାନଙ୍କ ପକ୍ଷରେ ଆସିବା ଆରମ୍ଭ କରି ସେ କହିଛନ୍ତି ଯେ ଏହା ସାମାଜିକ ଏବଂ ଆର୍ଥିକ ଅସମାନତା ବୃଦ୍ଧି କରୁଛି।

■ ବଢ଼ୁଛି ବୈଶ୍ୱିକ ଉତ୍ତେଜନା

## ଦୀପାବଳି ସୁଦ୍ଧା ସୁନା ଦେଢ଼ ଲକ୍ଷ ଛୁଇଁବ

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ଗତ କିଛି ବର୍ଷ ମଧ୍ୟରେ ଦେଶରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି, ଯାହା ନିଫ୍ଟି ସୂଚକାଙ୍କ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ପଛରେ ପକାଇଦେଇଛି। ଏହି ବୃଦ୍ଧି ଅନେକ କାରଣ ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତ୍ୟଧିକ କ୍ରୟ, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ଅନିଶ୍ଚିତତା, ଡଲାର ସୂଚକାଙ୍କ ଦୁର୍ବଳ ହେବା,



**ସପ୍ତାହରେ ମୂଲ୍ୟ ୩୯୨୦ ବୃଦ୍ଧି**

ଆର୍ଥିକ ମାନ୍ଦାବସ୍ଥାର ଭୟ ଏବଂ ଇଟିଏଫ୍‌ରେ ଦୃଢ଼ ନିବେଶ ପ୍ରବାହ ଅନ୍ତର୍ଭୁକ୍ତ। ଆସନ୍ତା ଦିପାବଳୀ ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ଦେଢ଼ ଲକ୍ଷ ଛୁଇଁବା ନେଇ ଆକଳନ କରାଯାଇଛି। ମାତ୍ର ସପ୍ତାହରେଦେଶରେ ସୁନା ମୂଲ୍ୟ ୩୯୨୦ ଟଙ୍କା ବୃଦ୍ଧି ପାଇଛି।

## ଲେଜର ପାୱାର ଆଣ୍ଡ ଇନ୍‌ଫ୍ରା ଆଣିବ ୧୨୦୦ କୋଟିର ଆଇପିଓ

ମୁମ୍ବଇ,୫।୧୦(ଏଜେନ୍ସି): ବିଦ୍ୟୁତ୍ ତାର, କଣ୍ଡକ୍ଟର ଏବଂ ବିଦ୍ୟୁତ୍ ବଣ୍ଟନ ଓ ସଞ୍ଚାରଣ ପାଇଁ ଉପାଦାନ ଉତ୍ପାଦନ କରୁଥିବା କୋଲକାତାର ଅଗ୍ରଣୀ ସଂସ୍ଥା ଲେଜର ପାୱାର ଆଣ୍ଡ ଇନ୍‌ଫ୍ରା ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ୧୨୦୦ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଡିଆର୍‌ଏଚ୍‌ପି ଅନୁସାରେ ପ୍ରସ୍ତାବିତ ଆଇପିଓରେ ୮୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ରେ ପ୍ରତିଷ୍ଠାତା ଅଂଶଧନକାରୀମାନେ ୪୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନୀର ପ୍ରତିଷ୍ଠାତାମାନେ ହେଉଛନ୍ତି ଦୀପକ ଗୋୟଲ, ଅକ୍ଷତ ଗୋୟଲ, ଦେବେଶ ଗୋୟଲ ଓ ରାକ୍ଷୀ ଗୋୟଲ। ଅଫର ଫର୍ ସେଲ୍‌ରେ ଦୀପକ, ରାକ୍ଷୀ ଓ ଦେବେଶ ଯଥାକ୍ରମେ ୨୨୫ କୋଟି ଟଙ୍କା, ୫୦ କୋଟି ଟଙ୍କା ଓ ୧୨୫ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ।

## ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ ସାମୁଦ୍ରିକ ଖାଦ୍ୟ ବ୍ରାଣ୍ଡ “ଆକ୍ୱା ଫେୟାର”

ଭୁବନେଶ୍ୱର,୫।୧୦(ସମିସ): ନିକଟରେ ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ ବାଲେଶ୍ୱରର ହାଇଲ୍ୟାଣ୍ଡ ଗ୍ରୁପ ଓ ବିଶ୍ୱ ଖୁଚୁରା ବ୍ୟବସାୟର ଅନ୍ୟତମ ଅଗ୍ରଣୀ ଲୁଲୁ ଗ୍ରୁପ ସହଭାଗୀତାରେ ଏକ ସ୍ୱତନ୍ତ୍ର ସାମୁଦ୍ରିକ ଖାଦ୍ୟ ବ୍ରାଣ୍ଡ ‘ଆକ୍ୱା ଫେୟାର’ ର ଶୁଭାରମ୍ଭ କରାଯାଇଛି। ଏଥି ସହିତ ମଧ୍ୟପ୍ରାଚ୍ୟରେ ଥିବା ଲୁଲୁ ଗ୍ରୁପର ମଲ୍ ଗୁଡ଼ିକୁ ମଧ୍ୟ ପ୍ରଥମ ଥର ପାଇଁ ଏହି ପ୍ରିମିୟମ୍ ବ୍ରାଣ୍ଡ ଚିଙ୍ଗୁଡ଼ିକୁ ପ୍ରେରଣ କରାଯାଇଛି। ଯାହାକି ଭାରତର ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଉଚ୍ଚମାନର ଜଳ କୃଷିଜାତ ଖାଦ୍ୟ ଉତ୍ପାଦନ କରୁଥିବା ରାଜ୍ୟ ଭିତରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ଏଥିରେ ଲୁଲୁ ଗ୍ରୁପର ଅଧ୍ୟକ୍ଷ ଏମ୍.ଏ. ୟୁସୁଫ ଅଲ୍ଲି କହିଛନ୍ତି, ମଧ୍ୟପ୍ରାଚ୍ୟ ଏବଂ ଭାରତୀୟ ଗ୍ରାହକମାନଙ୍କୁ ସ୍ଥାୟୀ ଭାବରେ ସାମୁଦ୍ରିକ ଖାଦ୍ୟ ଯୋଗାଇବା ଆମର ଲକ୍ଷ୍ୟ। ସେହିଭଳି ହାଇଲାଣ୍ଡ ଗ୍ରୁପର ଚେୟାରମେନ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ‘ଆକ୍ୱା ଫେୟାର’ର ଶୁଭାରମ୍ଭ ଏବଂ ଏହି ପ୍ରିମିୟମ୍ ଚିଙ୍ଗୁଡ଼ିର ମଧ୍ୟପ୍ରାଚ୍ୟ ଲୁଲୁ ମଲ୍ ଗୁଡିକୁ ପ୍ରଥମ ରପ୍ତାନୀ, ହାଇଲ୍ୟାଣ୍ଡ ସହିତ ରାଜ୍ୟର ସଫଳତାରେ ଏକ ମାଇଲଖୁଣ୍ଟ ସଦୃଶ ଓ ଲୁଲୁ ଗ୍ରୁପ ସହିତ ଏହି ସହଭାଗୀତା ବିଶ୍ୱ ବଜାରରେ ସର୍ବୋତ୍ତମ ଭାରତୀୟ ସାମୁଦ୍ରିକ ଖାଦ୍ୟ ପହଞ୍ଚାଇବାରେ ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ।





## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଇବର ସିକ୍ୟୁରିଟି ପରିଚାଳନା ଉପରେ ଏମ୍‌ଟେକ୍ ପାଠ୍ୟକ୍ରମ

ଭୁବନେଶ୍ୱର, ୫।୧୦(ସମିସ): ବଢୁଥିବା ସାଇବର ବିପଦ ବିରୁଦ୍ଧରେ ପ୍ରତିରକ୍ଷା ପାଇଁ ଭାରତର କ୍ଷମତାକୁ ସୁଦୃଢ଼ କରିବା ପାଇଁ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍ଏସ୍ୟୁ) ଭାରତର ସବୁଠାରୁ ସମ୍ମାନିତ ସାଇବରସିକ୍ୟୁରିଟି ପରାମର୍ଶଦାତା ସଂସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ସିକ୍ୟୁରଆଇଜ୍ ସହିତ ସହ-ଡିଜାଇନ୍ କରାଯାଇଥିବା ସାଇବରସିକ୍ୟୁରିଟି ଏବଂ ଘଟଣା ପରିଚାଳନାରେ ପ୍ରଥମ ପ୍ରକାରର ଏମଟେକ୍ ଆରମ୍ଭ କରିବାର ଘୋଷଣା କରିଛି। ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦ ସହିତ ସଂଯୁକ୍ତ ଏହି କାର୍ଯ୍ୟକ୍ରମ, ଶୈକ୍ଷିକ ଗଭୀରତା ଏବଂ ବାସ୍ତବ-ବିଶ୍ୱ ଶିଳ୍ପ ତାଲିମର ଏକ ଶକ୍ତିଶାଳୀ ମିଶ୍ରଣ ପ୍ରଦାନ କରେ, ଏହାକୁ ଏହି କ୍ଷେତ୍ରରେ ସବୁଠାରୁ ଭବିଷ୍ୟତ-ସମ୍ପନ୍ନ ପ୍ରସ୍ତାବ ମଧ୍ୟରୁ ଗୋଟିଏ କରିଥାଏ। ଭାରତ ଏବଂ ବିଶ୍ୱବ୍ୟାପୀ ବିଭିନ୍ନ କ୍ଷେତ୍ରରେ ସାଇବର ସୁରକ୍ଷା ଏକ ରଣନୈତିକ ଆବଶ୍ୟକତା ଭାବରେ ଉଭା ହୋଇଛି। ଏହି କାର୍ଯ୍ୟକ୍ରମ ବାସ୍ତବ-ବିଶ୍ୱ, ହାତ-ଅନ୍ ଅଭିଜ୍ଞତା ପ୍ରଦାନ କରେ। ଏହା ନିଶ୍ଚିତ କରେ ଯେ ଛାତ୍ରଛାତ୍ରୀମାନେ ଘଟଣା ପ୍ରତିକ୍ରିୟା ଦଳଗୁଡ଼ିକର ନେତୃତ୍ୱ ନେବା, ବିପଦର ମୂଲ୍ୟାଙ୍କନ କରିବା ଏବଂ ଡିଜିଟାଲ୍ ଭାରତକୁ ସୁରକ୍ଷିତ କରିବାରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପ୍ରସ୍ତୁତ ଥିବା ସିକ୍ୟୁରଆଇଜ୍‌ର ମୁଖ୍ୟ ବ୍ୟବସାୟ ପରିଚାଳନା ସୁଶ୍ରୀ ଉମା ପେଣ୍ଡ୍ୟାଲା କହିଛନ୍ତି।

## ନୂଆ ଇଭି ବାଇକ୍ ‘ମ୍ୟାଟର୍ ଏରା’

ଭୁବନେଶ୍ୱର, ୫।୧୦(ସମିସ): ଇଭି ନିର୍ମାତା ମ୍ୟାଟର୍ ପକ୍ଷରୁ ଭୁବନେଶ୍ୱରରେ ତାହାର ନୂତନ ଏକ୍ସପେରିଏନ୍ସ ହବ୍‌ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଇଭି ବାଇକ୍ ‘ମ୍ୟାଟର୍ ଏରା’ର ବଜାର ପ୍ରବେଶ କରାଯାଇଥିଲା। ମ୍ୟାଟରର ଫାଉଣ୍ଡର ଓ ଗ୍ରୁପ୍ ସିଇଓ ମୋହାଲ ଲାଲଭାଇ, ଫାଉଣ୍ଡର ଓ ଗ୍ରୁପ୍ ସିଟିଓ, ମ୍ୟାଟର ପ୍ରସାଦ ଟେଲିକେପାଲ୍ଲି ଏବଂ ଡିଲର ପ୍ରିନ୍‌ସିପାଲ ନିଶୀଥ ରଞ୍ଜନ ନନ୍ଦ ଉପସ୍ଥିତ ଥିଲେ। ମ୍ୟାଟର ଏକ୍ସପେରିଏନ୍ସ ହବ୍- ଭୁବନେଶ୍ୱର ଜାଗମରାସ୍ଥିତ ନରେନ୍ଦ୍ର ଗାର୍ଡେନ ନିକଟରେ ଅବସ୍ଥିତ। ଏହା ଅତ୍ୟାଧୁନିକ ଲକ୍ଷ୍ୟସ୍ଥଳ ହୋଇଛି, ଯେଉଁଠାରେ ଚାଳକମାନେ ମ୍ୟାଟର୍‌ର ସର୍ବାଧୁନିକ ଯୁଗର ଇଭି ପ୍ରଯୁକ୍ତିସମୂହ ସମ୍ପର୍କରେ ଅନୁଧ୍ୟାନ କରିପାରିବେ। ଏରା ହେଉଛି ଭାରତର ପ୍ରଥମ ଗିୟରଥିବା ଇଲେକ୍ଟ୍ରିକ ମୋଟରବାଇକ୍। ‘ମ୍ୟାଟର୍ ଏରା’ରେ ୫୦୦୦+ ବିଶ୍ୱର ପ୍ରଥମ ନିର୍ମିତ ଗିୟର ବିଶିଷ୍ଟ ଇଲେକ୍ଟ୍ରିକ ମୋଟରବାଇକ ଏବଂ ମ୍ୟାଟର୍‌ର ଅଗ୍ରଣୀ ନବସୃଜନ।



# ବ୍ୟାଙ୍କରେ ପଡିରହିଛି ୧.୮୪ ଲକ୍ଷ କୋଟିର ଦାବିଦାର ନ ଥିବା ଜମା ରାଶି

ନୂଆଦିଲ୍ଲୀ,୫।୧୦(ଏଜେନ୍ସି): ଦେଶର ବ୍ୟାଙ୍କଗୁଡିକରେ ସମ୍ପ୍ରତି ଦାବିଦାର ନ ଥିବା ଜମା ରାଶି ପରିମାଣରେ ବୃଦ୍ଧି ଘଟିଛି। ବର୍ତ୍ତମାନ ଏହି ଅର୍ଥ ରାଶି ପରିମାଣ ୧.୮୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଲାଣି। ବର୍ତ୍ତମାନ ଲୋକମାନେ କିଭଳି ଏହି ଅର୍ଥ ରାଶି ଫେରିପାଇବେ ସେଥିପାଇଁ ସରକାର ଅଭିଯାନ ଆରମ୍ଭ କରିଛନ୍ତି , ଯାହା ଲୋକମାନଙ୍କୁ ଦାବିଦାର ନ ଥିବା ଆର୍ଥିକ ସମ୍ପତ୍ତି ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ। ଏହି ଅଭିଯାନ ଡିସେମ୍ବର ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି ଚାଲିବ। ଏହାଦ୍ୱାରା ଲୋକମାନଙ୍କୁ ପୁରୁଣା ବ୍ୟାଙ୍କ ଆକାଉଣ୍ଟ, ସେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ଫସି ରହିଥିବା ୧.୮୪ ଲକ୍ଷ କୋଟି ଟଙ୍କା ସହଜରେ ଫେରିପାଇବାରେ ସାହାଯ୍ୟ କରିବ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ‘ଆପଣଙ୍କର ପୁଞ୍ଜି, ଆପଣଙ୍କ ଅଧିକାର’ ଶୀର୍ଷକ ଏକ ସଚେତନତା

### ଅଭିଯାନ ଆରମ୍ଭ କଲେ ସରକାର

ଅଭିଯାନ ଆରମ୍ଭ କରିଛନ୍ତି। ଯଦି ଆପଣ କିମ୍ବା ଆପଣଙ୍କ ପରିବାରର କୌଣସି ବ୍ୟକ୍ତିଙ୍କ ଆକାଉଣ୍ଟରେ ଦାବିଦାର ନଥିବା ଟଙ୍କା ଜମା ହୋଇଛି, ତେବେ ଦାବିଦାର ନ ଥିବା ଟଙ୍କାକୁ “ଦାବୀଦର ନ ଥିବା” ଆକାଉଣ୍ଟ ଭାବେ ଘୋଷଣା କରାଯାଇପାରେ। ଭାରତୀୟ ବ୍ୟାଙ୍କଗୁଡ଼ିକ ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଭାରତୀୟ ରିଜର୍ଭ ବ୍ୟାଙ୍କରେ ମୋଟ ୬୭,୦୦୦ କୋଟି ଟଙ୍କାରୁ ଅଧିକ ଅଣଦାବିଦାର ଜମା ରାଶି ରହିଛି। ଏହି ତଥ୍ୟ ଜୁଲାଇ ୨୮ରେ ସଂସଦରେ ଉପସ୍ଥାପିତ ହୋଇଥିଲା। ବର୍ତ୍ତମାନ, ପୁରୁଣା ବ୍ୟାଙ୍କ ଆକାଉଣ୍ଟ, ସେୟାର ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ଫସି ରହିଥିବା ୧.୮୪ ଲକ୍ଷ କୋଟି ଟଙ୍କା ବିଷୟରେ ସୂଚନା ସାମ୍ନାକୁ ଆସିଛି। ବ୍ୟାଙ୍କ ମ୍ୟୁଚୁଆଲ୍ ଫଣ୍ଡରେ ଫସି ରହିଥିବା କୋଟି କୋଟି ଟଙ୍କା ଫେରି ପାଇବାରେ ଲୋକମାନେ ପ୍ରାୟତଃ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଯେତେବେଳେ କି ପୁରୁଣା ଷ୍ଟକ୍‌ରୁ ଟଙ୍କା ଫେରି ପାଇବା ମଧ୍ୟ କଷ୍ଟକର। ଏବେ ଅର୍ଥମନ୍ତ୍ରୀଙ୍କ ଏହି ଅଭିଯାନ ଲୋକଙ୍କୁ ଆଶ୍ୱସ୍ତି ଦେବ। ଏହି ଅଭିଯାନ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ଦ୍ୱାରା ପରିଚାଳିତ ହେବ, ଯାହା ଲୋକମାନଙ୍କୁ ସେମାନଙ୍କର ଦାବି ନ ଥିବା ପାଣ୍ଠି ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ। ଅକ୍ଟୋବର ୪ ତାରିଖରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବ।




## ଏସ୍ଏସ୍‌ବି ଅଧ୍ୟାପକ ଆଶାୟୀଙ୍କ ଆମରଣ ଅନଶନ



ଭୁବନେଶ୍ୱର, ୫।୧୦(ସମିସ): ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ୨୦୨୪ ମାର୍ଚ୍ଚ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦେଢ଼ ବର୍ଷ ପରେ ମଧ୍ୟ ପରୀକ୍ଷା ହୋଇ ପାରୁନି। ଦୀର୍ଘ ଦିନ ଧରି ଚାକିରି ଖଣ୍ଡେ ପାଇଁ ପ୍ରସ୍ତୁତି କରିବା ପରେ ପରୀକ୍ଷା ହେଉ ନ ଥିବାରୁ ଆଶାୟୀ ପ୍ରାର୍ଥୀମାନେ କର ବା ମର ଡାକରା ଦେଇଛନ୍ତି। ସେମାନଙ୍କ ଦାବି ନ ଶୁଣିବା ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ରୋକେଠୋକ୍ ଶୁଣାଇବା ସହ ଆମରଣ ଅନଶନ ଆରମ୍ଭ କରିଛନ୍ତି।

- କୋର୍ଟରେ ପକ୍ଷ ରଖୁନାହାନ୍ତି ଆଡଭୋକେଟ୍ ଜେନେରାଲ୍
- ଦେଢ଼ବର୍ଷ ହେଲା ହେଇପାରୁନି ନିଯୁକ୍ତି ପରୀକ୍ଷା

ରାଜ୍ୟର ଏସ୍ଏସ୍‌ବି ଅଧ୍ୟାପକ ପାଇଁ ପ୍ରାୟ ୮୫ହଜାର ଆଶାୟୀ ରହିଛନ୍ତି। ପାଖାପାଖି ଦୁଇ ବର୍ଷରୁ ଅଧିକ ସମୟ ହେଲା ସେମାନେ ପାଠ ପଢୁଥିଲେ ମଧ୍ୟ ନିଯୁକ୍ତି ପରୀକ୍ଷା ହେଉନାହିଁ। ମାମଲା କୋର୍ଟରେ ବିଚାରଧୀନ ଥିବା ଦର୍ଶାଇ ସରକାର ଧରାଛୁଆଁ ଦେଉ ନାହାନ୍ତି। ହେଲେ କୋର୍ଟରେ ଶୁଣାଣୀବେଳେ ଏଜି ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣୀ ହୋଇପାରୁ ନଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏଣୁ ଆସନ୍ତା ୯ ତାରିଖରେ ହେବାକୁ ଥିବା ଶୁଣାଣୀବେଳେ ଏଜି ଉପସ୍ଥିତ ରହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଅନଶନରେ ବସିଥିବା ଆଶାୟୀ ପ୍ରାର୍ଥୀ ପରମେଶ୍ୱର ବଳ ଦାବି କରିଛନ୍ତି। ସେହିପରି ଡିସେମ୍ବର ମଧ୍ୟରେ ପରୀକ୍ଷା କରିବା ଓ ପୂର୍ବ ନିୟମ ଅନୁସାରେ ପରୀକ୍ଷା ପରିଚାଳନା କରିବା, ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରେ ଅତିଥି ଅଧ୍ୟାପକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ନିୟମିତ ନିଯୁକ୍ତି କରିବା ଏବଂ ପ୍ରତିବର୍ଷ ନିଯୁକ୍ତି ବାହାର କରି ସମୟପୋଯୋଗୀ ନିଯୁକ୍ତି ପ୍ରଦାନ କରିବା ପରି ୬ଦଫା ଦାବି ରଖିଛନ୍ତି। ସେମାନଙ୍କ ଦାବି ସମ୍ପର୍କରେ ନିଜେ ମୁଖ୍ୟମନ୍ତ୍ରୀ ଅବଗତ ହୋଇ ସମାଧାନ ନ କରିବା ପର୍ଯ୍ୟନ୍ତ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟଥା ମରିଗଲେ ମଧ୍ୟ ପଛକୁ ହଟିବେ ନାହିଁ ବୋଲି ଆଶାୟୀ ପରମେଶ୍ୱର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟଙ୍କ ସାହୁ, ଅଭୟ ବିଶ୍ୱାଳ, ନିଶିତା ବିଶ୍ୱାଳ, ପ୍ରୀତି ପ୍ରିୟଦର୍ଶିନୀ ଦାଶ ପ୍ରମୁଖ ଅନଶନରେ ସାମିଲ୍ ହୋଇଥିବାବେଳେ ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ରଙ୍କ ସମେତ ବହୁ ଛାତ୍ର ପ୍ରତିନିଧି ସେମାନଙ୍କ ସହ ଅନଶନ ସ୍ଥଳରେ ଆଲୋଚନା କରିଛନ୍ତି।

### ଶ୍ରୀମଦ୍ ଭାଗବତ ମହୋତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପ୍ରତ୍ୟେକ ଗାଁ ଭାଗବତ ଟୁଙ୍ଗିର ହେବ ପୁନରୁଦ୍ଧାର

ଭୁବନେଶ୍ୱର,୫।୧୦(ସମିସ): ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ରବିବାର ଭୁବନେଶ୍ୱରର କଟକ ରୋଡ୍‌ସ୍ଥିତ ତେରାପନ୍ଥ ଭବନଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗାଁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁବବର୍ଗ ଆଜିର ସମାଜର ସମସ୍ତ ବିକାଶରେ ମୁଖ୍ୟ ଭୂମିକା ନିଭାଇଥାନ୍ତି। ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧ୍ୟମ। ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର ଅମୂଲ୍ୟ ଶିକ୍ଷା ସହିତ ଜନସାଧାରଣଙ୍କୁ ଭଗବତ କାର୍ଯ୍ୟରେ ସଂପୃକ୍ତ କରେ । ସେହି ଦୃଷ୍ଟିରୁ ଏହି ମହୋତ୍ସବ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମଦ୍ ଭାଗବତ ଗ୍ରନ୍ଥର ମହତ୍ୱ ପାଞ୍ଚଗୋଟି ମୂଳତତ୍ତ୍ୱ ଯଥା, ଇଶ୍ୱର, ଜୀବ, ପ୍ରକୃତି, କାଳ, ସମୟ ଏବଂ କର୍ମକୁ ନେଇ ଏ ବିଶ୍ୱ ସଞ୍ଚାଳିତ। ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ୍ ଭାଗବତ ଶୁଣିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା ରହିଥାଏ। ସମସ୍ତେ ପ୍ରତ୍ୟହ ଭାଗବତ ପାଠ କରି ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।




ପଦ୍ମଶ୍ରୀ ବାବା ବଳିଆ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତାର କାର୍ଯ୍ୟକାରିତା ନିଖୁଣ ଭାବେ ସମ୍ପାଦନ କରୁଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ସମୟରେ ଶ୍ରୀମଦ୍ ଭାଗବତର ତତ୍ତ୍ୱକୁ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମିତିର ପୂର୍ବ ପ୍ରାନ୍ତ ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଧର୍ମ ଜାଗରଣ ସମିତିର ସଂଯୋଜକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଧନ୍ୟବାଦ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଲାଗିପାରେ। ଯୋଗ ଏବଂ ପ୍ରାଣାୟାମ କରନ୍ତୁ। ବ୍ୟବସାୟକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ କରନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ପେଟଜନିତ ସମସ୍ୟା ଦେଖାଦେବ। ଉଧାର ଧନ ଫେରିପାଇବେ।

**ସିଂହ:** ଆଶା କରିଥିବା ବିଗନ୍ତୁ ନିରାଶ ହୋଇପାରନ୍ତି। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଧନଧାନ୍ୟ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।
- ୧୯୯୯- ସଂଯୁକ୍ତ ରାଷ୍ଟ୍ର ନିରସ୍ତ୍ରୀକରଣ ସମ୍ମିଳନୀ ଭିଏନାରେ ଆରମ୍ଭ ହେଲା।

# ସ୍ୱାସ୍ଥ୍ୟ ଖରାପ କରୁଛି ହ୍ୟାଣ୍ଡ ଡ୍ରାୟର



ସାଧାରଣତଃ ହାତ ଧୋଇବା ପରେ ଏହାକୁ ପୋଛି ଶୁଖାଇବା ପାଇଁ ଲୋକେ ପେପର୍ ଟାୱେଲ, ରୁମାଲ, ଟିସୁ ଆଦି ବ୍ୟବହାର କରନ୍ତି। ହେଲେ ଆଜିକାଲି ଅନେକ ଶୌଚାଳୟରେ ହାତକୁ ଶୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଉଛି। ହାତକୁ ଶୁଖାଇବା ପାଇଁ ଏହା ବେଶ୍ ସୁବିଧା ଉପାୟ ବୋଲି ଲୋକେ ଭାବୁଛନ୍ତି। ହେଲେ ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ହ୍ୟାଣ୍ଡ ଡ୍ରାୟର ଆଦୌ ସୁରକ୍ଷିତ ନୁହେଁ। ବାୟୋଲୋଜିଷ୍ଟ ଡା. ଲାରା ଗୋଞ୍ଜାଲେଜ୍ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହ୍ୟାଣ୍ଡ ଡ୍ରାୟରର ବିପଦ ସମ୍ପର୍କରେ ଲୋକଙ୍କୁ ଚେତାଇଛନ୍ତି। ଶୌଚାଳୟରେ ପୂର୍ବରୁ ହିଁ ଜୀବାଣୁ ଏବଂ ଭୂତାଣୁ ଆଦି ଥାନ୍ତି। ଯେତେବେଳେ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଏ, ଏହା ଟଏଲେଟ୍‌ରୁ ବାହାରୁଥିବା ମାଇକ୍ରୋଅର୍ଗାନିଜମ୍‌କୁ ଟାଣିଥାଏ। ଫଳରେ ଏହା ସିଧାସଳଖ ହାତକୁ ଆସେ। ସେହିପରି ଏହା କେବଳ ହାତକୁ ନୁହେଁ, ବରଂ ପୂରା ଶୌଚାଳୟକୁ ଅପରିଷ୍କାର କରିଥାଏ। ଅନ୍ୟପଟେ ଅଧିକ ପବନ ଯୁକ୍ତ ଜେଟ୍ ଡ୍ରାୟର ଏହି ବିପଦକୁ ଆହୁରି ବଢ଼ାଇ ଦିଏ। କାରଣ ଏହି ଦୂଷିତ କଣିକା, ହାତ, ପୋଷାକ ଏବଂ ଆଖପାଖ ଜିନିଷରେ ବ୍ୟାପିଯାଏ। ଏହାଦ୍ୱାରା ଡ୍ରାୟର ବ୍ୟବହାର କରୁଥିବା ଲୋକେ ଜୀବାଣୁର ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି। ଏହି ଡ୍ରାୟର ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ବିପଜ୍ଜନକ କାରଣ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ହୋଇଥିବାରୁ ଏଥିରୁ ସେମାନଙ୍କୁ ସଂକ୍ରମଣ ହେବା ଆଶଙ୍କା ଅଧିକ ଥାଏ। ସେହିପରି ଏହାକୁ ମଧୁମେହ, କର୍କଟ କିମ୍ବା ଅନ୍ୟ ରୋଗରେ ପୀଡ଼ିତ ଲୋକେ ବ୍ୟବହାର କରିବା ଅନୁଚିତ। କାରଣ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ। ଏହାବାଦ୍ ଫୁଡ୍ ଇଣ୍ଡଷ୍ଟ୍ରି, ହସ୍ପିଟାଲ ଏବଂ କ୍ଲିନିକ୍‌ରେ କାମ କରୁଥିବା ଲୋକେ ମଧ୍ୟ ଏହାଦ୍ୱାରା ଶୀଘ୍ର ସଂକ୍ରମିତ ହେବା ଆଶଙ୍କା ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଶୁଖାଇବା ପାଇଁ ପେପର ଟାୱେଲ ସବୁଠୁ ସୁରକ୍ଷିତ। କାରଣ ଏହା ଶୀଘ୍ର ହାତର ଆର୍ଦ୍ରତାକୁ ଶୋଷି ନିଏ। ସବୁଠୁ ବଡ଼ କଥା ହେଲା, ଏହାଦ୍ୱାରା ଜୀବାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିବା ଆଶଙ୍କା କମ୍ ଥାଏ।

## ହିମାଚଳର ନିଆରା ପରମ୍ପରା

# ବିନା ବରରେ ବିବାହ



ବିବାହକୁ ନେଇ ଆମ ଦେଶରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି, ପ୍ରଥା, ପରମ୍ପରା ଦେଖିବାକୁ ମିଳିଥାଏ। ଏହି କ୍ରମରେ ହିମାଚଳ ପ୍ରଦେଶରେ ମଧ୍ୟ ବିବାହକୁ ନେଇ ଏକ ନିଆରା ପରମ୍ପରା ପ୍ରଚଳିତ। ଖଞ୍ଜର ବିବାହ ନାମରେ ପରିଚିତ ଏହି ପରମ୍ପରା ହିମାଚଳ ପ୍ରଦେଶର କୁଲ୍ଲୁ, ଶିମ୍ଲା, କିନ୍ନୌର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହି ପରମ୍ପରା ଅନୁଯାୟୀ, ବିବାହ ପାଇଁ ବର, କନିଆ ଘରକୁ ଯାଇ ନ ଥାଏ। ବର ବଦଳରେ ଛୁରୀ ବରଯାତ୍ରୀ ସହ କନିଆ ଘରକୁ ଯାଇଥାଏ। ଏହି ଛୁରୀକୁ ବରର ପ୍ରତୀକ ଭାବେ ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବିବାହ ସମୟରେ ବର ଘରୁ ମଧ୍ୟ ବାହାରି ନ ଥାଏ। ଅନ୍ୟ ବିବାହ ଭଳି ଏଥିରେ ରୋଷଣି, ନୃତ୍ୟ, ଗୀତର ଆସର ଦେଖିବାକୁ ମିଳେନାହିଁ। ବରପକ୍ଷରୁ ୫, ୭ କିମ୍ବା ୧୧ ଜଣ କନିଆ ଘରକୁ ଯାଇଥାନ୍ତି। ଏହି ଦଳର ନେତୃତ୍ୱ ବରର ବଡ଼ ଭାଇ କିମ୍ବା କେହି ନିକଟ ସମ୍ପର୍କୀୟ ନେଇଥାନ୍ତି। ବରର ପ୍ରତୀକାତ୍ମକ ଭାବେ ସେହି ଛୁରୀଟି ସେ ସଙ୍ଗରେ ନେଇଥାନ୍ତି। ବର, ବଦଳରେ ଛୁରୀରେ ବିବାହର ସମସ୍ତ ରୀତିନୀତି କରାଯାଇଥାଏ। କନିଆ ଘରେ ହଳଦୀ, ମେହେନ୍ଦୀ ବିଭିନ୍ନ ପରମ୍ପରା ଛୁରୀ ସାହାଯ୍ୟରେ କରାଯାଇଥାଏ। ସମସ୍ତ ରୀତିନୀତି ପୂର୍ଣ୍ଣ ହେବା ପରେ, ଛୁରୀକୁ ସାଥିରେ ନେଇ କନିଆ ବର ଘରକୁ ଯାଇଥାଏ। ସେଠାରେ ସେ ପ୍ରଥମ କରି ବରକୁ ଦେଖେ। ବାହାଘରର ଶେଷ ରୀତିନୀତିଗୁଡ଼ିକ ବର ଘରେ କରାଯାଏ। ବର ଛୁରୀ ନେଇ କନିଆ ମଥାରେ ସିନ୍ଦୂର ଦିଏ। କୁହାଯାଏ, ଏହି ପରମ୍ପରା ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା। ହିମାଚଳ ପ୍ରଦେଶ ଭଳି ପାହାଡ଼ିଆ ଅଞ୍ଚଳରେ ଭୋଜିଭାତ, ଭବ୍ୟ ରୋଷଣି ଆଦି କରିବା କଠିନ ଓ ବ୍ୟୟ ବହୁଳ ହୋଇଥାଏ। ତେଣୁ କନିଆ ଘର ଉପରେ ଆର୍ଥିକ ବୋଝ ନ ପଡ଼ିବା ପାଇଁ ଏହି ପରମ୍ପରାର ଆରମ୍ଭ କରାଯାଇଥିଲା। ସେହିଭଳି ଏଠାରେ ପ୍ରଚଳିତ ଆଉ କିଛି ଲୋକକଥା ଅନୁସାରେ, ହିମାଚଳର ଘାଟି ଅଞ୍ଚଳରେ ବର ବିବାହ ପାଇଁ କନିଆ ଘରକୁ ଯିବାକୁ ଲୋକେ ସୁରକ୍ଷିତ ମନେ କରୁ ନ ଥିଲେ। ସେଥିପାଇଁ ଏଭଳି ଏକ ପ୍ରଥାର ଆରମ୍ଭ କରାଯାଇଥିବା କୁହାଯାଏ। ସେହିପରି ଏଠାରେ ପ୍ରଚଳିତ ଅନ୍ୟ ଲୋକକଥା ଅନୁସାରେ, ଛୁରୀକୁ କନିଆର ରକ୍ଷକ କୁହାଯାଏ। ଏହା କନିଆକୁ ଏକ ନୂଆ ଘରକୁ ଯିବା ପୂର୍ବରୁ ସବୁପ୍ରକାର ନକାରାତ୍ମକତାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। ଅବଶ୍ୟ ଏବେ ଏଠାରେ ଏଭଳି ବିବାହ ବହୁତ କମ୍ ଦେଖିବାକୁ ମିଳୁଛି। ଏହା କେବଳ ପାହାଡ଼ିଆ ଘାଟି ଅଞ୍ଚଳରେ ଦେଖିବାକୁ ମିଳୁଛି।

# 'ଫୋର୍ସ ୩'ରେ ମୀନାକ୍ଷୀ

ଦୀର୍ଘ ନଅ ବର୍ଷ ପରେ ଜନ୍ ଅବ୍ରାହମ୍‌ଙ୍କ 'ଫୋର୍ସ' ସିରିଜ୍‌ର ତୃତୀୟ ଫିଲ୍ମ 'ଫୋର୍ସ ୩' ଆସିବାକୁ ଯାଉଛି। ୨୦୨୨ରେ ଜନ୍ 'ଫୋର୍ସ'ର ରାଇଟ୍ସ କିଣିବା ସହ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଖୁବ୍‌ଶୀଘ୍ର ଆଣିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମର ପ୍ରିପ୍ରଡକ୍ସନ କାମ ସରିଯାଇଛି। ଆସନ୍ତା ନଭେମ୍ବରରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଉଛି, ଏହାର ହିରୋଇନ୍‌ଙ୍କୁ ଇତିମଧ୍ୟରେ ଫାଇନାଲ କରାଯାଉଛି। ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ମିନାକ୍ଷୀ ଚୌଧୁରୀଙ୍କୁ ଏଥିରେ ନାୟିକା ପାଇଁ ଫାଇନାଲ କରାଯାଇଛି। ତେବେ ୨୮ ବର୍ଷୀୟା ମିନାକ୍ଷୀ ପ୍ରଥମ ଥର ପାଇଁ ୫୨ ବର୍ଷୀୟ ଜନ୍‌ଙ୍କ ସହ ପରଦା ଉପରେ ଏକାଠି ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ମୀନାକ୍ଷୀ ବଲିଉଡ୍‌ରେ ଡେବ୍ୟୁ କରିବେ। ଭବ ଧୂଲିଆଙ୍କ ନିର୍ଦ୍ଦେଶିତ 'ଫୋର୍ସ ୩' ଏକ ଆକ୍ସନ୍ ଭିତ୍ତିକ ଡ୍ରାମା ହେବ। ଜନ୍ ଏବେ ରାକେଶ ମାରିଆଙ୍କ ବାୟୋପିକ୍ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ଅକ୍ଟୋବର ଶେଷ ବେଳକୁ ସରିଯିବ। ଏହାପରେ ଜନ୍ 'ଫୋର୍ସ ୩'ର ସୁଟିଂ ଆରମ୍ଭ କରିବେ।




# କୁମାର ପୂର୍ଣ୍ଣିମା



**ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ କୁମାର ପୂର୍ଣ୍ଣିମା। ଏହା ଶରତ ପୂର୍ଣ୍ଣିମା ଭାବେ ମଧ୍ୟ ପରିଚିତ। ଏହିଦିନ ମା' ଲକ୍ଷ୍ମୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ। ଏହାକୁ ମୁଖ୍ୟତଃ କୁମାରୀ କନ୍ୟାମାନଙ୍କର ପର୍ବ ରୂପେ ବିବେଚନା କରାଯାଏ।**

କୁମାରୀମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହାକୁ ପାଳନ କରନ୍ତି। ଏହିଦିନ ପୂଜା କଲେ ଭଲ ବର ମିଳେ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଜହ୍ନ ଆସିଲେ କୁମାରୀ ମାନେ ଚାନ୍ଦ ପୂଜା କରନ୍ତି। ସେହିପରି ଏହିଦିନ ତୁଳସୀ ଚଉରା, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା କରାଯାଇ ଧନ, ଯଶ ଓ ପୌରୁଷ କାମନା କରାଯାଏ। ଅନ୍ୟପଟେ କୁମାରୀମାନେ ବଡ଼ି ଭୋରରୁ ଉଠି ସ୍ନାନକର୍ମ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ଏହାପରେ ବୃନ୍ଦାବତୀଙ୍କ ପାଖରେ ଆଞ୍ଜୁଳାରେ ସାତ ପ୍ରକାର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ଏହାକୁ ଆଞ୍ଜୁଳା ଟେକା କୁହାଯାଏ। ଏହାବାଦ୍ ଚଉରା ମୂଳ ଲିପି ଝୋଟିଚିତା ପକାନ୍ତି। ଖଇ, ଗୁଆ, କଦଳି, କସି କାକୁଡ଼ି, ନଡ଼ିଆ, ଜହ୍ନି, ଆଖୁ ଆଦି ଫଳ ଫୁଲ ପୂଜା କରାଯାଏ। ତେବେ ସନ୍ଧ୍ୟାରେ କୁମାରୀମାନେ ଏକତ୍ର ହୋଇ ଚଉରା ମୂଳେ ଚାନ୍ଦ ପୂଜା କରନ୍ତି। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର ଆଦି ମିଶାଇ ଚକଟା ପ୍ରସ୍ତୁତ କରାଯାଏ। ଏହାକୁ ଚାନ୍ଦ ଚକଟା କୁହାଯାଏ। ଏହି ଚକଟା ପୁନେଇଁ ଜହ୍ନରେ ଭୋଗ ଲାଗି ହୁଏ। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ଉପବାସ ଭାଙ୍ଗିଥାନ୍ତି। ପୂଜା ପରେ ଗାଁ ଗହଳିର ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି।




# ପବିତ୍ର କାର୍ତ୍ତିକ ମାସ

ଆରମ୍ଭ ହେବ ପବିତ୍ର କାର୍ତ୍ତିକ ମାସ। ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏଣୁ ଏହି ମାସ ତୁଳସୀ ଗଛ ଲଗାଇବାର ସର୍ବୋତ୍ତମ ସମୟ। ଏହି ମାସରେ ତୁଳସୀ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଘର ଅଗଣାର ମଝାମଝିରେ ତୁଳସୀ ଗଛ ଲଗାଇବା ଉଚିତ। ଏହାକୁ ଶୋଇବା ଘର ନଚେତ୍ ବାଲକୋନିରେ ଲଗାଇପାରିବେ। ପ୍ରାତଃକାଳରେ ତୁଳସୀ ଚଉଁରା ମୂଳେ ଜଳ ଅର୍ପଣ କରନ୍ତୁ ଏବଂ ଏହାର ଚତୁଃପାର୍ଶ୍ୱରେ ବେଢ଼ା କରନ୍ତୁ। ସେହିପରି କାର୍ତ୍ତିକ ମାସରେ ନିୟମିତ ସକାଳେ ଓ ସନ୍ଧ୍ୟାରେ ଘିଅ ଦୀପ ପ୍ରଜ୍ୱଳନ କରିବା ଉଚିତ। ତୁଳସୀ ପୂଜା ସମୟରେ ତୁଳସୀ ମନ୍ତ୍ର ଅବଶ୍ୟ ଉଚ୍ଚାରଣ କରନ୍ତୁ। ଏହାସହ ତୁଳସୀ ଚଉଁରାରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଶୁଭ ବୋଲି କୁହାଯାଏ। ମଙ୍ଗଳବାର ଦିନ ତୁଳସୀ ପତ୍ରକୁ ହନୁମାନଙ୍କଠାରେ ଲାଗି କଲେ ଧନ ପ୍ରାପ୍ତି ହୁଏ। ଅନ୍ୟପଟେ କାର୍ତ୍ତିକ ମାସରେ ଖାଦ୍ୟରେ ତୁଳସୀ ପତ୍ର ଉପଯୋଗ କଲେ ଘରେ ଶସ୍ୟର ଅଭାବ ରହେ ନାହିଁ।



## ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।**

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।



- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖିବା ବାସ୍ତୁ ସମ୍ମତ ନୁହେଁ।

# ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

**ଶିବନାରାୟଣ ମହାପାତ୍ର**

('ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ'ର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ' ନାମ କିଭଳି ହେଲା ସେ ସମ୍ପର୍କରେ କୁହାଯାଇଥିଲା। ଏଥର ପୁରଞ୍ଜନ ଉପାଖ୍ୟାନ ସମ୍ପର୍କରେ କୁହାଯାଇଛି)

ଉପାଖ୍ୟାନଟି ଏହିପରି:

ପୁରଞ୍ଜନ ଓ ଅଭିଜ୍ଞାତ ଦୁଇ ଜଣ ପରମ ମିତ୍ର ଥିଲେ ଏବଂ ସେମାନଙ୍କର ସମ୍ପର୍କ ଅତି ନିବିଡ ଥିଲା। ଅଭିଜ୍ଞାତ ସହିତ ମିଶିକରି ଥିବା ପର୍ଯ୍ୟନ୍ତ ପୁରଞ୍ଜନର ସମୟ ଅତି ସୁନ୍ଦର ଭାବରେ ଅତିବାହିତ ହେଉଥିଲା ଏବଂ ସେ ଆନନ୍ଦିତ ଥିଲା।

ଏକଦା ପୁରଞ୍ଜନର ସହର ଭ୍ରମଣ ପାଇଁ ଇଚ୍ଛା ହେଲା। ବିଭିନ୍ନ ସହର ପରିଭ୍ରମଣ କରି ପୁରଞ୍ଜନ ହିମାଳୟର ଦକ୍ଷିଣ ଦିଗରେ ଥିବା ଏକ ସହରରେ ପହଞ୍ଚିଲା। ସେହି ସହରରେ ନବଦ୍ୱାର ବିଶିଷ୍ଟ ଏକ ଦ୍ୱି ତଳ ପ୍ରାସାଦ ଦେଖିଲା। ସେହି ପ୍ରାସାଦ ରେ ଉପରେ ସାତ ଗୋଟି ଓ ତଳେ ଦୁଇ ଗୋଟି, ଏ ଭଳି ୯ ଗୋଟି ଦ୍ୱାର ଥିଲା। ସେହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ମଧ୍ୟ ଥିଲା।

ସେହି ପ୍ରାସାଦ ଭିତରେ ଜଣେ ସୁନ୍ଦରୀ କନ୍ୟା ବାସ କରୁ ଥିଲା - ତା'ର ନାମ ପୂରଞ୍ଜୀନୀ। ପୂରଞ୍ଜୀନୀଙ୍କୁ ପାଞ୍ଚ ଫଣା ବିଶିଷ୍ଟ ଏକ ସର୍ପ ଘେରି ରହି ଥିଲା। ପୂରଞ୍ଜୀନୀର ଦଶ ଜଣ ଅଙ୍ଗ ରକ୍ଷକ ଓ ଜଣେ ସେନାପତି ଥିଲେ। ପୂରଞ୍ଜୀନୀ ଦୁଇ ଚକ ବିଶିଷ୍ଟ ଏକ ରଥରେ ଭ୍ରମଣ କରୁଥିଲା ଓ ଏହାକୁ ପାଞ୍ଚଟି ଘୋଡା ଟାଣୁ ଥିଲେ।

ପୂରଞ୍ଜୀନୀ ଅବିବାହିତ ଥିଲା। ପୁରଞ୍ଜନଙ୍କୁ ଦେଖି ପୂରଞ୍ଜୀନୀ ବିବାହ ପ୍ରସ୍ତାବ ଦିଅନ୍ତେ ପୁରଞ୍ଜନ ଆଗ୍ରହ ସହକାରେ ପୂରଞ୍ଜୀନୀ ଙ୍କୁ ବିବାହ କଲା। ଉଭୟ ପୁରଞ୍ଜନ ଓ ପୂରଞ୍ଜୀନୀଙ୍କ ସମୟ ଅତି ଖୁସୀ ରେ ଅତିବାହିତ ହେଲା। ପୁରଞ୍ଜନ ପୂରଞ୍ଜୀନୀଙ୍କ ପ୍ରତି ଏତେ ବିମୋହିତ ହୋଇ ଗଲା ଯେ, ପୂରଞ୍ଜୀନୀ ଯାହା କହେ, ପୁରଞ୍ଜନ ବିନା ଦ୍ୱିଧାରେ ମାନି ଯାଏ। ପୂରଞ୍ଜୀନୀ ହସିବାକୁ କହିଲେ ପୁରଞ୍ଜନ ହସେ, ପୂରଞ୍ଜୀନୀ କାନ୍ଦିବାକୁ କହିଲେ ପୁରଞ୍ଜନ କାନ୍ଦେ।

ଏଇ ଭଳି ଭୋଗ ବିଳାସ ରେ ସମୟ ଅତିବାହିତ ହେଲା ଓ କାଳ କ୍ରମେ ପୁରଞ୍ଜନ ଓ ପୂରଞ୍ଜୀନୀ ଅନେକ ସନ୍ତାନ ସନ୍ତତିଙ୍କ ପିତା ମାତା ହେଲେ।

କିଛି କାଳ ଅତିବାହିତ ହେବ ପରେ ଜରା ନାମକ ଏକ ଅତି କଦର୍ଯ୍ୟ ଚେହେରା ବିଶିଷ୍ଟ ନରଙ୍କର ପୁରଞ୍ଜନଙ୍କ ଉପରେ ନଜର ପଡିଲା। ଜରା ପୁରଞ୍ଜନଙ୍କୁ ବିବାହ କରିବାକୁ ଚାହିଁଲା। ଜରାର ଚେହେରା ଏତେ କଦର୍ଯ୍ୟ ଥିଲା ଯେ ତାକୁ କେହି ବିବାହ କରୁ ନ ଥିଲେ। ଜରାର ଚଣ୍ଡବେଗ ନାମକ ଜଣେ ବନ୍ଧୁ ଥିଲା। ତା'ର ତିନିଶହ ପଞ୍ଚଷଠି ଜଣ ଧଳା ଓ ତିନିଶହ ପଞ୍ଚଷଠି ଜଣ କଳା ସୈନିକ ଥିଲେ। ଚଣ୍ଡବେଗ ସାହାଯ୍ୟରେ ଜରା ପୂରଞ୍ଜୀନୀ ଓ ପୁରଞ୍ଜନ ଙ୍କୁ ଆକ୍ରମଣ କଲା। ଏହି ଆକ୍ରମଣ ରେ ଉଭୟ ମୃତ୍ୟୁ ବରଣ କଲେ। ମାତ୍ର ପୁରଞ୍ଜନ ପୂରଞ୍ଜୀନୀ ପ୍ରତି ଏତେ ବିମୋହିତ ଥିଲେ ଯେ ମୃତ୍ୟୁ ବେଳେ ପୂରଞ୍ଜୀନୀକୁ ଝୁରି ଝୁରି ମୃତ୍ୟୁ ବରଣ କଲା। କୁହାଯାଏ, ମଣିଷ ଯାହାକୁ ଝୁରି ମୃତ୍ୟୁ ବରଣ କରେ, ସେହି ଯୋନିରେ ପରବର୍ତ୍ତୀ ଜନ୍ମ ପାଏ। ଏହି ସତ୍ୟରେ ପୁରଞ୍ଜନ ପରଜନ୍ମରେ ବିଦେହ ଦେଶର ରାଜାଙ୍କ କନ୍ୟା ଭାବରେ ଜନ୍ମ ନେଲା। ତା'ର ନାଁ ରହିଲା ବୈଧର୍ବୀ। ପରବର୍ତ୍ତୀ ଅବସ୍ଥାରେ ସେ ମଳୟ ଦେଶର ରାଜକୁମାର ମଳୟଧ୍ୱଜଙ୍କୁ ବିବାହ କଲା।

ଏକଦା ଶିକାର ଖେଳୁ ଖେଳୁ ମଳୟଧ୍ୱଜ ମୃତ୍ୟୁ ବରଣ କଲେ। ତତ୍କାଳିନ ପ୍ରଥା ଅନୁଯାୟୀ ବୈଧର୍ବୀ ମଳୟଧ୍ୱଜଙ୍କ ଚିତାରେ ସତୀ ହେବାକୁ ଚେଷ୍ଟା କରୁଥିବା ଅବସ୍ଥାରେ ଅଭିଜ୍ଞାତ ଆବିର୍ଭାବ ହେଲେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କର ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ। ପୁରଞ୍ଜନଙ୍କୁ ନିଜର ପରିଚୟ ଦେଇ ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଯିବାକୁ ଅନୁରୋଧ କଲେ।

ଇଏ ହେଲା ଉପାଖ୍ୟାନର ମାର୍ମିକ କଥା।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

## ମହିଳା ବିଶ୍ୱକପ୍‌ରେ କ୍ରାନ୍ତି ଗୌଡ ଓ ଦୀପ୍ତି ଶର୍ମାଙ୍କ ଚମତ୍କାର ବୋଲିଂ

# ପାକିସ୍ତାନକୁ ୮୮ ରନ୍‌ରେ ହରାଇଲା ଭାରତ

କଲମ୍ବୋ,୫ା୧୦(ସମିସ)

କ୍ରାନ୍ତି ଗୌଡ଼ (୩/୨୦), ଦୀପ୍ତି ଶର୍ମା (୩/୪୫) ଓ ସ୍ନେହ ରାଣା (୨/୩୮)ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ମହିଳା ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ୮୮ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ପଏଣ୍ଟ ଟେବଲର ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ପ୍ରଥମ ମ୍ୟାଚ୍‌ରେ ୭ ୱିକେଟରେ ବାଂଲାଦେଶଠାରୁ ହାରିଥିବା ପାକିସ୍ତାନ ଏଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୫୯ ରନ୍‌ରେ ଶ୍ରୀଲଙ୍କାକୁ ହରାଇଥିଲା। ବିଶାଖାପାଟଣାରେ ଅକ୍ଟୋବର ୯ ତାରିଖରେ ଭାରତ ତାହାର ତୃତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ।

ଏଠାରେ ବିବାଦୀୟ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୪୭ ରନ୍ କରିଥିଲା। ଦଳ ପକ୍ଷରୁ ହର୍ଲିନ ଦେଓଲ ସର୍ବାଧିକ ୪୬ ଓ ରିଚା ଘୋଷ ବିସ୍ଫୋରକ ୩୫ ରନ୍ କରି ଅପରାଜିତ ରହିଥିଲେ। ଜବାବରେ ୨୪୮ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୪୩ ଓଭରରେ ମାତ୍ର ୧୫୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୩ଜଣ ବ୍ୟାଟର ଡବଲ ଫିଗର ଛୁଇଁଥିଲାବେଳେ ସିଦ୍ରା ଅମିନ ଲଢୁଆ ବ୍ୟାଟିଂ କରି ସର୍ବାଧିକ ୮୧ ରନ୍ ଓ ନାତାଲିଆ ପରଭେଜ ୩୩ ରନ୍ କରିଥିଲେ। ଭାରତର କ୍ରାନ୍ତି ଗୌଡଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।



### ରେଫରିଙ୍କ ଲାଗି ଟସ୍ ଜିତିଲା ପାକିସ୍ତାନ

ଏହି ମ୍ୟାଚ୍‌ର ପ୍ରଥମ ଘଟଣା ଟସ୍‌କୁ ନେଇ ବିବାଦ ହୋଇଥିଲା। ଏଥିରେ ଭାରତ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଆମନ୍ତ୍ରଣ କରିଥିଲେ। ଭାରତ ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୮ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଉପଅଧିନାୟିକା ସ୍ମୃତି ମନ୍ଧାନା ୨୩ ରନ କରିଥିଲାବେଳେ ଫାତିମା ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମନ୍ଧାନାଙ୍କ ଆଉଟ ପରେ ଭାରତ ନିୟମିତ ୱିକେଟ ହରାଇଥିଲା। କିନ୍ତୁ ଦଳର ସମସ୍ତ ବ୍ୟାଟର କିଛି ନା କିଛି ରନ୍ କରିବା ଫଳରେ ସ୍କୋରବୋର୍ଡ ଆଗକୁ ବଢ଼ିଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ କରିବାରେ ସମର୍ଥ ହୋଇ ନ ଥିଲାବେଳେ ନଂ-୩ ହର୍ଲିନ ଦେଓଲ ସର୍ବାଧିକ ୪୬ ରନ୍ କରିଥିଲେ। ଓପନର ପ୍ରତୀକା ରାୱଲ ୩୧, ଅଧିନାୟିକା ହରମନ୍‌ପ୍ରୀତ କୌର ୧୯, ଜେମିମା ରୋଡ୍ରିଗ୍ୱେଜ୍ ୩୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ୧୫୯ ରନ୍‌ରେ ଦଳ ୫ମ ୱିକେଟ ହରାଇବା ପରେ ଭାରତର ସ୍କୋର ୨୦୦ ଭିତରେ ସୀମିତ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଅଲରାଉଣ୍ଡର ଦୀପ୍ତି ଶର୍ମା ୩୩ ବଲ୍‌ରେ ୨୫, ସ୍ନେହ ରାଣା ୨୦ ଓ ଶେଷ ଭାଗରେ ୱିକେଟ କିପର ରିଚା ଘୋଷ ଅପରାଜିତ ୩୫ ରନ୍ କରିବା ଫଳରେ ଦଳ ୨୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ରିଚା ମାତ୍ର ୨୦ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୫ ରନ୍ କରିଥିଲେ। ଶେଷ ଭାଗରେ କ୍ରାନ୍ତି ଗୌଡ଼ ୪ ବଲ୍‌ରୁ ୮ ରନ୍ କରିଥିଲେ ମଧ୍ୟ ଫାଷ୍ଟ ବୋଲର ଡାଏନା ବେଗ୍ ୨ଟି ୱିକେଟ ନେଇ ଭାରତର ରନ୍ ହାରକୁ ଅଟକାଇଥିଲେ।

ପାକିସ୍ତାନ ପକ୍ଷରୁ ଡାଏନା ସର୍ବାଧିକ ୪ଟି ୱିକେଟ ନେଇଥିଲେ। ସାଦିଆ ଇକ୍‌ବାଲ ଓ ଅଧିନାୟିକା ଫାତିମା ସାନା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ବିଜୟ ପରେ ପାକିସ୍ତାନ ବିପକ୍ଷରେ ଭାରତ ଅପରାଜେୟ ରେକର୍ଡ ବଜାୟ ରଖିଛି।

## ଖେଳକୁ ଅଟକାଇଲା ଟସ୍ ଓ ଧୂଆଁ

କଲମ୍ବୋ,୫ା୧୦(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମହିଳା ବିଶ୍ୱକପ୍ ମ୍ୟାଚ୍ ମଧ୍ୟ ପଡ଼ିଆ ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ଏହି ମ୍ୟାଚ୍‌ରେ ଟସ୍‌କୁ ନେଇ ପ୍ରଥମେ ଭୁଲ ବୁଝାମଣା ହୋଇଥିଲା। ଟସ୍ ପକାଇବାବେଳେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର ଟସ୍ ପକାଇଥିଲେ। ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଟେଲ କଲ କରିଥିଲେ ମଧ୍ୟ ମ୍ୟାଚ୍ ରେଫରି ସାନ୍ଦ୍ରେ ଫ୍ରିଜ୍ ହେଡ କଲ କରିଥିଲେ ବୋଲି କହିଥିଲେ। ଫଳରେ ଫ୍ରିଜ୍‌ଙ୍କ ଯୋଗୁଁ ଭାରତ ଟସ୍ ହାରିଥିଲା। ସେହିପରି ଖେଳ ମଝିରେ ପଡ଼ିଆରେ ପୋକ ଉଡିଥିଲେ। ଏହାକୁ ଘଉଡ଼ାଇବା ଲାଗି ଆୟୋଜକମାନେ ପଡ଼ିଆରେ ଧୂଆଁ ପ୍ରୟୋଗ କରିଥିଲେ। ଯାହା ଫଳରେ କିଛି ସମୟ ଖେଳ ବନ୍ଦ ରହିଥିଲା। ସେହିପରି ପାକିସ୍ତାନ ଇନିଂସରେ ବ୍ୟାଟିଂ କରୁଥିବା ମୁନିବା ଅଲିଙ୍କୁ କ୍ରାନ୍ତି ଗୌଡ଼ ବୋଲିଂରେ ଏଲ୍‌ବିଡବ୍ଲ୍ୟୁ ଆଉଟ ଲାଗି ଆବେଦନ କରିଥିଲେ। ଏହି ସମୟରେ ମୁନିବା କ୍ରିଜ୍‌ରେ ନ ଥିବା ଜାଣି ଦୀପ୍ତି ଶର୍ମା ୱିକେଟ ଭାଙ୍ଗିଦେଇଥିଲେ। ବଲ ଖେଳିବା ପରେ ମୁନିବା ପପିଙ୍ଗ୍ କ୍ରିଜ୍‌କୁ ଛୁଇଁଥିଲେ, କିନ୍ତୁ ଏହାକୁ ଅମ୍ପାୟାର ଦେଖି ନ ଥିଲେ। କିନ୍ତୁ ୱିକେଟକୁ ବଲ ହିଟ୍ କଲାବେଳେ ତାଙ୍କ ବ୍ୟାଟ୍ କିମ୍ବା ଗୋଡ଼ ପପିଙ୍ଗ୍ କ୍ରିଜ୍‌ରେ ନ ଥିଲା। ଏଣୁ ତାଙ୍କୁ ଆଉଟ ଦିଆଯାଇଥିଲା। ଏହାକୁ ବିରୋଧ କରି ଫାତିମା ସାନା ଖେଳାଳିଙ୍କୁ ବାହାରକୁ ଆସିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋଚ୍‌ଙ୍କ ପରାମର୍ଶ କ୍ରମେ ପାକିସ୍ତାନ ଖେଳାଳି ଏଥିରୁ ବିରତ ରହିଥିଲେ।



### ■ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍


## ୨୨ ପଦକ ସହ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

ନୂଆଦିଲ୍ଲୀ,୫ା୧୦(ଏଜେନ୍ସି): ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତ କ୍ୟାରିଅର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ କାଂସ୍ୟ ସହ ମୋଟ୍ ୨୨ ପଦକ ଜିତି ପଦକ ତାଲିକାର ୫ମ ସ୍ଥାନରେ ରହି ଏହି ମେଗା ଇଭେଣ୍ଟରୁ ଅଭିଯାନ ଶେଷ କରିଛି। ମହିଳା ୧୦୦ ମି ଟି୧୨ରେ ସିମରନ ଶର୍ମା, ପୁରୁଷ ହାଇଜମ୍ପ ଟି୪୭ରେ ନିଶଦ କୁମାର, ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍୬୪ରେ ସୁମିତ ଆଣ୍ଟିଲ, ପୁରୁଷ ଜାଭେଲିନ୍ ଏଫ୍ ୪୪ରେ ସନ୍ଦୀପ ସଞ୍ଜୟ ସାଗର, ପୁରୁଷ ଜାଭେଲିନ୍ ଏଫ୍୪୬ରେ ରିଙ୍କୁ ହୁଦା ଓ ପୁରୁଷ ହାଇଜମ୍ପ ଟି୬୩ରେ ଶୈଳେଶ କୁମାର ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏହି ଚାମ୍ପିଅନସିପ୍ ଗତ ୨୭ ତାରିଖରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୦୪ଟି ଦେଶରୁ ୨,୦୦୦ ଆଥଲେଟ୍ ଅଂଶଗ୍ରହଣ କରିଥିଲେ।



## ସିଡନୀ ଗ୍ରେଡ୍ କ୍ରିକେଟରେ ହରଜସ୍ ସିଂହଙ୍କ ବିସ୍ଫୋରକ ତ୍ରିଶତକ

ସିଡନୀ, ୫ା୧୦ (ଏଜେନ୍ସି): ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ କ୍ରିକେଟର୍ ହରଜସ୍ ସିଂହ ସିଡନୀ ଗ୍ରେଡ୍ କ୍ରିକେଟ୍‌ର ଏକ ମ୍ୟାଚରେ ବିସ୍ଫୋରକ ତ୍ରିଶତକୀୟ ପାଳି ଖେଳିଛନ୍ତି। ୱେଷ୍ଟର୍ଣ୍ଣ ସୁବୁରବର୍ସ ଦଳ ପକ୍ଷରୁ ଖେଳୁଥିବା ହରଜସ୍ ୧୪୧ ବଲରେ ୩୧୪ ରନ ସଂଗ୍ରହ କରିଥିଲେ। ୨୦ ବର୍ଷୀୟ ଏହି ଭାରତୀୟ ବଂଶୋଦ୍ଭବ ପଞ୍ଜାବୀ ଖେଳାଳି ତାଙ୍କ ତ୍ରିଶକୀୟ ପାଳିରେ ୩୫ଟି ଛକା ଓ ୧୪ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ୫୦ ଓଭରରେ ୫ ୱିକେଟ ହରାଇ ୪୮୩ ରନର ବିଶାଳ ସ୍କୋର କରିଥିଲା। ସିଡନୀ ଗ୍ରେଡ୍ କ୍ରିକେଟ୍ ଇତିହାସରରେ ଏହା ୩ୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ୧୯୦୩ ମସିହାରେ ଭିକ୍ଟର ଟ୍ରମ୍ପର ୩୩୫ ଓ ୨୦୦୭ରେ ଫିଲ୍ ହ୍ୟୁଗ୍ସ ୩୨୧ ରନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଦଳ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବାବେଳେ ହରଜସ୍ ଏଥିରେ ପ୍ରମୁଖ ସଦସ୍ୟ ରହିଥିଲେ।



### ରାଜମାତା ଜିଜାବାଇ ଟ୍ରଫି

## ଗୋଆକୁ ହରାଇଲା ଓଡ଼ିଶା

କଟକ,୫ା୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଇ ଟ୍ରଫି ଫାଇନାଲ ରାଉଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଓଡ଼ିଶା ୪-୨ ଗୋଲରେ ଗୋଆକୁ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ ୩ଟି ଗୋଲ ସ୍କୋର କରି ଓଡ଼ିଶା ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲା। ଅଧିନାୟିକା ପ୍ୟାରୀ ଖାଖା ୧୫ତମ ଏବଂ ୧୬ତମ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରିଥିଲେ। ୩୫ତମ ମିନିଟରେ ସତ୍ୟବତୀ ଖାଡିଆ ଦଳ ପାଇଁ ୩ୟ ଗୋଲ ଦେଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଆ ପକ୍ଷରୁ କରିସ୍ମା ପୁରୁଷୋତ୍ତମ ୫୬ ଏବଂ ୬୪ତମ ମିନିଟରେ ଦୁଇଟି ଗୋଲ ଦେବା ଯୋଗୁଁ ମ୍ୟାଚ୍‌ର ସ୍ଥିତି ୩-୨ରେ ପହଞ୍ଚିଥିଲା। ଅବଶିଷ୍ଟ ସମୟରେ ଗୋଆ ଗୋଟିଏ ଗୋଲ ସୁଝାଇ ପାରିନଥିବା ବେଳେ ଓଡ଼ିଶା ଅଧିନାୟିକା ପ୍ୟାରୀ ବ୍ୟକ୍ତିଗତ ୩ୟ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ପ୍ରକାଶଥାଉକି, ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ଠାରୁ ପରାସ୍ତ ହୋଇଛି। ୭ ତାରିଖରେ ଛତିଶଗଡ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।



## ରସେଲ ଜିତିଲେ ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁ ପ୍ରି

ସିଙ୍ଗାପୁର, ୫ା୧୦(ଏଜେନ୍ସି): ବ୍ରିଟେନର ମର୍ସିଡିଜ ଡ୍ରାଇଭର ଜର୍ଜ ରସେଲ ଏଥର ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁପ୍ରିରେ ଟାଇଟଲ ଜିତିଛନ୍ତି। ରବିବାର ସ୍ଥାନୀୟ ମେରିନା ବେ ସର୍କିଟରେ ଅନୁଷ୍ଠିତ ଚୂଡାନ୍ତ ରେସ୍‌ରେ ୨୭ ବର୍ଷୀୟ ରସେଲ ମ୍ୟାକ୍ସ ଭର୍ଷ୍ଟାପେନ ଓ ଲାଣ୍ଡୋ ନୋରିସ୍‌ଙ୍କୁ ପଛରେ ପକାଇ ଚଳିତ ସିଜନରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ମାତ୍ର ୫ ସେକେଣ୍ଡ ପାଇଁ ଭର୍ଷ୍ଟାପେନଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ରସେଲ ୧ ମିନିଟ୍ ୪୦:୨୨.୩୬୭ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ଭର୍ଷ୍ଟାପେନ ଅଧିକ ୫.୪୩୦, ମ୍ୟାକଲରେନ୍‌ର ଲଣ୍ଡୋ ନୋରିସ୍ ଅଧିକ ୬.୦୬୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ମ୍ୟାକଲରେନ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ଚତୁର୍ଥ ଓ ଇଟାଲୀର ମର୍ସିଡିଜ ଡ୍ରାଇଭର ଆନ୍ଦ୍ରିଆ କିମି ଆଣ୍ଟୋନେଲି ୫ମ ସ୍ଥାନରେ ରହିଥିଲେ।



## ପ୍ରଭସିମରନଙ୍କ ଶତକ: ଭାରତ-ଏ'ର ଦିନିକିଆ ସିରିଜ୍ କବ୍‌ଜା

କାନପୁର,୫ା୧୦ (ଏଜେନ୍ସି): ପ୍ରଭସିରନ ସିଂହଙ୍କ ଶତକ, ଶ୍ରେୟସ ଆୟର ଓ ରିୟାନ ପରାଗଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଦିନିକିଆରେ ଭାରତ-ଏ' ସଂଘର୍ଷ କରି ୨ ୱିକେଟରେ ଅଷ୍ଟ୍ରେଲିଆ-ଏ'କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ଦିନିକିଆ ସିରିଜ୍‌କୁ ଭାରତ-ଏ' ୨-୧ ବ୍ୟବଧାନରେ ଜିତିନେଇଛି। ପୂର୍ବରୁ ଦଳ ମଧ୍ୟ ଟେଷ୍ଟ ସିରିଜ୍ କବ୍‌ଜା କରିଥିଲା। ଏହି ମ୍ୟାଚ୍‌ରେ ପ୍ରଭସିରନ ସିଂହ ୬୮ ବଲ୍‌ରେ ୮ ଚୌକା ଓ ୭ଛକା ସହ ୧୦୨, ଅଧିନାୟକ ଶ୍ରେୟସ ଆୟର ଓ ରିୟାନ ପରାଗ ୬୨ ରନ୍ ଲେଖାଏଁ କରିବା ଫଳରେ ଅଷ୍ଟ୍ରେଲିଆ-ଏ' ପ୍ରଦତ୍ତ ୩୧୮ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ-ଏ' ୮ ୱିକେଟ ହରାଇ ସଂଗ୍ରହ କରିନେଇଥିଲା। ପୂର୍ବରୁ ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ଟି ଲେଖାଏଁ ୱିକେଟ ନେବା ସତ୍ତ୍ୱେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୩୧୭ ରନ୍ କରିଥିଲା।

## ଜାତୀୟ ହ୍ୱିଲ୍ ଚେୟାର ରଗବୀରେ ଟାଇଟଲ୍ ବଜାୟ ରଖିଲା ଓଡ଼ିଶା




ଭୁବନେଶ୍ୱର, ୫ା୧୦ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅକ୍ଟୋବର ୩ରୁ ୫ ତାରିଖ ଯାଏ ଚାଲିଥିବା ୭ମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛି। ଫାଇନାଲରେ ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ୧୬-୧୧ ସ୍କୋରରେ ରାଜସ୍ଥାନକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶା ଟାଇଟଲ୍ ବଜାୟ ରଖିବାରେ ମଧ୍ୟ ସଫଳ ହୋଇଛି। ଭାରତୀୟ ହ୍ୱିଲଚେୟାର ରଗବୀ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଦଳ ଟାଇଟଲ ଜିତିଥିଲା। ସୁରେନ୍ଦ୍ର ଜେନା ୧୦ ଜଣିଆ ଓଡ଼ିଶା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଉଦିତ ହରପାଲ୍ ମ୍ୟାନେଜର ଭାବେ ଗସ୍ତ କରିଥିଲେ।

**ଓଡ଼ିଶା ଦଳ**: ଲିଟନ ସାହୁ, ବିକ୍ରମାଦିତ୍ୟ ଜେନା, ପ୍ରଶାନ୍ତ ନାୟକ, ଗୌତମ ସିଂ, ସୁଜିତ କୁମାର ନନ୍ଦ, ଆକାଶ ବାଞ୍ଜୋର, ସୁଧୀର ମଲ୍ଲିକ, ମୁରଲି ବେନିଆନ।

### ପିକେ ରଥ ସ୍ମାରକୀ ଚେସ୍

## ଆୟୁଷ୍ମାନ ଚାମ୍ପିଅନ

ଭୁବନେଶ୍ୱର, ୫ା୧୦ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ଛାତ୍ର ଆୟୁଷ୍ମାନ ବେହେରା ୫ମ ପିକେ ରଥ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ୍ମାନ ଓ ବିଜେଇଏମ୍ ସ୍କୁଲ-୧ର ସାଇକ୍ରିଷ୍ଣା ସାମଲ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ଓ ସାଇକ୍ରିଷ୍ଣା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୟୁନିଟ୍-୮ ଡିଏଭି'ର ଦୁଇ ଭାଇ ଆତୀଶ ନନ୍ଦ ଓ ଆରିଶ ନନ୍ଦ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଖଣ୍ଡଗିରି ମଦର୍ସ ପବ୍ଲିକ ସ୍କୁଲ୍‌ର ପ୍ରୀତମ ହୋତା ମଧ୍ୟ ନନ୍ଦ ଭାଇଙ୍କ ସହ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ୫ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କେଭି-୧ର ବରିଷ୍ଠ ଶିକ୍ଷକ ପୁରୁଷୋତ୍ତମ ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



### ● ବିନୁ ମଙ୍କଡ଼ ଟ୍ରଫି

## ସମ୍ବିତଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୫ା୧୦(ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫି ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ୧୮ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ରାଜ୍ୟ ଜୁନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ନଟରାଜ ବେହେରା ଏବଂ ୧୯ବର୍ଷରୁ କମ୍ ବାଳକ ଦଳର ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲ୍ଲିକ ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ।

ଘୋଷିତ ୧୮ ଜଣିଆ ଦଳରେ ସମ୍ବିତ ବେଜ୍ ଅଧିନାୟକ ରହିଛନ୍ତି। ଦଳରେ ଶୁଭାଶିଷ ମଲ୍ଲିକ, ପାନକଳ ମୋକ୍ଷିତ(ୱିକେଟ କିପର), ଆୟୂଷ ଚାନ୍ଦ, ପ୍ରୟାନ ସାମଲ, ବିଶ୍ୱଜିତ ପ୍ରଧାନ, ଆଦିତ୍ୟ ଆନନ୍ଦ, ରୁଦ୍ରପ୍ରସାଦ ମଲ୍ଲିକ, ଅଭିରୂପ ଦାସ(ୱିକେଟ କିପର), ମୃତ୍ୟୁଞ୍ଜୟ ମହାପାତ୍ର(ୱିକେଟ କିପର), ପ୍ରିୟାଂଶୁ ମହାନ୍ତି, କ୍ରୀଷ୍ଣା ମହାନ୍ତି, ଶିବୁନ ନନ୍ଦ, ଜନ୍ମେଜୟ ଜେନା, ଅର୍ଣ୍ଣବ ଶତପଥୀ, ଦିବ୍ୟମ ଛପାଡିଆ, ପିୟୂଷ ମନ୍ତ୍ରୀ, ସୟଦ ଟି ଅହମ୍ମଦ ସ୍ଥାନ ପାଇଛନ୍ତି। ହରିୟାଣା ଲାହଲିସ୍ଥିତ ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଗୁଜରାଟ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

# ତୃତୀୟଥର ଲାଗି ଇରାନୀ କପ୍ ଜିତିଲା ବିଦର୍ଭ



ନାଗପୁର, ୫ା୧୦ (ଏଜେନ୍ସି)

ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଦଳକୁ ଆଉ ଏକ ବଡ଼ ସଫଳତା ମିଳିଛି। ଏଠାରେ ଅନୁଷ୍ଠିତ ଇରାନୀ କପ୍‌ରେ ଘରୋଇ ବିଦର୍ଭ ଚାମ୍ପିଅନ ହୋଇଛି। ଅକ୍ଷୟ ୱାଦକରଙ୍କ ନେତୃତ୍ୱାଧୀନ ବିଦର୍ଭ ୯୩ ରନରେ ଅବଶିଷ୍ଟ ଭାରତ ଦଳକୁ ପରାସ୍ତ କରିବା ସହ ୩ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ବିଦର୍ଭ ଏଥିପୂର୍ବରୁ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ କ୍ରମାଗତ ଭାବେ ଇରାନୀ କପରେ ଚାମ୍ପିଅନ ହୋଇଥିଲା। ବିଦର୍ଭର ପ୍ରଥମ ପାଳିରେ ୧୪୩ ରନର ମାରାଥନ ଶତକୀୟ ପାଳି ଖେଳିଥିବା ଅଥର୍ବ ତାଇଡେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ମ୍ୟାଚରେ ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୩୬୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଅବଶିଷ୍ଟ ଭାରତ ରବିବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଦ୍ୱିତୀୟ ପାଳିରେ ୨୬୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୟଶ ଧୁଲ ସର୍ବାଧିକ ୯୨ ରନ କରିଥିଲେ। ସେହିଭଳି ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ମାନବ ସୂତାର ୧୧୩ ବଲରେ ୫୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଅବଶିଷ୍ଟ ଭାରତ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟ୍‌କିପର ଇଶାନ କିଶାନ ୩୫, ଅଧିନାୟକ ରଜତ ପଟିଦାର ୧୦, ଅଭିମନ୍ୟୁ ଇଶ୍ୱରନ ୧୭ ରନ କରିଥିଲେ। ବୋଲିଂରେ ପ୍ରତିପକ୍ଷ ବିଦର୍ଭର ବୋଲର ହର୍ଷ ଦୁବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ସର୍ବାଧିକ ୪ଟି ଏବଂ ଆଦିତ୍ୟ ଠାକରେ ଓ ୟଶ ଠାକୁର ୨ଟି ଲେଖାଏ ୱିକେଟ ନେଇ ବିଦର୍ଭକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି ପାଞ୍ଚଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ପାଳିରେ ୩୪୨ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଅବଶିଷ୍ଟ ଭାରତ ୨୧୪ ରନରେ ସୀମିତ ରହିଥିଲା। ଏହାପରେ ୧୨୮ ରନରେ ଆଗୁଆ ଥିବା ବିଦର୍ଭ ୨ୟ ପାଳିରେ ୨୩୨ ରନରେ ଅଲଆଉଟ୍ ହୋଇଥିଲା। ଉଲ୍ଲେଖଯୋଗ୍ୟ, ରଣଜୀ ଚାମ୍ପିଅନ ହୋଇଥିବା ଦଳ ଏବଂ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଇରାନୀ କପ୍ ଖେଳାଯାଇଥାଏ।

### ସଂକ୍ଷିପ୍ତ ସ୍କୋର

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ**
୨୧୪ (ରଜତ ପାଟିଦାର-୬୬, ଅଭିମନ୍ୟୁ ଇଶ୍ୱରନ-୫୨, ୟଶ ଠାକୁର-୪/୬୬)।

**ବିଦର୍ଭ ପ୍ରଥମ ଇନିଂସ**
୩୪୨ (ଅର୍ଥବ ତାଇଡେ-୧୪୩, ୟଶ ରାଠୋଡ-୯୧, ଆକାଶଦୀପ-୩/୫୧)।

**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ**
୨୬୭ (ୟଶ ଧୂଳ ୯୨, ମାନବ ସୂତାର-୫୬ ନଟ୍‌ଆଉଟ, ହର୍ଷ ଦୁବେ-୪/୭୩)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS